R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୫
ତିଥି: ଏକାଦଶୀ
୦୯ ଅଗଷ୍ଟ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 305
09 August 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀ-ଏନ୍‌ସିଆର୍ ଗସ୍ତ ସମ୍ପନ୍ନ

# ୩୮ ଏମ୍‌ଓୟୁ, ୬୪, ୭୦୩ କୋଟି ନିବେଶ

ନୂଆଦିଲ୍ଲୀ, ୮।୮ : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ଅଭିଯାନ ଆଜି ଶିଳ୍ପଜଗତରୁ ଆଜି ବିପୁଳ ସମ୍ଭାବନା ସହିତ ସମାପ୍ତ ହୋଇଛି। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶାକୁ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ଗତକାଲି 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ବ୍ୟାପକ ସଫଳତା ପରେ



ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ (୯ ପୃଷ୍ଠାରେ)

**୪୬,୦୭୧ଙ୍କୁ ନିଯୁକ୍ତି ସୁଯୋଗ**

**ରୋଡ୍ ଶୋ'ରେ ୪୬ ଉଚ୍ଚସ୍ତରୀୟ ବୈଠକ**

**୨୦୮ ଶିଳ୍ପ ସଂସ୍ଥା ସହ ଆଲୋଚନା**

# ପାଣି ଛାଡ଼ିନି ପୁଣି ଘାରିଛି ବନ୍ୟା ଭୟ

ଭୁବନେଶ୍ୱର, ୮।୮ (ସବ୍ୟୁ) : ରାଜ୍ୟରେ ବୈତରଣୀ, ବ୍ରାହ୍ମଣୀ, ବୁଢାବଳଙ୍ଗ ଓ ମହାନଦୀର ଅବବାହିକାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏବେ ବି ପାଣି ଘେରରେ ଅଛନ୍ତି ବହୁ ପ୍ରପୀଡିତ । ସେମାନଙ୍କ ଦୁର୍ଦ୍ଦଶା ଥମିନଥିବା ବେଳେ ପୁଣି ଘୂର୍ଣ୍ଣିବଳୟ ବର୍ଷା ଲାଗି ରହିଛି । ଆଗକୁ ବି ଆଉ ଏକ ଲଘୁଚାପ ଆସୁଛି। ଫଳରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଭଲ ବର୍ଷା ହେବ । ବିଶେଷ କରି ଉତ୍ତର ଓଡିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଯାହାକୁ ନେଇ ବନ୍ୟା କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

ପାଣିପାଗ ବିଭାଗ କହିବାନୁସାରେ, ରାଜ୍ୟରେ ମୌସୁମୀ ବର୍ଷା ୮୦୦ ମିମି ଅତିକ୍ରମ କରିଛି । ଜୁନ୍ ୧ ତାରିଖଠାରୁ ଚଳିତ ମାସ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ

- ୧୭ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା
- ୧୨ ରୁ ଘୂର୍ଣ୍ଣିବଳୟ, ୧୪ରେ ଲଘୁଚାପ
- ଏବେ ସୁଦ୍ଧା ୮୩୬ ମିମି ବର୍ଷା ରେକର୍ଡ
- ସ୍ୱାଭାବିକ ୬୫୬ ମିମି, ୨୭% ଅଧିକ ବର୍ଷା

୮୩୬.୫ ମିମି ବର୍ଷା ରେକର୍ଡ କରାଯାଇଛି । ଯାହାକି ସ୍ୱାଭାବିକ ବର୍ଷା ୬୫୬.୮ ମିମି ତୁଳନାରେ ୨୭ ପ୍ରତିଶତ ଅଧିକ ରହିଛି । ରାଜ୍ୟରେ ମୌସୁମୀ ୪ ମାସ (ଚର୍ତୁମାସ)ରେ ସ୍ୱାଭାବିକ ବର୍ଷାର ପରିମାଣ ୧୧୫୦.୨ ମିମି ରହିବା କଥା । ଆଉ ପାଖାପାଖି ୨ ମାସ ବର୍ଷା ଋତୁ ବାକି ରହିଛି । ତେବେ ସ୍ୱାଭାବିକ ବର୍ଷା ଠାରୁ ଅଧିକ ବର୍ଷା ହେବା ଯୋଗୁ ବନ୍ୟା ପରିସ୍ଥିତି ଦେଖାଦେଇଛି ।

ଚଳିତ ବନ୍ୟାରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, (୯ ପୃଷ୍ଠାରେ)

# ଆଜିଠୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ

## ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ରାଶି ଅନୁଦାନ

ଭୁବନେଶ୍ୱର, ୮।୮ (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଆୟୋଜନ ହେବ ଘରେ ଘରେ ତ୍ରିରଙ୍ଗା ଅଭିଯାନ । ଆସନ୍ତାକାଲି(ରବିବାର) ଠାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ।

ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତସ୍ତର ଯାଏଁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ବହୁ ଆଡ଼ମ୍ବର ସହକାରେ (୯ ପୃଷ୍ଠାରେ)

# ଅନୀତା ଅଗ୍ନିହୋତ୍ରୀଙ୍କୁ ଚତୁର୍ଥ 'ସରଳା ଦେବୀ ପୁରସ୍କାର'

ଭୁବନେଶ୍ୱର,୮।୮ (ସବ୍ୟୁ): ଆସନ୍ତାକାଲି ଅଗଷ୍ଟ ୯ 'କ୍ରାନ୍ତି ଦିବସ'ରେ ମା' ସରଳା ଦେବୀଙ୍କର ୧୨୩ ତମ ରାଜ୍ୟସ୍ତରୀୟ ଜନ୍ମୋତ୍ସବ ପାଳନ ଲାଗି ରାଜ୍ୟ ସରକାର ପଦକ୍ଷେପ ନେଇଥିବାରୁ ସରଳାଦେବୀ ସ୍ମାରକୀ ନ୍ୟାସ, ଭୁବନେଶ୍ୱରଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ପ୍ରତିକୃତଜ୍ଞତା ଜ୍ଞାପନ କରାଯାଇଛି। ରାଜ୍ୟର ଏହି ପ୍ରଥମ ମହିଳା ରାଜବନ୍ଦିନୀ, ପ୍ରଥମ ନିର୍ବାଚିତ ମହିଳା ବିଧାୟିକା,



ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକାଙ୍କୁ ବିଗତ ସରକାରମାନେ ଭୁଲି ଯାଇଥିଲେ। ତେଣୁ ତାଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ସହିତ ଭୁବନେଶ୍ୱରରେ ତାଙ୍କର ପ୍ରଥମ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିଟିଏ ସ୍ଥାପନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଆଗ୍ରହ ପ୍ରକାଶ କରିଥିବାରୁ 'ସରଳାଦେବୀ ସ୍ମାରକୀ ନ୍ୟାସ' ଭୁବନେଶ୍ୱର ରାଜ୍ୟ ସରକାରଙ୍କୁ ଏହି ଦିଗରେ ସହଯୋଗ କରିଆସୁଅଛି। (୯ ପୃଷ୍ଠାରେ)

# ବିଜୟଙ୍କ ବୈଠକକୁ ଆସିଲେନି ୩୬ ସାଂସଦ

## ସୀମା ପୁନଃନିର୍ଦ୍ଧାରଣକୁ ବିରୋଧ କରିବ ଡିଏମ୍‌କେ

ନୂଆଦିଲ୍ଲୀ, ୮।୮ : ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ସର୍ବଦଳୀୟ ବୈଠକ ଡାକିଥିଲେ। ତାମିଲନାଡୁର ମୋଟ୍ ୫୭ ସାଂସଦଙ୍କ ମଧ୍ୟରୁ ବୈଠକକୁ ୩୭ ଜଣ ଆସିନଥିଲେ। ଡିଏମ୍‌କେ ଓ ଏଆଇଏଡିଏମ୍‌କେ ବୈଠକକୁ ବର୍ଜନ କରିବ ବୋଲି ଆଗରୁ କହିଥିଲା। ତେବେ ବୈଠକରେ ପ୍ରାୟ ୨୧ ସାଂସଦ ଉପସ୍ଥିତ ଥିଲେ। ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ନେଇ ରାଜ୍ୟର ଆଭିମୁଖ୍ୟ କ'ଣ ହେବ ସେ ନେଇ ଆଲୋଚନା କରିବା ପାଇଁ ଏହି ବୈଠକ ଡକାଯାଇଥିଲା।

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଉଭୟ ଲୋକସଭା ଓ ରାଜ୍ୟସଭାରେ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା (୯ ପୃଷ୍ଠାରେ)




## ଇତିହାସ

୧୮୩୧- ଆମେରିକାରେ ପ୍ରଥମକରି ଷ୍ଟିମ୍ ଇଞ୍ଜିନ୍ ଟ୍ରେନ୍ ଚାଲିଲା ।

୧୯୪୨- ଅଗଷ୍ଟ ୮ରେ ଭାରତ ଛାଡ ଆନ୍ଦୋଳନ ନିଷ୍ପତ୍ତି ନିଆଯିବା ପରେ ଏହାର ଆଗାମୀ ଦିନକୁ ଅଗଷ୍ଟ କ୍ରାନ୍ତି ଦିବସ ରୂପେ ପାଳନ କରାଗଲା ।

୧୯୪୨- ମହାତ୍ମା ଗାନ୍ଧୀଙ୍କୁ ବ୍ରିଟିଶ ସରକାରଙ୍କ ଗିରଫ କଲା ।

୧୯୪୨- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜାପାନ ସହାୟତାରେ ମାଲେସିଆରେ ଇଣ୍ଡିଆନ ନ୍ୟାସନାଲ୍ ଆର୍ମିର ସ୍ଥାପନା କଲେ ।

୧୯୪୫- ଜାପାନର ନାଗାସାକୀ ସହରରେ ଆମେରିକାର ପରମାଣୁ ବମ୍ ବିସ୍ଫୋରଣ ।

୧୯୬୩- ଋଷ ରାଜଧାନୀ ମସ୍କୋରେ ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣ ପ୍ରତିବନ୍ଧକ ଚୁକ୍ତି ଉପରେ ପ୍ରଥମ ଦେଶ ରୂପେ ଭାରତର ସ୍ୱାକ୍ଷର ।

୧୯୭୦- ଦେଶର ମହାନ ସ୍ୱତନ୍ତ୍ରତା ସେନାନୀ ତ୍ରୈଲୋକ୍ୟନାଥ ଚକ୍ରବର୍ତ୍ତୀଙ୍କ ପରଲୋକ ।

୧୯୭୧- ଭାରତ-ପାକିସ୍ତାନ ମୈତ୍ରୀ ଚୁକ୍ତି ସ୍ୱାକ୍ଷର ।

୧୯୯୬- ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଭାରତୀୟ କ୍ରିକେଟ ଟିମ୍‌ର କ୍ୟାପ୍ଟେନ ଚୟନ କରାଗଲା ।

୨୦୧୨- ଅଗ୍ନି ୨ ବାଲେଷ୍ଟିକ୍ ମିସାଇଲ୍‌ର ସଫଳ ପରୀକ୍ଷଣ ।

## ଅଗଷ୍ଟ କ୍ରାନ୍ତି ଦିବସ



ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଅଗଷ୍ଟ ୯ ତାରିଖକୁ 'ଅଗଷ୍ଟ କ୍ରାନ୍ତି ଦିବସ' ଭାବେ ପାଳନ କରାଯାଇଥାଏ। ୧୯୪୨ ମସିହାର ଏହି ଐତିହାସିକ ଦିନରେ ମହାତ୍ମା ଗାନ୍ଧୀଙ୍କ "କର ନଚେତ୍ ମର" ଡାକରା ଏବଂ 'ଭାରତ ଛାଡ଼' ଆନ୍ଦୋଳନ ସମଗ୍ର ଦେଶରେ ବ୍ରିଟିଶ୍ ଶାସନର ମୂଳଦୁଆ ଦୋହଲାଇ ଦେଇଥିଲା । ବମ୍ବେର ଗୋୱାଲିଆ ଟ୍ୟାଙ୍କ ମୈଦାନରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ଓଡ଼ିଶାରେ ମଧ୍ୟ ଏକ ପ୍ରଚଣ୍ଡ ଗଣବିପ୍ଳବର ରୂପ ନେଇଥିଲା। ଏହି କ୍ରାନ୍ତିରେ ଡ. ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ଲକ୍ଷ୍ମଣ ନାୟକଙ୍କ ଭଳି ମହାନ ନେତା ଓ ସଂଗ୍ରାମୀମାନଙ୍କ ନେତୃତ୍ୱରେ କୋରାପୁଟ, ବାଲେଶ୍ୱର, ଯାଜପୁର, ଇରମ୍, ମାଥିଲି ଓ ପାପଡ଼ାହାଣ୍ଡି ଭଳି ଗ୍ରାମାଞ୍ଚଳରେ ହଜାର ହଜାର ଜନତା ଆପ୍ରାଣ ସଂଗ୍ରାମ କରି ନିଜର ବଳିଦାନ ଦେଇଥିଲେ। ବ୍ରିଟିଶ୍ ସରକାରଙ୍କ ଗିରଫଦାରୀ ଓ ବର୍ବର ଅତ୍ୟାଚାର ସତ୍ତ୍ୱେ ଯୁବବର୍ଗ, ଛାତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ସକ୍ରିୟ ଭାଗିଦାରୀ ଏହି କ୍ରାନ୍ତିକୁ ଏକ ଶକ୍ତିଶାଳୀ ଗଣଆନ୍ଦୋଳନରେ ପରିଣତ କରିଥିଲା। ଯାହା ଭାରତକୁ ସ୍ୱାଧୀନତା ଆଡ଼କୁ ଆଗେଇ ନେବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

## ଆଜି ଜନ୍ମଦିନ



ଗଙ୍ଗାଧର ମେହେର
୯ଅଗଷ୍ଟ, ୧୮୬୨-
୪ ଏପ୍ରିଲ ୧୯୨୪




ସରଳା ଦେବୀ
୯ଅଗଷ୍ଟ, ୧୯୦୪-
୪ ଅକ୍ଟୋବର ୧୯୮୬

## ଝିଙ୍କାରୀର ଶବ୍ଦ ନଷ୍ଟକଲା ଶ୍ରବଣଶକ୍ତି

ଚୀନ୍‌ର ଏକ ଜଙ୍ଗଲକୁ କ୍ୟାମ୍ପିଂ ପାଇଁ ଯାଇଥିବା ଜଣେ ୧୮ ବର୍ଷୀୟ ଯୁବକ ଝିଙ୍କାରୀର ତୀବ୍ର ଶବ୍ଦ ହେତୁ ନିଜ ଶ୍ରବଣ ଶକ୍ତି ହରାଇବା ଘଟଣା ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଗତ ଜୁଲାଇ ମାସରେ ଜଙ୍ଗଲକୁ ଯାଇଥିବା ଏହି ଯୁବକ ଜଣକ ବିନା କୌଣସି ଇୟର ପ୍ରୋଟେକ୍ସନରେ କ୍ରମାଗତ ପ୍ରାୟ ୪ ଘଣ୍ଟା ଧରି ଝିଙ୍କାରୀମାନଙ୍କର ପ୍ରବଳ ଶବ୍ଦ ଶୁଣିଥିଲେ । ଯାହାପରେ ସନ୍ଧ୍ୟା ସୁଦ୍ଧା ତାଙ୍କ କାନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା ଏବଂ ମୋବାଇଲ୍ ରିଙ୍ଗଟୋନ୍, ଚଢ଼େଇଙ୍କ ରାବ କିମ୍ବା ଅନ୍ୟ କୌଣସି ଉଚ୍ଚ ଶବ୍ଦ ମଧ୍ୟ ଶୁଣାଯାଇ ନଥିଲା । ଡାକ୍ତରଙ୍କ ଅନୁଯାୟୀ, ଗୋଟିଏ ଝିଙ୍କାରୀର ଶବ୍ଦ କ୍ଷତି ପହଞ୍ଚାଏ ନାହିଁ, କିନ୍ତୁ ହଜାର ହଜାର ଝିଙ୍କାରୀ ଏକାଠି ଶବ୍ଦ କଲେ ତାହା ୮୫ ଡେସିବଲ୍‌ରୁ ଅଧିକ ହୋଇପାରେ । ଯାହା ଦୀର୍ଘ ସମୟ ଶୁଣିବା ଦ୍ୱାରା କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଥାଏ; ତେବେ ସଠିକ୍ ସମୟରେ ଡାକ୍ତରୀ ଚିକିତ୍ସା ଏବଂ ୧୪ ଦିନର ବିଶ୍ରାମ ପରେ ଯୁବକ ଜଣକ ନିଜର ଶ୍ରବଣ ଶକ୍ତି ପୁଣି ଫେରି ପାଇଛନ୍ତି ।



## ସୋସିଆଲ କୋଟ୍ସ



ବାପାଙ୍କ କଥା ମନେପକାଇ ଏବେ ବି ମୋ ହାତ ଗୋଡ ଥରୁଛି । ସଲମାନ ଖାନଙ୍କ ସହ ଦେଖାହେବାରେ ଇଚ୍ଛା ଅଛି । ବାପାଙ୍କ ପାଖରୁ ତାଙ୍କ ସମ୍ପର୍କରେ ଅନେକ କିଛି ଶୁଣିଛି ।
**ବିକ୍ରମାଦତ୍ୟ ରାଓ୍ୱତ, ପ୍ରଦୀପଙ୍କ ପୁଅ**



ଜେନ ଜେଡ ଯେତେବେଳେ ଏହି ଭାଷା ପ୍ରୟୋଗ କରୁଛନ୍ତି ତାହା ସେମାନଙ୍କ ଭାଷା ଭାବେ ଗଣା ଯାଉଛି । ହେଲେ ଆମେ ତାକୁ ବ୍ୟବହାର କଲେ ତାହା ଗାଳି ହୋଇ ଯାଉଛି ।
**ରଣବୀର ସୋରେ, ଅଭିନେତା**



ଜେନ ଜି ସରକାରଙ୍କର ମୁଖ୍ୟ ବଳ। ସେମାନଙ୍କ ଉପରେ ଆମକୁ ଗର୍ବ ହେଉଛି । ତେବେ କିଛି ଲୋକ ସେମାନଙ୍କ ନାଁକୁ ଖରାପ କରୁଛନ୍ତି ।
**କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ**

## ଉତ୍ତର ପାଇଁ ପ୍ରଶଂସା



'ଓରୁ ଅଦାର ଲଭ୍' ଫିଲ୍ମର ନିଜ ପ୍ରସିଦ୍ଧ ଆଖି ମାରିବା ଦୃଶ୍ୟରୁ ଚର୍ଚ୍ଚାକୁ ଆସିଥିବା ଅଭିନେତ୍ରୀ ପ୍ରିୟା ପ୍ରକାଶ ୱାରିୟର ନିକଟରେ 'କ୍ୟୁଟିକ୍ୟୁରା'ର ବ୍ରାଣ୍ଡ ଆମ୍ବାସଡର ଭାବେ ଏକ ପ୍ରମୋସନାଲ ଇଭେଣ୍ଟରେ ଯୋଗ ଦେଇଥିଲେ । ତେବେ ଏହି ସମୟରେ ତାଙ୍କ ପୋଷାକର ରଙ୍ଗକୁ ନେଇ ଜଣେ ୟୁଟ୍ୟୁବର ପଚାରିଥିବା ପ୍ରଶ୍ନ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି । ଇଭେଣ୍ଟରେ ପ୍ରିୟା କମଳା ରଙ୍ଗର ଡ୍ରେସ ପିନ୍ଧିଥିବାରୁ ଗଣମାଧ୍ୟମ ସହ କଥାବାର୍ତ୍ତା ସମୟରେ ୟୁଟ୍ୟୁବର ଜଣକ ଏହି ବିଶେଷ ରଙ୍ଗ ବାଛିବା ପଛର କାରଣ ଏବଂ କେରଳରେ ଜାରି ହୋଇଥିବା 'ଅରେଞ୍ଜ ଆଲର୍ଟ'ର କିଛି ପ୍ରଭାବ ଅଛି କି ବୋଲି ପଚାରିଥିଲେ । ଯାହାର ଉତ୍ତର ଦେଇ ପ୍ରିୟା "ପୋଷାକରେ ସମସ୍ୟା କ'ଣ" ବୋଲି ଓଲଟି ପ୍ରଶ୍ନ କରିବା ସହ ସେ ପ୍ରଚାର କରୁଥିବା ବ୍ରାଣ୍ଡର ଥିମ୍ ସହ ମେଳ ଖାଉଥିବାରୁ ଏହି ରଙ୍ଗ ବାଛିଛନ୍ତି ଏବଂ ଏହା ପଛରେ କୌଣସି ରାଜନୈତିକ କିମ୍ବା ଧାର୍ମିକ ସନ୍ଦେଶ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହି କଥାବାର୍ତ୍ତାର ଭିଡିଓ ଭାଇରାଲ ହେବା ପରେ ସମସ୍ତେ ଉକ୍ତ ପ୍ରଶ୍ନକୁ ଅନାବଶ୍ୟକ ଓ ଅନୁଚିତ ଦର୍ଶାଇ କୌଣସି ବ୍ୟକ୍ତିଙ୍କ ପୋଷାକର ରଙ୍ଗକୁ ରାଜନୈତିକ ବା ବୈଚାରିକ ଦୃଷ୍ଟିକୋଣ ସହ ଯୋଡ଼ାଯିବା ଉଚିତ ନୁହେଁ ବୋଲି ମତ ଦେଇଛନ୍ତି । ସେହିଭଳି ପ୍ରିୟାଙ୍କର ଏଭଳି ଶାଳୀନ ଓ ଶାନ୍ତ ଉତ୍ତରକୁ ବେଶ ପ୍ରଶଂସା କରିଛନ୍ତି ।

## ନିଆରା ଥେରାପି

ସ୍ୱାସ୍ଥ୍ୟ ଭଲ ରଖିବା ପାଇଁ ଚୀନ୍‌ରେ ଆଜିକାଲି ଲୋକମାନେ ନିଜକୁ ଗରମ ବାଲିରେ ବେକ କିମ୍ବା ଛାତି ଯାଏଁ ପୋତି ଏକ ଭିନ୍ନ ଥେରାପି ନେଉଥିବାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଯାହାକୁ ୮୦ କୋଟିରୁ ଅଧିକ ଥର ଦେଖାସରିଲାଣି। ଏହି ଗରମ ବାଲିରେ ନିଜ ଶରୀରକୁ 'ରିଚାର୍ଜ'



କରିବା ଦ୍ୱାରା କ୍ଳାନ୍ତି, ଆଳସ୍ୟ ଏବଂ ଶରୀର ଭିତରର 'ଆର୍ଦ୍ରତା' ବା 'ନମି' ଦୂର ହୁଏ ବୋଲି ଲୋକେ ଦାବି କରୁଛନ୍ତି । ସେହିଭଳି କିଛି ଲୋକ ଏହାର ବିକଳ୍ପ ଭାବେ 'କାନ୍ଦିବା ଥେରାପି' ମଧ୍ୟ ଆପଣାଉଛନ୍ତି । ଏହାସହ ପିଠିରେ ଖରା ସେକିବା, କପିଂ ଏବଂ ହର୍ବାଲ ଫୁଟ୍ ବାଥ୍ ପରି ଉପାୟ ଗୁଡ଼ିକ ମଧ୍ୟ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ପାରମ୍ପରିକ ଚୀନ୍ ଚିକିତ୍ସା ଅନୁଯାୟୀ ଶରୀରରେ ବୃଦ୍ଧି ପାଉଥିବା ଆଦ୍ରତା ବିଭିନ୍ନ ସମସ୍ୟାର କାରଣ ହୋଇଥାଏ, କିନ୍ତୁ ଡାକ୍ତରମାନଙ୍କ ମତରେ ବାଲିରେ ପୋତିହେବା କିମ୍ବା କାନ୍ଦିବା ଦ୍ୱାରା ଶରୀରରୁ ଆଦ୍ରତା ବାହାରିବାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ। ସେହିଭଳି ଅଧିକ ସମୟ ଖରା କିମ୍ବା ଗରମରେ ରହିବା ଦ୍ୱାରା ହିଟ୍ ଷ୍ଟ୍ରୋକ୍ ଏବଂ ଚର୍ମ ନଷ୍ଟ ହେବାର ବଡ଼ ବିପଦ ରହିଥାଏ, ତେଣୁ ଏଗୁଡିକ ସୁରକ୍ଷିତ ନୁହେଁ ବୋଲି ଡାକ୍ତରମାନେ ମତ ଦେଇଛନ୍ତି ।

## ପୁରି ରୋଲ୍

**ସାମଗ୍ରୀ-** ଚିକେନ,ଦହି, ମିଟ ମସଲା, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, କାଶ୍ମିରୀ ଚିଲି, ଧନିଆ ପତ୍ର, ପୋଦିନା ପତ୍ର, କଞ୍ଚା ଲଙ୍କା, ମଇଦା ।

**ପ୍ରସ୍ତୁତି-** ପ୍ରଥମେ ମଇଦାରୁ ପୁରି ତିଆରି କରି ନିଅନ୍ତୁ । ପୁରିକୁ ଟିକେ ବଡ ରଖିବେ । ଏହାପରେ ଚିକେନରେ ସମସ୍ତ ଗୁଣ୍ଡ ମସଲା, ଲୁଣ ଓ ଦହି ଦେଇ କିଛି ସମୟ ପାଇଁ ମାରିନେଟ କରି ରଖନ୍ତୁ । ଏହାପରେ ପ୍ୟାନରେ ଅଳ୍ପ ତେଲ ଦେଇ ଏହି ଚିକେନକୁ ଅଳ୍ପ ଆଞ୍ଚରେ ସିଝିବାକୁ ଦିଅନ୍ତୁ । ଚିକେନ ସିଝିବା ପରେ ଏହାକୁ ଭାଜି ନିଅନ୍ତୁ । ଏହାପରେ ପୋଦିନା ପତ୍ର ଓ ଧନିଆ ପତ୍ର କଞ୍ଚା ଲଙ୍କା, ଲୁଣ ଦେଇ ଏକ ଚଟଣି ପ୍ରସ୍ତୁତ କରନ୍ତୁ । ବର୍ତ୍ତମାନ ଏହି ପୁରିରେ ପ୍ରଥମେ ଉକ୍ତ ଚଟଣି ଦିଅନ୍ତୁ, ତାପରେ ଏଥିରେ ଚିକେନ ପୁର ଦେଇ ରୋଲ ଭଳି ଗୁଡାଇ ନିଅନ୍ତୁ, ପ୍ରସ୍ତୁତ ହୋଇଯିବ ପୁରି ରୋଲ ।





**ମେଷ:** ଶୁଭ ଖବର, ବିବାଦ ସମାଧାନ, ଅର୍ଥ ସମସ୍ୟା ଦୂର, ପାରିବାରିକ ସାହାଯ୍ୟ, ମାନସିକ ଶାନ୍ତି, ଯାତ୍ରାରେ ବିଳମ୍ବ, ଶରୀର ସୁସ୍ଥ, ଅଳ୍ପ ଶତ୍ରୁ ସମସ୍ୟା। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ।

**ବୃଷ:** କାର୍ଯ୍ୟରେ ବାଧା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଲୋକସମ୍ପର୍କ ବୃଦ୍ଧି, ସ୍ୱଜନ ବିରୋଧ, ଦୂରଯାତ୍ରା ସଫଳ, ଶତ୍ରୁ ସମସ୍ୟା, ଶୁଭ ଆଲୋଚନା, ଦାମ୍ପତ୍ୟ ଖୁସି। ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭବାନ।

**ମିଥୁନ:** ଶୁଭ ଖବର, ଭୂସମ୍ପତ୍ତି ଲାଭ, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ମାନସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ଗୁପ୍ତ ଶତ୍ରୁ ଲାଗି ଚିନ୍ତିତ, ସନ୍ତାନ ସୁଖ, ବିଦ୍ୟାରେ ସଫଳ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୧୦, ଆରାଧନା- ଗଣେଶ ଭଗବାନ।

**କର୍କଟ:** ଅଯଥା ଖର୍ଚ୍ଚ, ବ୍ୟବସାୟରେ ସାମାନ୍ୟ ଲାଭ, ନୂତନ କାର୍ଯ୍ୟ ଲାଗି ଦୂର ଯାତ୍ରା, ଦେବଦର୍ଶନ, ବିବାଦ ସମାଧାନ, ଦାମ୍ପତ୍ୟ ଲାଭ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଲାଲ୍, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ।

**ସିଂହ:** ଶୁଭ ଖବର, ବ୍ୟବସାୟରେ ଉନ୍ନତି, କର୍ମକ୍ଷେତ୍ରରେ ଖୁସି, ଶାରୀରିକ ସୁସ୍ଥ, ଗଠନମୂଳକ କାର୍ଯ୍ୟରେ ପ୍ରଶଂସା, ଯାତ୍ରା ସଫଳ, ମାନସିକ ଶାନ୍ତି। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ।

**କନ୍ୟା:** ଆୟରେ ଉନ୍ନତି, ପାରିବାରିକ ଖୁସି, ବିଶିଷ୍ଟ କାର୍ଯ୍ୟରେ ଧନ ବ୍ୟୟ, ସମ୍ପର୍କରେ ସୁଧାର, ଦୂର ଯାତ୍ରାରେ ସତର୍କ, ଶତ୍ରୁ ପରାଜିତ, ସ୍ୱାଦିଷ୍ଟ ଭୋଜନ, ସନ୍ତାନ ସମସ୍ୟା, ଦାମ୍ପତ୍ୟ ଖୁସି। ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ।

**ତୁଳା:** ଭୟ କରନ୍ତୁ ନାହିଁ, ସମସ୍ୟା ଅଳ୍ପ ସମାଧାନ, ବ୍ୟବସାୟରେ କଷ୍ଟ, ଋଣ କରିପାରନ୍ତି, ଦାମ୍ପତ୍ୟ କଳହ, ବନ୍ଧୁ ସହଯୋଗ, ଶୁଭ ଆଲୋଚନା, ବିଦ୍ୟାରେ ଉନ୍ନତି। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ।

**ବିଛା:** ଯାତ୍ରାରେ ସତର୍କ, ଶାରୀରିକ କଷ୍ଟ, କିଛି ବିବାଦ ସମାଧାନ, ଅର୍ଥ ଲାଭ, ଶତ୍ରୁ ସମସ୍ୟା, ହେବା କାର୍ଯ୍ୟ ବିଳମ୍ବ, ସନ୍ତାନ ସୁଖ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ନୃସିଂହ ଭଗବାନ।

**ଧନୁ:** ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ବିବାଦ ସମାଧାନ, ଦୂର ଯାତ୍ରା ସଫଳ, ଦ୍ରବ୍ୟ ଲାଭ, ବନ୍ଧୁ ଲାଭ, ଦାମ୍ପତ୍ୟ ସୁଖ, ମାନସିକ ଶାନ୍ତି। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା- ମା' କୁତାମଚଣ୍ଡୀ।

**ମକର:** ଦ୍ରବ୍ୟ ଲାଭ, ଶୁଭ ଆଲୋଚନା, ଯାତ୍ରାରେ ଲାଭ, ବହୁଦିନର ଆଶା ପୂରଣ, ଅତିଥି ସତ୍କାର, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ଶାରୀରିକ ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ବାଣିଜ୍ୟ ଲାଭ। ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୭, ଆରାଧନା- ମହାଲକ୍ଷ୍ମୀ।

**କୁମ୍ଭ:** ଅର୍ଥ ସମସ୍ୟା, ଶୁଭ କାର୍ଯ୍ୟରେ ବିଳମ୍ବ, ଅଯଥା ବିବାଦ, ମାନସିକ ଶାନ୍ତି, ଗୃହେ ଉତ୍ସବକୁ ନେଇ ଚିନ୍ତା, ବନ୍ଧୁ ସମସ୍ୟା, ଶାରୀରିକ କଷ୍ଟ, ଦାମ୍ପତ୍ୟ ସୁଖ। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ।

**ମୀନ:** ଶରୀରିକ ସୁସ୍ଥ, ଶୁଭ କାର୍ଯ୍ୟରେ ଧନବ୍ୟୟ, ଉତ୍ସବକୁ ନେଇ ବ୍ୟସ୍ତତା, ଲୋକସମ୍ପର୍କରେ ବୃଦ୍ଧି, ବିବାଦରେ ଫସିପାରନ୍ତି, ସ୍ୱାଦିଷ୍ଟ ଭୋଜନ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ବିମଳା।

**ଶ୍ରାବଣ କୃଷ୍ଣପକ୍ଷ ଏକାଦଶୀ**
**୯.୮.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮




ନୋଇଡା ଠାରେ ଥିବା ହାୟର କମ୍ପାନୀର ମ୍ୟାନୁଫ୍ୟାକ୍ଚର ୟୁନିଟ୍‌କୁ ବୁଲି ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।




ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଭୂତ ବଙ୍ଗଳା ହତ୍ୟା : ଭଉଣୀ ସିନ୍ଦୂର ପୋଛିଲା ଭାଇ

ଭୁବନେଶ୍ୱର, (ସବ୍ୟୁ) : ଭୂତ ବଙ୍ଗଳା ହତ୍ୟାକାଣ୍ଡରେ ବିଧବା ହୋଇଥିବା ଏତଲାକାରିଣୀ ମହିଳାଙ୍କ ସିନ୍ଦୂର ପୋଛିଛି ତାଙ୍କ ନିଜ ଭାଇ ଅଭିଯୁକ୍ତ ବାପି ଓରଫ ବ୍ରଜକିଶୋର ଭୋଇ । ଚନ୍ଦକା ଥାନା ଅନ୍ତର୍ଗତ ପାଇକରାପୁର ଗାଁ ମୁଣ୍ଡରେ ଅର୍ଦ୍ଧ ନିର୍ମିତ ତିନିମହଲା ବଙ୍ଗଳା ଆଜକୁ ୩୫ ବର୍ଷ ହେବ ମୁକୁଳା ପଡ଼ିଛି । ନିର୍ମାଣ କାର୍ଯ୍ୟ ସରିବା ପରେ ମୁଖ୍ୟ ଫାଟକରେ ଏକ ବିଶାଳ ଗେଟ୍ ଲାଗିଛି । ସେହି ଗେଟ୍‌ରେ ମଧ୍ୟ ତାଲା ପଡୁନାହିଁ । ୩୫ ବର୍ଷ ହେବ ଘର ମୁକୁଳା ପଡ଼ିବାର କାରଣ ଘର ନିର୍ମାଣ କରିଥିବା ଦମ୍ପତିଙ୍କ ମୃତ୍ୟୁ ହେବାପରେ କେହି ଉତ୍ତରାଧିକାରୀ ସେଠାକୁ ଆସୁନାହାନ୍ତି । ସେହି ବଙ୍ଗଳାର ଛାତ ଉପରେ ଧଳା ଲୁଗା ପିନ୍ଧି ଜଣେ ମହିଳା ରାତିରେ ବୁଲୁଥିବା ଲୋକେ ଦେଖିବା ପରେ ଭୂତ ଚର୍ଚ୍ଚା ସେହି ଅଞ୍ଚଳରେ ଜୋର ଧରିଛି । ବେଳେବେଳେ ପାଉଜି ଝୁମୁଝୁମୁ କରି କେହି ଜଣେ ଗଲା ପରି ସେହି ବଙ୍ଗଳା ଭିତରୁ ଶବ୍ଦ ଶୁଣାଯାଏ ବୋଲି ଗାଁ ଲୋକେ କୁହନ୍ତି । ଭୟରେ ସେହି ବଙ୍ଗଳା ପାଖକୁ କେହି ଯାଆନ୍ତି ନାହିଁ ।

ଚଳିତ ମାସ ୧ ତାରିଖ ରାତିରେ ଚାରିଜଣ ଯୁବକ ସେହି ବଙ୍ଗଳା ଭିତରକୁ କେଉଁ ଉଦ୍ଦେଶ୍ୟରେ କ'ଣ ପାଇଁ ଯାଇ ଶୋଇଥିଲେ, ତାହା ସ୍ପଷ୍ଟ ହୋଇନାହିଁ । ସେମାନେ ଭୂତ ବଙ୍ଗଳା ଭିତରେ ଶୋଇଥିବାବେଳେ ହତ୍ୟାକାଣ୍ଡର ଅଭିଯୁକ୍ତ ବାପୀ ଓରଫ ବ୍ରଜକିଶୋର ଭୋଇ ସେଠାରେ ପହଞ୍ଚି ଠେଙ୍ଗାରେ ସମସ୍ତଙ୍କୁ ପିଟିଥିଲା । ବାପୀ ଆକ୍ରମଣରେ ୪ଜଣ ଯାକ ଆହତ ହୋଇଥିବାବେଳେ ତା' ଭିଣୋଇ ମୋହିନୀ ଦାସ ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ବାପୀର ଭଉଣୀ କବିତା ଦାସଙ୍କ ଏତଲା ଆଧାରରେ ବାପୀ ଓରଫ ବ୍ରଜକିଶୋର ଭୋଇକୁ ଚନ୍ଦକା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେହି ଅଞ୍ଚଳର ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଭଉଣୀ ସିନ୍ଦୂର ପୋଛିଲା ଭାଇ । ଘଟଣା ଦିନ ବାପୀ ସେମାନଙ୍କୁ ମାଡ଼ ମାରିବା ପରେ ଆତ୍ମହତ୍ୟା ରୂପ ଦେବାପାଇଁ ଚେଷ୍ଟା କରିଥିଲା । ଭିଣୋଇ ମୋହିନୀ ଭୂତ ବଙ୍ଗଳା ଛାତ ଉପରେ ଠିଆ ହୋଇଥିବାବେଳେ ତାଙ୍କୁ ଭୂତ ଠେଲିଦେବାରୁ ସେ କୋଠାରୁ ପଡ଼ିଯାଇ ଗୁରୁତର ହୋଇଛନ୍ତି ବୋଲି ଅଭିଯୁକ୍ତ ବାପୀ ପ୍ରଚାର କରାଇଥିଲା । ମୋହିନୀଙ୍କ ମୃତ୍ୟୁ ହେବାପରେ ବ୍ୟବଚ୍ଛେଦ ରିପୋର୍ଟରୁ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବାରୁ ପୋଲିସ ହତ୍ୟା ମାମଲା ରୁଜୁ କରିବା ପାଇଁ ବାପୀର ଭଉଣୀ କବିତାଠାରୁ ଏତଲା ଗ୍ରହଣ କରିଥିଲା । ଏତଲା ଅନୁଯାୟୀ ଅଭିଯୁକ୍ତକୁ ଗିରଫ କରାଗଲା ବୋଲି ପୋଲିସ କହିଛି । ସେହି ବଙ୍ଗଳାରେ ଅପରାଧିକ କାର୍ଯ୍ୟ ହେଉଥିବାରୁ ଚନ୍ଦକା ଥାନା ପୋଲିସ ମୁଖ୍ୟ ଫାଟକରେ ତାଲା ପକାଇଛି । କାରଣ ସେହି ବଙ୍ଗଳା ଚତୁର୍ପାଶ୍ୱର୍ ବିଶାଳ ପ୍ରାଚୀର ନିର୍ମାଣ ହୋଇଥିବାରୁ ଗେଟ୍ ତାଲା ପଡ଼ିବା ପରେ ତା' ଭିତରକୁ ଆଉ କେହି ଯାଇପାରିବେ ନାହିଁ ବୋଲି ପୋଲିସ କହିଛି ।

# କ୍ଷୀର ଭ୍ୟାନ୍‌ରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦେଶୀ ମଦ ଜବତ, ଡ୍ରାଇଭର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଆଠଗଡ଼ ଅଞ୍ଚଳରୁ ରାଜଧାନୀକୁ କ୍ଷୀର ଭ୍ୟାନ୍‌ରେ ଦେଶୀ ମଦ ଚାଲାଣ ହେଉଥିବା ଖବର ପାଇ ଭୁବନେଶ୍ୱର ଅବକାରୀ ଟିମ୍ ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ଜଗି ରହିଥିଲା । ପଟିଆ ଅଭିମୁଖେ ଧଳା ରଙ୍ଗର କ୍ଷୀର ଭ୍ୟାନ୍ ଯାଉଥିବାବେଳେ ଶନିବାର ଭୋର ସମୟରେ ଜାଭିୟର ଛକରେ ଅବକାରୀ ଟିମ୍ ଗାଡ଼ିକୁ ଅଟକାଇଥିଲା । ଡ୍ରାଇଭର ସେକ୍ ଇସ୍‌ଲାମ ଖାନ୍‌କୁ କାବୁ କରି ଯାଞ୍ଚ କରିବା ବେଳକୁ ଗାଡ଼ି ଭିତରୁ ପେଟିପେଟି ଦେଶୀ ମଦ ମିଳିଥିଲା । ଜବତଳ ମଦର ମୂଲ୍ୟ ୨ଲକ୍ଷ ୧୬ହଜାର ଟଙ୍କା ହେବ ବୋଲି ଅବକାରୀ ଟିମ୍ ଆକଳନ କରିଛି । ଗାଡ଼ିରୁ ୧୦୮୦ ଲିଟର ଦେଶୀ ମଦ ଅବକାରୀ ଟିମ୍ ଜବତ କରିବା ପରେ ଡ୍ରାଇଭରକୁ ଗିରଫ କରିଥିଲା । ଏହି ଦେଶୀ ମଦକୁ କ୍ଷୀର ଭ୍ୟାନ୍‌ରେ ଡ୍ରାଇଭର ଇସ୍‌ଲାମ ଭୁବନେଶ୍ୱର ଗଳିକନ୍ଦି ବସ୍ତିକୁ ଯାଇ ଖୁଚୁରା ବିକ୍ରେତାଙ୍କୁ ମଦ ଯୋଗାଇଥାଏ । ଦୀର୍ଘଦିନ ହେବ କ୍ଷୀର ଭ୍ୟାନ୍‌ରେ ଦେଶୀ ମଦ ରାଜଧାନୀରେ ସେ କାରବାର କରୁଥିଲା । ଡ୍ରାଇଭର ପଛରେ କେଉଁ ନିଶା ମାଫିଆଙ୍କ ହାତ ରହିଛି, ସେ ସମ୍ପର୍କରେ ଅବକାରୀ ଟିମ୍ ସୂଚନା ପାଇଥିଲେ ମଧ୍ୟ ତାକୁ ଗିରଫ କରାଯାଇ ନାହିଁ । ଅବକାରୀ ଟିମ୍ କହିବା ଅନୁଯାୟୀ, ଭୁବନେଶ୍ୱରକୁ ଦେଶୀ ମଦ ଚାଲାଣ କରୁଥିବା ମାଫିଆଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ । ହିନ୍ଦୀ ସିନେମା "ପୁଷ୍ପା'ରେ ଯେପରି କ୍ଷୀର ଭ୍ୟାନ୍ ଭିତରେ ଗଞ୍ଜେଇ ଚାଲାଣ ହେବାର ଦୃଶ୍ୟ ପ୍ରତୀୟମାନ ହେଉଥିଲା, ସେହିପରି ଭୁବନେଶ୍ୱରରେ କ୍ଷୀର ଭ୍ୟାନ୍‌ରେ ଦେଶୀ ମଦ କାରବାର ହେଉଛି ।

# ବନ୍ଦେ ଭାରତ ଏକ୍ସପ୍ରେସରୁ ନାବାଳିକା ଉଦ୍ଧାର

କଟକ,(ସବ୍ୟୁ): ବନ୍ଦେ ଭାରତ ଏକ୍ସପ୍ରେସରୁ ଜଣେ ନାବାଳିକାକୁ ଆର୍‌ପିଏଫ ଉଦ୍ଧାର କରିଛି । ସାବତ ମାଆର ନିର୍ଯାତନା ସହିନପାରି ନାବାଳିକା ଜଣକ ଘର ଛାଡି ପଳାଇଆସିଥିଲେ । ଆରପିଏଫ୍ ନାବାଳିକାକୁ ଉଦ୍ଧାର କରି ଚାଇଲ୍ଡ ଲାଇନ ଜିମା ଦେଇଛି ।

ଶନିବାର ମଧ୍ୟାହ୍ନରେ କୋଲକତା ଅଭିମୁଖେ ଯାଉଥିବା ପୁରୀ-ହାୱଡା ବନ୍ଦେ ଭାରତ ଏକ୍ସପ୍ରେସରେ ଜଣେ ନାବାଳିକା ଏକୁଟିଆ ଯାତ୍ରା କରୁଥିଲେ । ଏ ସମ୍ପର୍କରେ ସୂଚନା ପାଇବାମାତ୍ରେ କଟକ ରେଳ ଷ୍ଟେସନରେ ଆରପିଏଫ କର୍ମଚାରୀ ସଜାଗ ହୋଇଥିଲେ । ଦିନ ପ୍ରାୟ ୩ଟା ୧୫ ମିନିଟରେ ଟ୍ରେନ୍‌ଟି କଟକ ଷ୍ଟେସନରେ ପହଞ୍ଚିବା କ୍ଷଣି ଆର୍‌ପିଏଫ କର୍ମଚାରୀ ଟ୍ରେନ ଭିତରୁ ଉକ୍ତ ନାବାଳିକାକୁ ଉଦ୍ଧାର କରି ଆଣିଥିଲେ । ପଚରାଉଚରା ସମୟରେ ନାବାଳିକା ଜଣକ ନିଜର ପରିଚୟ ଓ ଠିକଣା କହିଥିଲେ । ୧୧ ବର୍ଷୀୟ ନାବାଳିକାର ଘର ପୁରୀ ବାଶେଳି ସାହି ଥାନା ଅନ୍ତର୍ଗତ ହରଚଣ୍ଡୀ ସାହିରେ । ଘରେ ସାବତ ମା' ତାଙ୍କୁ ବହୁତ ମାର୍‌ପିଟ କରୁଥିଲେ । ନିର୍ଯାତନାରେ ଅତିଷ୍ଠ ହୋଇ ସେ ଘର ଛାଡିବାକୁ ନିଷ୍ପତ୍ତି ନେଇଥିଲେ । ଆଉ ଶନିବାର ମଧ୍ୟାହ୍ନରେ ଘରେ କାହାରିକୁ କିଛି ନଜଣାଇ ଟ୍ରେନ ବସି ପଳାଇ ଆସିଥିବା ନାବାଳିକା ଜଣକ ଆରପିଏଫ୍ କର୍ମଚାରୀଙ୍କୁ ଜଣାଇଥିଲେ । ଏନେଇ ଚାଇଲ୍ଡ ଲାଇନକୁ ସୂଚନା ଦିଆଯାଇଥିଲା । ତତ୍‌ସହିତ ନାବାଳିକାର ଖାଦ୍ୟ, ପାନୀୟ ବ୍ୟବସ୍ଥା କରାଯାଇଥିଲା । କିଛି ସମୟ ପରେ ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚିବା ପରେ ତାଙ୍କୁ ଉଦ୍ଧାର ନାବାଳିକାକୁ ହସ୍ତାନ୍ତର କରାଯାଇଛି । ଘଟଣା ସମ୍ପର୍କରେ ଆର୍‌ପିଏଫ ପକ୍ଷରୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଅବଗତ କରାଯିବା ସହିତ ନାବାଳିକାର ଉପଯୁକ୍ତ ଥଇଥାନ ଏବଂ ଭବିଷ୍ୟତ ପାଇଁ ପରବର୍ତ୍ତୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

### "ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଅଭିଯାନ ଆରମ୍ଭ

# ୨୨ରେ ଭୁବନେଶ୍ୱର ଜାତୀୟ ଗରିମା ସମ୍ମିଳନୀ

ଭୁବନେଶ୍ୱର(ସବ୍ୟୁ): ସ୍ୱଚ୍ଛତା କର୍ମଚାରୀଙ୍କ ମର୍ଯ୍ୟାଦା, ସୁରକ୍ଷା, ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ପୌରାଞ୍ଚଳରେ ୧୫ ଦିନିଆ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ "ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ଆରମ୍ଭ ହୋଇଛି । ଚଳିତମାସ ୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

ଗରିମା ଯୋଜନାର ମୂଳ ଉଦ୍ଦେଶ୍ୟ ସହ ସମନ୍ୱିତ ଏହି ଅଭିଯାନରେ ବିପଜ୍ଜନକ ମାନୁଆଲ୍ ସଫେଇକୁ ଦୂର କରିବା ସହ ସେପଟିକ୍ ଟ୍ୟାଙ୍କ ଓ ସ୍ୱେରେଜ୍ ସଫେଇକୁ ଆଇନସମ୍ମତ, ସୁରକ୍ଷିତ ଓ ଯାନ୍ତ୍ରିକ ପ୍ରଣାଳୀରେ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ପୌରାଞ୍ଚଳ ଗୁଡ଼ିକ ପକ୍ଷରୁ ବେଆଇନ କିମ୍ବା ପଞ୍ଜୀକରଣ ହୋଇନଥିବା ସେସପୁଲ୍ ଯାନ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ସେଗୁଡ଼ିକର ବିଧିବଦ୍ଧ ପଞ୍ଜୀକରଣ ପାଇଁ ପଦକ୍ଷେପ ନିଆଯାଉଛି । ନାଗରିକ, ହୋଟେଲ, ହସ୍ପିଟାଲ ଓ ଅନ୍ୟାନ୍ୟ ପ୍ରତିଷ୍ଠାନକୁ ସେପଟିକ୍ ଟ୍ୟାଙ୍କ ଓ ସ୍ୱେରେଜ୍ ସଫେଇ ପାଇଁ କେବଳୟୁଏଲ୍‌ବି ମାଧ୍ୟମରେ ସେବା ନେବାକୁ ସଚେତନ କରାଯାଉଛି । ଏଥିପାଇଁ ଟୋଲ୍-ଫ୍ରି ହେଲ୍‌-ଲାଇନ୍ ୧୪୪୨୦ କିମ୍ବା ପୌରାଞ୍ଚଳ ଦ୍ୱାରା ପଞ୍ଜୀକୃତ ବେସରକାରୀ ସେବା ପ୍ରଦାନକାରୀ ସଂଗଠନର ସେବା ନେବାକୁ ପରାମର୍ଶ ଦିଆଯାଉଛି ।

ଅଭିଯାନର ଶେଷ ପର୍ଯ୍ୟାୟରେ ସମସ୍ତ ପୌରାଞ୍ଚଳରେ କୋର୍ ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସେମାନଙ୍କ ସନ୍ତାନଙ୍କ ପାଇଁ ଛାତ୍ରବୃତ୍ତି ବଣ୍ଟନ, ବଡ଼ଖାନା ଏବଂ ସ୍ୱଚ୍ଛତା କର୍ମଚାରୀ ଓ ସେବା ପ୍ରଦାନକାରୀଙ୍କ ସମ୍ମାନ ଆଦି କାର୍ଯ୍ୟକ୍ରମ ହେବ । ୨୧ ତାରିଖରେ ଅଭିଯାନ ସମାପ୍ତ ହେବା ପରେ ଅଗଷ୍ଟ ୨୨ ତାରିଖରେ ଭୁବନେଶ୍ୱରଠାରେ ଜାତୀୟ ଗରିମା ସମ୍ମିଳନୀ ଆୟୋଜିତ ହେବ । ଏଥିରେ ଜାତୀୟସ୍ତରର ନୀତି ବିଶେଷଜ୍ଞ, ସରକାରୀ ପଦାଧିକାରୀ, ପୌର ସଂସ୍ଥାର ପ୍ରତିନିଧି ଓ କୋର୍ ସାନିଟେସନ୍ ଓ୍ୱର୍କର୍ସ ଯୋଗଦେଇ ଯାନ୍ତ୍ରିକୀକରଣ, ପ୍ରଯୁକ୍ତିଭିତ୍ତିକ ସୁରକ୍ଷିତ ସଫେଇ ଏବଂ ସ୍ୱଚ୍ଛତା କର୍ମଚାରୀଙ୍କ ଦୀର୍ଘମିଆଦୀ ସାମାଜିକ ସୁରକ୍ଷା ନେଇ ଆଲୋଚନା କରିବେ ।

### ଜିଲ୍ଲା ଅଦାଲତରେ ଦେୱାନୀ ମାମଲାର ଦିନିକିଆ କର୍ମଶାଳା

# ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜିଲ୍ଲା ଅଦାଲତଗୁଡ଼ିକରେ ଥିବା ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ଏବଂ ସରକାରୀ ଅଧିବକ୍ତା, ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଛି ।

ଲୋକସେବା ଭବନସ୍ଥିତ କନଭେନସନ୍ ଠାରେ ଆୟୋଜିତ ଏହି କର୍ମଶାଳାର ଉଦଘାଟନୀ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ଓ ତ୍ୱରିତ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ରହିଛି । ନ୍ୟାୟ ବ୍ୟବସ୍ଥାକୁ ଆଗେଇ ନେବା କ୍ଷେତ୍ରରେ ସରକାରୀ ଅଧିବକ୍ତା ଓ ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛ । ଆଇନଜୀବୀମାନେ ହେଉଛନ୍ତି ସାମ୍ବିଧାନିକ ବ୍ୟବସ୍ଥା ତଥା ନ୍ୟାୟପାଳିକାର ଗୋଟିଏ ଗୋଟିଏ ଅଂଶସ୍ୱରୂପ । ତେଣୁ ବିଭିନ୍ନ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବଲୋକନ କରିବା ସହିତ ନ୍ୟାୟିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ବେଶ୍ ଜରୁରୀ । ସେହିପରି ଆଜିର ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସଠିକ୍ ବ୍ୟବହାର ଓ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ ।




ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଦେୱାନୀ ଓ ଫୌଜଦାରୀ ମାମଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସରକାରୀ ଓକିଲଙ୍କ ଦାୟିତ୍ୱ, ପ୍ରମାଣ, କ୍ରସ ପରୀକ୍ଷା, ମୌଖିକ ଯୁକ୍ତିର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହିତ ନିଜ ନିଜ ଭିତରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ନ୍ୟାୟିକ ମାମଲାରେ ଆସୁଥିବା ସନ୍ଦେହର ସମାଧାନ ମାର୍ଗ ପାଇପାରିବେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ନ୍ୟାୟାଳୟରେ ସରକାରୀ ଆଇନଜୀବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସହ ସାମ୍ବିଧାନିକ ବ୍ୟବସ୍ଥାର ସଠିକ୍ ଅନୁପାଳନ କରି ଦେୱାନି ମାମଲା ପରିଚାଳନା ଉପରେ ନିଜର ମତ ରଖିଥିଲେ । କର୍ମଶାଳାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସ, ପ୍ରଫେସର ଡ. ଦୁର୍ଗେଶ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ । ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ପ୍ରଶ୍ନୋତ୍ତର ଅଧିବେଶନରେ ଦେୱାନୀ ପ୍ରକ୍ରିୟା ସଂହିତା, ଦଳଗତ ଆଲୋଚନା ସହ ଅଧିବକ୍ତାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ । ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**▸▸ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ମିଳିବ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ**

**▸▸ ଆଇନଜୀବୀମାନେ ନ୍ୟାୟପାଳିକାର ଏକ ଅଂଶସ୍ୱରୂପ**

### ଡିଏଚ୍‌ଏଚ୍ କ୍ୱାର୍ଟର ଆବଣ୍ଟନ ପ୍ରସଙ୍ଗ

# ଆବଣ୍ଟନରେ ଅନିୟମିତତାର ପ୍ରଶ୍ନ ନାହିଁ : ଡିଏମ୍‌ଓ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୱାଟର ଆବଣ୍ଟନରେ ଅନିୟମିତତା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମୁଁହ ଖୋଲିଛନ୍ତି ଜିଲ୍ଲା ଚିକିତ୍ସା ଅଧିକାରୀ (ଡିଏମ୍‌ଓ) ତଥା ସୁପରିଟେଣ୍ଡେଣ୍ଟ ଡା. ଶ୍ୟାମାପ୍ରସନ୍ନ ମିତ୍ର। ଡା. ମିତ୍ର କହିବା ଅନୁସାରେ, ଖୋର୍ଦ୍ଧା ଡିଏଚ୍‌ଏଚ୍ ଅଧିନରେ ୫ଟି ଡାକ୍ତରଙ୍କ କ୍ୱାଟର ରହିଛି। ବର୍ତମାନ ଡିଏଚ୍‌ଏଚ୍ ରେ ୭୦ରୁ ଉର୍ଦ୍ଧ୍ୱ ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ ରହୁଥିବା ସ୍ଥାନରୁ ଆସୁଥିବାବେଳେ କିଛି ଡାକ୍ତରଙ୍କର ଖୋର୍ଦ୍ଧା ଅଂଚଳରେ ନିଜସ୍ୱ ଘର ରହିଛି। ୫ଟି କ୍ୱାଟର ମଧ୍ୟରୁ ୪ଟି କ୍ୱାଟର ଚକ୍ଷୁ ଚିକିତ୍ସାଳୟ ନିକଟରେ ରହିଥିବାବେଳେ ଗୋଟିଏ କ୍ୱାଟର ପୁରୁଣା ମେଡିକାଲ ଜେଲରୋଡ ଠାରେ ରହିଛି। ଉକ୍ତ ସ୍ଥାନରେ ରହିଥିବା କ୍ୱାଟର ରେ କୌଣସି ଡାକ୍ତର ନରହିବାରୁ ଏହାର ରକ୍ଷଣାବେକ୍ଷଣ ନହେବା ଫଳରେ ତାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଅବଶିଷ୍ଟ ୪ଟି କ୍ୱାଟର ପାଇଁ କୌଣସି ଡାକ୍ତର ଆବେଦନ ନକରିବାରୁ ଆବେଦନକାରୀ ହସ୍ପିଟାଲ ପରିଚାଳକ



ସଂଗୀତା ସ୍ୱାଇଁଙ୍କୁ ଦୁଇମାସ ତଳେ ଖାଲିଥିବା ଏକ କ୍ୱାଟର ପ୍ରଦାନ କରାଯାଇଛି। ସେଥିରେ କ୍ୱାଟର ଆବଣ୍ଟନ ସମୟରେ ଚୁକ୍ତିପତ୍ର ଅନୁଯାୟୀ ରହୁଥିବା ପରିଚାଳକ ଟ୍ରେଜେରିରେ କ୍ୱାଟର ବାବଦ ଅର୍ଥ ପୈଠ କରୁଛନ୍ତି। ଯଦି କୌଣସି ଡାକ୍ତର ଉକ୍ତ କ୍ୱାଟର ପାଇଁ କେଉଁସମୟରେ ଆବେଦନ କରନ୍ତି, ତେବେ ତୁରନ୍ତ କ୍ୱାଟର ଖାଲି କରିବା ପାଇଁ ମଧ୍ୟ ଚୁକ୍ତି ରହିଛି। ତେବେ ହସ୍ପିଟାଲ ରେ ୨ଜଣ ପରିଚାଳକ କାର୍ଯ୍ୟରତ ଥିବାବେଳେ ଜଣେ ପରିଚାଳକ କେବଳ କ୍ୱାଟର ପାଇଁ ଆବେଦନ କରିଥିଲେ ବୋଲି ଡିଏମ୍‌ଓ କହିଛନ୍ତି।

ଅନ୍ୟପଟେ ଡିଏଚ୍‌ଏଚ୍ କୁ ଖୋର୍ଦ୍ଧା ଜିଲ୍ଲା ସମେତ ନୟାଗଡ, କଟକ ଓ ପୁରୀ ଜିଲ୍ଲାର କେତେକ ଅଂଚଳରୁ ରୋଗୀମାନେ ଚିକିତ୍ସା ପାଇଁ ଆସନ୍ତି। ଡିଏଚ୍‌ଏଚ୍ ୨୪ ଘଣ୍ଟିଆ ଗହଳୀ ଲାଗି ରହୁଥିବାବେଳେ ପରିଚାଳକ ମେଡିକାଲ ପରିସରରେ ରହି ସେବା ଯୋଗାଇବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମେଡିକାଲ କୁ ଆସିଥିବା ରୋଗୀ ଓ ସମ୍ପର୍କିୟ କୌଣସି ଅସୁବିଧା ହେଲେ ପୂର୍ବରୁ ପରିଚାଳକ ଙ୍କୁ ଖୋଜି ଖୋଜି ନାକେଦମ ହେଉଥିଲେ। ମାତ୍ର ଏବେ ସେ ସମସ୍ୟା ଦୂର ହୋଇଥିବା ମେଡିକାଲ କୁ ଆସୁଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଆଶିଷ ରାୟ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଖାଲିପଡିଥିବା କ୍ୱାଟର ଜରାଜୀର୍ଣ୍ଣ ପାଲଟିବା ଅପେକ୍ଷା ୨୪ ଘଣ୍ଟିଆ ସେବା ଯୋଗାଉଥିବା କର୍ମଚାରୀଙ୍କୁ ରହିବାକୁ ଯୋଗାଇଦେଲେ କ୍ୱାଟର ର ରକ୍ଷଣାବେକ୍ଷଣ ହେବା ସହିତ ସ୍ୱାସ୍ଥ୍ୟ ପ୍ରଶାସନ ର ରାଜସ୍ୱ ମଧ୍ୟ ବୃଦ୍ଧି ହେବ ବୋଲି କେତେକ ବରିଷ୍ଠ ନାଗରିକ ପ୍ରକାଶ କରିଛନ୍ତି। ଏ ନେଇ ଡ଼ି. ଏମ.ଓ ଶ୍ୟାମ ପ୍ରସନ୍ନ ମିତ୍ରଙ୍କ କହିବା କଥା ଖାଲି ପଡ଼ିଥିବା କ୍ୱାର୍ଟରକୁ ନିୟମ ଅନୁଯାୟୀ ହସପିଟାଲ ପରିଚାଳକଙ୍କୁ ଆବଂଟନ କରାଯାଇଛି ଏଥିରେ କୌଣସି ଅନିୟମିତତାର ପ୍ରଶ୍ନ ନାହିଁ।

## ବୈତରଣୀ ୨ୟ ବନ୍ୟା ହେବ ଘାତକ

ଭଣ୍ଡାରିପୋଖରୀ, (ସବ୍ୟୁ): ଅବପାତ ଜନିତ କ୍ରମାଗତ ବର୍ଷା ଫଳରେ ବୈତରଣୀ ନଦୀରେ ଚଳିତ ବର୍ଷ ପାଇଁ ଦ୍ୱିତୀୟ ବନ୍ୟା ଆସିଛି । ବିଗତ ବନ୍ୟା ପରେ ନଦୀର ଜଳସ୍ତର ସ୍ୱାଭାବିକ ସ୍ତରକୁ ଆସିନଥିଲା । ଏବେ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବନ୍ୟାଞ୍ଚଳରେ ଭୀତି ସଞ୍ଚାର କରିଛି । ଉପରମୁଣ୍ଡରେ ଭାରି ବର୍ଷା ଲାଗିରହିବା ଯୋଗୁଁ ବୈତରଣୀ ନଦୀରେ ଜଳସ୍ତର ଶନିବାର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସନ୍ଧ୍ୟା ୬ଟାରେ ନଦୀ ଆଖୁଆପଦାରେ ସତର୍କ ସଙ୍କେତ ସ୍ତର ୧୭.୮୩ମିଟର ଅତିକ୍ରମ କରି ୧୭.୯୨ ମିଟରରେ ପ୍ରବାହିତ ହେଉଛି । ଜଳସ୍ତର ଘଣ୍ଟାପ୍ରତି ୫ ମି.ମି. ବେଗରେ ବୃଦ୍ଧି ପାଉଛି । ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ କେଉଁଝରରେ ୧୦.୦ମି.ମି., ସ୍ୱାମୀପାଟଣାରେ ୫୪.୬ ମି.ମି., ଚମ୍ପୁଆରେ ୬୮.୮ ମି.ମି., ଆନନ୍ଦପୁରରେ ୬୦.୬ ମି.ମି. ଓ ଆଖୁଆପଦାରେ ୮.୮ ମି.ମି. ବର୍ଷା ରେକର୍ଡ କରାଯାଇଛି ।

## ଏନ୍‌ଏଫ୍‌ଏଚ୍‌ଏସ୍-୬ ତଥ୍ୟକୁ ବୁଝିବା ଏବଂ ଦୃଷ୍ଟିକୋଣ ଗଠନ ଉପରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଲିଙ୍ଗ ସମ୍ବଳ କେନ୍ଦ୍ର ସନ୍‌ଶ୍ରୀଷ୍ଟି ଓ ନାଗରିକ ସମାଜ ସଂଗଠନ ପକ୍ଷରୁ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏନ୍‌ଏଫ୍‌ଏଚ୍‌ଏସ୍-୬ ତଥ୍ୟକୁ ବୁଝିବା ଏବଂ ଦୃଷ୍ଟିକୋଣ ଗଠନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସକ ଡ. ସତୀଶ ବି ଅଗ୍ନିହୋତ୍ରି ଏବଂ ୟୁଏନ୍‌ଏଫ୍‌ପିଏର ରାଜ୍ୟ ମୁଖ୍ୟ ସୁନିଲ ଥମାସ୍ ଜାକବ୍ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓପନ ଲର୍ଣ୍ଣିଂ ସିଷ୍ଟମର ସହପ୍ରତିଷ୍ଠାତା କସ୍ତୁରୀ ମହାପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସଚିବ ଡ. ଲେନିନ୍ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱର୍ଣ୍ଣମୟୀ ତ୍ରିପାଠୀ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଏନ୍‌ଏଫ୍‌ଏଚ୍‌ଏସ୍ ଭାରତର ରାଜ୍ୟ ଏବଂ ଜିଲ୍ଲା ଗୁଡ଼ିକରେ ନୀତି ଗଠନ, କାର୍ଯ୍ୟକ୍ରମ ମୂଲ୍ୟାଙ୍କନ ଏବଂ ଜାତୀୟ ଓ ବିଶ୍ୱ ବିକାଶ ଲକ୍ଷ୍ୟର ତଦାରଖ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଆଧାର ପାଲଟିଛି। ସଂପ୍ରତି ଭାରତ ସରକାରଙ୍କ ଦ୍ୱାରା ଏନ୍‌ଏଫ୍‌ଏଚ୍‌ଏସ୍-୬ ଫ୍ୟାକ୍‌ସିଟ୍ ସାର୍ବଜନୀନ କ୍ଷେତ୍ରରେ ସ୍ଥାନିତ ହୋଇଛି। କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଏହି ତଥ୍ୟ ଉପରେ ବିଶେଷ ଆଲୋଚନା କରିବା ଏବଂ ତଥ୍ୟକୁ ବୁଝିବାରେ ସହାୟତା କରିବା। ମୁଖ୍ୟବକ୍ତା ଡ. ଅଗ୍ନିହୋତ୍ରି ଶିଶୁ କୁପୋଷଣ ଉପରେ ଆଲୋକପାତ କରି କହିଥିଲେ ମହିଳାଙ୍କର ସମ୍ବଳ ସଚେତନତା ଓ ପରିବର୍ତ୍ତନ ଆଣିବାର ସାମର୍ଥ୍ୟରେ ଯଦି ଉନ୍ନତି ହେବ ଶିଶୁ କୁପୋଷଣକୁ କିଛି ମାତ୍ରାରେ ଦୂର କରିହେବ।



ସମ୍ମାନୀତ ଅତିଥି ସୁନିଲ ଥୋମାସ୍ ଜାକବ୍ ମହିଳା ସଶକ୍ତିକରଣ ଓ ଏନ୍‌ଏଫ୍‌ଏଚ୍‌ଏସ୍-୬ ଇଂଗିତ କରୁଥିବା ବିକାଶଧାରା ସଂପର୍କରେ ସୂଚାଇଥିଲେ। ସହରାଞ୍ଚଳରେ ବାଲ୍ୟ ବିବାହ ମଧ୍ୟ ଦେଖାଦେଇଛି ବୋଲି ତାପସୀ ପ୍ରହରାଜ ମତ ଦେଇଥିଲେ। କର୍ମଶାଳାରେ ଅଧ୍ୟକ୍ଷତା କରୁଥିବା କସ୍ତୁରୀ ମହାପାତ୍ର ମହିଳାମାନଙ୍କର ରକ୍ତ ହିନତା ଓ ସ୍ୱଚ୍ଛତା ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତ ଦେଇଥିଲେ। ଆଶା ହଂସ, ବିଶାଖା ଭଞ୍ଜ, ମଧୁମିତା ଦାସ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖିଥିଲେ। ସ୍ୱପ୍ନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

'ମାଟିର ମହକ' କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲେ ସାଂସଦ

# ପଦ୍ମ ପୁରସ୍କାରପ୍ରାପ୍ତ ପ୍ରତିଭାମାନେ ସମାଜ ପାଇଁ ପ୍ରେରଣା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଞ୍ଚରେ ଆୟୋଜିତ 'ମାଟିର ମହକ' କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ପଦ୍ମ ସମ୍ମାନ ଏବେ 'Peoples Award'ରେ ପରିଣତ ହୋଇଛି। ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଞ୍ଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦୀ ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି । ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ମହାନ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ବା ଆର୍ଟ କଲେଜ ସ୍ଥାପନ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ପ୍ରସ୍ତାବିତ ଅନୁଷ୍ଠାନ ଭବିଷ୍ୟତରେ ନୃତ୍ୟକଳା, ସାହିତ୍ୟ, ପରଫର୍ମିଙ୍ଗ ଆର୍ଟ ସହ ଆଧୁନିକ ଡିଜିଟାଲ ଆର୍ଟ ଓ ଆନୁଷଙ୍ଗିକ କଳା ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ଆତ୍ମପ୍ରକାଶ କରିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି । ଏହି ଗୌରବମୟ ଅବସରରେ ଶ୍ରୀ ପ୍ରଧାନ ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାର ପ୍ରାପ୍ତ ପ୍ରତିଭା ଭାଗବତ ପଧାନ, ଶ୍ରୀନିବାସ ଉଦଗାତା, ପଞ୍ଚାୟତ ସାହୁ, ହଳଧର ନାଗ, ଜିତେନ୍ଦ୍ର ହରିପାଲ, ମିତ୍ରଭାନୁ ଗୌନ୍ତିଆ, କୈଳାଶ ଚନ୍ଦ୍ର ମେହେର ଏବଂ ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ଶ୍ରେଷ୍ଠ ଯୋଗଦାନ ପାଇଁ ଶୁଭେଚ୍ଛା ଜଣାଇଥିଲେ।



# ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ୧୩ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ନୂଆଦିଲ୍ଲୀ ମନୋହର ପାରିକର ପ୍ରତିରକ୍ଷା ଅଧ୍ୟୟନ ଏବଂ ଆନାଲିସିସ୍ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ସୁଜନ ଚିନୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦଳଗତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଭୁବନେଶ୍ୱରକୁ ଏକ ବିଶାଳ ଶିକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ପ୍ରଶଂସନୀୟ । ଅଚ୍ୟୁତଙ୍କ ଜୀବନରେ ସରଳତା, ଉଚ୍ଚ ମୂଲ୍ୟବୋଧ, ଦର୍ଶନ, କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ । ଗୋଟିଏ ରଥ ଯେପରି ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ରଥ ଚାଲିବା ପାଇଁ ଚାରୋଟି ଚକ ଆବଶ୍ୟକ । ସେହିପରି ତୁମେ ସମସ୍ତେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏକାଠି ହେବା ଉଚିତ । ଛାତ୍ରଛାତ୍ରୀମାନେ ଯାହା ସବୁ କାମ କରିବେ ତା ଉପରେ ଦେଶର ପ୍ରଗତି ନିର୍ଭର କରିବ । ଦେଶର ପରିବର୍ତ୍ତନ ଆଣିବାକୁ ହେଲେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗକୁ ଧୈର୍ଯ୍ୟର ସହ ବିଚାର କରିବାକୁ ହେବ । ଜାତିସଂଘ ଉପରେ ସୂଚନା ଦେଇ ସୁଜନ କହିଲେ, ଜାତିସଂଘ ପ୍ରତିଷ୍ଠା ହେବାପରେ ଏହାର ସୁରକ୍ଷା ପରିଷଦକୁ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଏଥିରେ ଆହୁରି ଅନେକ ସଂସ୍କାର ଆଣିବାର ଅବଶ୍ୟକତା ଅଛି । ଛାତ୍ରଛାତ୍ରୀମାନେ ଆଜି ଯେଉଁ ଶିକ୍ଷା ଅର୍ଜନ କରନ୍ତି ତାହା ସେମାନଙ୍କୁ ଅଧିକ ବିନମ୍ର ତଥା ସମାଜରେ ଯୋଗଦାନ ଦେବା ପାଇଁ ସକ୍ଷମ କରାଇଥାଏ । ସେ କହିଲେ, ଗଣତାନ୍ତ୍ରିକ ଶକ୍ତି, ଇ-ଜ୍ଞାନ ସମ୍ଭାବନା, ବର୍ଦ୍ଧିତ ସାମରିକ କ୍ଷମତା, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ କ୍ଷେତ୍ରରେ ଭାରତର ଭୂମିକା ସାଂପ୍ରତିକ ବର୍ଷଗୁଡ଼ିକରେ ମଜବୁତ ହୋଇଛି । ଆମେ ଜଳବାୟୁ ପରିବର୍ତ୍ତନ, ସବୁଜ ପରିବର୍ତ୍ତନ, ଖାଦ୍ୟ ଏବଂ ଶକ୍ତି ସୁରକ୍ଷା ସମେତ ପ୍ରମୁଖ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ସମୁହ ସହ ଏକାଠି କାମ କରିବାକୁ ଭାରତ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ ।



ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀମାନେ ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଆସୁଛନ୍ତି । ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ତୁମେମାନେ ନିଜ ପ୍ରତି ଭଲ ହେବାକୁ ଚେଷ୍ଟା କର ଓ ସମାଜ ପ୍ରତି ଭଲ ହେବାକୁ ଚେଷ୍ଟା କର । ତୁମେ ଯେତେ ବଡ଼ ହେଲେ ମଧ୍ୟ ନିଜେ ଭଲ ହେଲେ ଦେଶକୁ ସକାରାତ୍ମକ ଭାବରେ ପରିବର୍ତ୍ତନ କରିପାରିବ । ଏଭଳି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୋଟିଏ ଲେଖାଏଁ ଚିନ୍ତାଧାରା ନେଇ ଆସିଥାନ୍ତି, ମାତ୍ର ଯିବା ସମୟରେ ଅନେକ ଚିନ୍ତାଧାରା ନିଜ ସହ ନେଇ ଫେରିଥାନ୍ତି ବୋଲି ସେ କହିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସମେତ ଭୁବନେଶ୍ୱର, ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା ଆଦି ଭାରତର ବିଭିନ୍ନ ସ୍ଥାନର ୧ଶହ ବିଦ୍ୟାଳୟରୁ ୧୫ଶହ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି । ଏହି ଛାୟା ଜାତିସଂଘ କାର୍ଯ୍ୟକ୍ରମରେ ୧୩ଟି ବିଭିନ୍ନ କମିଟି ଗଠନ କରାଯାଇ ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ଏବଂ ବିତର୍କରେ ସାମିଲ ହେବେ ।

## ଇଙ୍ଗା ପକ୍ଷରୁ ଜଳ ସଂରକ୍ଷଣ ସଚେତନତା ଓ ଚାରା ରୋପଣ

ଚୌଦ୍ୱାର,(ସବ୍ୟୁ): କେନ୍ଦ୍ର ପରିବେଶ,ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆନୁକୁଲ୍ୟରେ ଦେଶବ୍ୟାପି ଚାଲିଥିବା 'କ୍ୟାଚ୍ ଦ ରେନ୍' ଅଭିଯାନ ପରିପ୍ରେକ୍ଷୀରେ ସ୍ଥାନୀୟ ଇଙ୍ଗା ଶିଳ୍ପଗୋଷ୍ଠୀ ତରଫରୁ ଜଳ ସଂରକ୍ଷଣ ସଚେତନତା ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ କପାଳେଶ୍ୱର ଖେଳ ପଡ଼ିଆ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କଟକର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । କପାଳେଶ୍ୱର କ୍ଲବ୍‌ର ସଦସ୍ୟବୃନ୍ଦ, ଇଙ୍ଗାର ବରିଷ୍ଠ କର୍ମକର୍ତ୍ତା ଏବଂ ସ୍ଥାନୀୟ ବହୁ ଜନ ସାଧାରଣ ଏଥିରେ ଅଂଶ ଗ୍ରହଣକରି ବିଭିନ୍ନ ଫଳ ଚାରା ରୋପଣ କରିଥିଲେ ।

# ଛାତ୍ର କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅହୋରାତ୍ର ଧାରଣା

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଶନିବାର ଲୋୟର ପିଏମଜି ଠାରେ ଗଣଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଦୁଇ ଦିନ ପାଇଁ ଅହୋରାତ୍ର ଧାରଣା ଦିଆଯାଇଛି । ଏହି ଅବସରରେ ଶ୍ରୀ ମହାପାତ୍ର କହିଲେ ଯେ ସରକାରର ଜାତୀୟ ଶିକ୍ଷାନୀତି-୨୦୨୦ ଦେଶ ଓ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ଉଜାଡି ଦେଇଛି । ଓ ସରକାରୀ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ଗଣଶିକ୍ଷାମନ୍ତ୍ରୀ ଏପର୍ଯ୍ୟନ୍ତ ଇସ୍ତଫା ନ ଦେଇ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାରେ ନିଜ ପଦକୁ ବଜାଇ ରଖିଛନ୍ତି । ସମଗ୍ର ପାଠ୍ୟପୁସ୍ତକ ଅଦରକାରୀ ହୋଇଯିବାରୁ ସରକାରଙ୍କ ଚିନ୍ତା ବଢ଼ି ଯାଇଛି । ଏହି ସାଙ୍ଘାତିକ ତ୍ରୁଟି ମାଧ୍ୟମରେ ରାଜ୍ୟ ସରକାର ଓ ଜାତିର ସ୍ୱାଭିମାନ ଓ ସମ୍ମାନ ପ୍ରତି ଆଘାତ ଦେଇଛନ୍ତି । ସାହିତ୍ୟ ବହିରେ ଗଣିତ ଏବଂ ଗଣିତ ବହିରେ ସାହିତ୍ୟ ରଖି ବହି ଗୁଡ଼ିକ ଡଷ୍ଟବିନ ପଡିବା ଯୋଗ୍ୟ କରିଦିଆଯାଇଛି । ତେଣୁ ଗଣଶିକ୍ଷା ବିଭାଗର ମନ୍ତ୍ରୀଙ୍କର ଦାୟିତ୍ୱ କଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଜଣେ ଦାୟିତ୍ୱହୀନ ଏବଂ ଅଯୋଗ୍ୟମନ୍ତ୍ରୀ ଓ ଗଣଶିକ୍ଷା ବ୍ୟବସ୍ଥା ପ୍ରତି ବିପଦପୂର୍ଣ୍ଣ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ତେଣୁ ଉଭୟ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀ ଓ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗନ୍ତୁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ସେହିଭଳି କଲେଜ ଓ୍ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ସଂପୂର୍ଣ୍ଣ ବନ୍ଦ କରିଦେବା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀ ଷଡ଼ଯନ୍ତ୍ର କରିଛନ୍ତି । ସରକାରୀ ଉଚ୍ଚଶିକ୍ଷାନୁଷ୍ଠାନ ବାତାବରଣକୁ ସଂପୂର୍ଣ୍ଣ ନଷ୍ଟ କରିଦେବା ପାଇଁ ଯୋଜନା କରିଛନ୍ତି । କଲେଜ ଓ୍ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନ ଦାବିରେ ଛାତ୍ର କଂଗ୍ରେସ ତୀବ୍ର ଆନ୍ଦୋଳନ କରିବ । ମାଲକାନାଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ କଲେଜ ଓ୍ୟୁନିଭରସିଟିରେ ଛାତ୍ର କଂଗ୍ରେସ ଛାତ୍ରମାନଙ୍କର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବ । ଛାତ୍ରମାନଙ୍କର ଅଧିକାର ପାଇଁ ଆମେ ଯେଉଁ ଲେଇ କରୁଛୁ ସେଥିରେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବିନୋଜ ଝାଖଡ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ସଂପୂର୍ଣ୍ଣ ସମର୍ଥନ, ସଂଯୋଗ ପ୍ରେରଣା ଓ ଦିଗଦର୍ଶନ ରହିଛି । ରାହୁଲ ଗାନ୍ଧୀ ଦେଶର ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କ ପ୍ରତି ଯେଉଁ ଆବେଗ ପ୍ରକଟ କରିଛନ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସେହି ବାର୍ତ୍ତାକୁ ଓ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ପାଖକୁ ପହଂଚାଇବ । ବିଶେଷ କରି ପେପର ଲିକ ଘଟଣାରେ ବିଜେପି ସରକାରର ବିଶ୍ୱାସଘାତକତାକୁ ପ୍ରତ୍ୟେକ ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କୁ ବୁଝାଇବ । କାର୍ଯ୍ୟକ୍ରମରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ସ୍ପନ୍ଦନ ସ୍ୱାଇଁ, ନିଆଜୁଲ ଇସ୍ଲାମ, ସାରୁ ଖାନ, ଚିତ୍ତରଞ୍ଜନ ନାୟକ, ସରୋଜ ଦାସ, ଅମିତ ନାୟକ, ପଦ୍ମନାଭ ପଣ୍ଡା, ରୁଦ୍ର କର, ଦେବାଶିଷ ଦଇତାପତି, ବିଶ୍ୱଭୂଷଣ ମହାପାତ୍ର, ସନ୍ତୋଷ ନିମାଇଁ, ଆଶୁତୋଷ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



# ସ୍ୱଚ୍ଛ ବାୟୁ ଓ ଉନ୍ନତ ପରିବେଶ ପାଇଁ ତାଇୱାନ ସହ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଏମ୍‌ଓୟୁ

କଟକ, (ସ୍ୱପ୍ର): ସ୍ୱଚ୍ଛ ବାୟୁ ଏବଂ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଗବେଷଣାକୁ ନୂଆ ଦିଗ ଓ ଗତି ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ତାଇୱାନ ସ୍ଥିତ ନ୍ୟାସନାଲ ସନ୍‌ୟାଡ-ସେନ୍ ବିଶ୍ୱବିଦ୍ୟାଳୟର ଏରୋସୋଲ ବିଜ୍ଞାନ ଗବେଷଣା କେନ୍ଦ୍ର ସହ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ବୁଝାମଣାପତ୍ର ମାଧ୍ୟମରେ ଉଭୟ ଅନୁଷ୍ଠାନ ମଧ୍ୟରେ ମିଳିତ ଗବେଷଣା ଓ ଗବେଷଣା ପ୍ରବନ୍ଧ ପ୍ରକାଶନ, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ଆଦାନପ୍ରଦାନ, ଶିକ୍ଷାଗତ କାର୍ଯ୍ୟକ୍ରମ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ଗବେଷଣା ଅନୁଦାନ ପାଇଁ ମିଳିତ ପ୍ରସ୍ତାବ ପ୍ରସ୍ତୁତି ଦିଗରେ ସହଯୋଗ ବୃଦ୍ଧି ପାଇବ । ଏହି ସହଭାଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାୟୁର ଗୁଣବତ୍ତା, ଏରୋସୋଲ ବିଜ୍ଞାନ, ଦୀର୍ଘସ୍ଥାୟୀ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ସହ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଗବେଷଣାକୁ ଆଗକୁ ବଢ଼ାଇବା । ଏହି ଏମଓୟୁରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ବାୟୁର ଗୁଣବତ୍ତା ସମ୍ପର୍କିତ ଗବେଷଣା ପାଇଁ ଏକ ସହଯୋଗୀ ଗବେଷଣା କେନ୍ଦ୍ର ସ୍ଥାପନର ମଧ୍ୟ ପରିକଳ୍ପନା କରାଯାଇଛି । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଗବେଷଣା ଓ ବିକାଶ ବିଭାଗର ଡିନ୍ ପ୍ରଫେସର (ଡ.) କେଶରୀ ସିଂହ କହିଛନ୍ତି, ଏହି ସହଭାଗିତା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ଗବେଷଣା ବିଶ୍ୱବିଦ୍ୟାଳୟ ଭାବେ ବିକଶିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏରୋସୋଲ ବିଜ୍ଞାନ ଗବେଷଣା କେନ୍ଦ୍ର, ନ୍ୟାସନାଲ ସନ୍‌ୟାଡ-ସେନ୍ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଚିଆ ସି. ୱାଙ୍ଗ କହିଛନ୍ତି, ମାନବ ସମାଜ ଏବଂ ପୃଥିବୀର ସମସ୍ତ ସମ୍ବେଦନଶୀଳ ଜୀବଙ୍କ ପାଇଁ ଏକ ଉତ୍ତମ ପରିବେଶ ଓ ଅଧିକ ସ୍ଥାୟୀ ପୃଥିବୀ ଗଠନ ନିମନ୍ତେ ବାୟୁର ଗୁଣବତ୍ତା ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସହ ଏହି ଏମଓୟୁ ଆମ ପାଇଁ ଗୌରବର ବିଷୟ । ଏହି ଏମଓୟୁକୁ ସ୍ୱାଗତ କରି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ଆଦେଶ ଗୋୟଲ, କୁଳପତି ପ୍ରଫେସର (ଡ.) ତେଜ ପରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଜୀ ପ୍ରସନ୍ନତା ବ୍ୟକ୍ତ କରିବା ସହ ଏହି ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ପାଇଁ ଉଭୟ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇଛନ୍ତି ।

ବଢୁଛି ବିଧାୟକ ପ୍ରକାଶ ସେଠୀଙ୍କ ଅଡୁଆ

# କ୍ଷମା ପ୍ରାର୍ଥନା ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ଧାରଣା

କଟକ, (ସବ୍ୟୁ):ସମ୍ପ୍ରତି ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର ମଧ୍ୟକୁ ଅନଧିକାର ପ୍ରବେଶ କରି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ମାନଙ୍କ ପ୍ରତି ଅସଦାଚରଣ କରିବା ଘଟଣାରେ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛିଯେ କୁଳପତିଙ୍କ ଉପସ୍ଥିତିରେ ଏହି ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ଘଟଣା ଘଟିଥିଲେ ମଧ୍ୟ ସମ୍ପୃକ୍ତ ବିଧାୟକଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ଓ ଘଟଣା ସଂପର୍କରେ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିବା ପରିବର୍ତ୍ତେ କୁଳପତି ବିଧାୟକଙ୍କୁ ଘଣ୍ଟ ଘୋଡାଇ ଅଧ୍ୟାପକ ମାନଙ୍କୁ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ଛାଡ଼ି ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ସିନେଟ୍ ଏ ପର୍ଯ୍ୟନ୍ତ ଗଠନ କରାଯାଇ ନଥିଲେ ବି ନିଜକୁ ବିଶ୍ୱବିଦ୍ୟାଳୟର ସିନେଟ୍ ସଭ୍ୟ ବୋଲି ଦାବି କରି ଏବଂ ବିଧାନସଭାର ବାଚସ୍ପତିଙ୍କୁ ଚିଠି ଲେଖି ବିଧାୟକ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଭୟଭୀତ କରିବାପାଇଁ ଉଦ୍ୟମ କରୁଥିବାବେଳେ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ କୁଳପତି ଘଟଣା ସମ୍ପର୍କରେ ସତ୍ୟ ପ୍ରକାଶ ନକରି କାର୍ଯ୍ୟତ ଅତ୍ୟନ୍ତ ଗହିର୍ତ୍ତ କାମ କରିଥିବା ବିଧାୟକଙ୍କୁ ସୁରକ୍ଷା ଦେଉଛନ୍ତି। ଏହି ପରିସ୍ଥିତିରେ ସଂଗଠନର ସଭାପତି ତଥା ରେଭେନ୍ସା ଛାତ୍ର ସଂସଦର ପୂର୍ବତନ ସଭାପତି ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୁଳପତିଙ୍କୁ ସାକ୍ଷାତ୍ କରିବା ପାଇଁ ଯାଇଥିଲେ ମଧ୍ୟ କୁଳପତି ଅସୁସ୍ଥତା ବାହାନାରେ ପ୍ରତିନିଧି ଦଳକୁ ସାକ୍ଷାତ ନଦେବାରୁ ତାଙ୍କ ସୁରକ୍ଷାକର୍ମୀଙ୍କୁ ଦାବିପତ୍ର ହସ୍ତାନ୍ତର କରାଯାଇଛି। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ଓ ଅପରାଧୀ ବିଧାୟକଙ୍କ ବିରୁଦ୍ଧରେ ଏତଲା ଦିଆଯାଇ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାପାଇଁ ସ୍ମାରକପତ୍ରରେ ଦୃଢ଼ ଦାବି କରାଯାଇଛି।



୨୦୨୬-୨୭ରେ ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ

# ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥର ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ

ଭୁବନେଶ୍ୱର, (ସବ୍ୟୁ): ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ଏହି ସଫଳତା ପୂର୍ବତଟ ରେଳପଥର ଦକ୍ଷ ପଣ୍ୟ ପରିବହନ ପରିଚାଳନା, ରେଳ ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ଏବଂ ଏହାର କ୍ଷେତ୍ରାଧିକାର ମଧ୍ୟରେ ପଣ୍ୟ ପରିବହନର ସମୟୋଚିତ ପରିଚାଳନା ପ୍ରତି ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ରେଳ ନେଟୱାର୍କର ସାମ୍ପ୍ରତିକ ପୁନର୍ଗଠନ ଏବଂ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି। ମଣ୍ଡଳଗୁଡ଼ିକ ମଧ୍ୟରେ, ୨୦୨୬ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍‌ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍‌ଟି ଏବଂ ସମ୍ବଲପୁର ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ ପରିଚାଳନା କରିଛନ୍ତି। ବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରିଛି, ଯାହା ପୁନର୍ଗଠିତ ରେଳ ନେଟୱାର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢୁଥିବା ଭୂମିକାକୁ ଏହା ପ୍ରତିଫଳିତ କରୁଛି। କେବଳ ଜୁଲାଇ ୨୦୨୬ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୩.୧୪ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ମଧ୍ୟରେ ଲୌହପଥର ପରିବହନ ଜାରି ରହିଛି। ଜୁଲାଇ ମାସରେ ୨.୨୮ ନିୟୁତ ଟନ୍ ଲୌହପଥର ବୋଝେଇ କରାଯାଇଥିବା ବେଳେ ବକ୍ସାଇଟ୍ ବୋଝେଇ ୦.୧୯ ନିୟୁତ ଟନ୍ ରହିଛି।

୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳ ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୬୭ ନିୟୁତ ଟନ୍ ଅବଦାନ ରଖିଛନ୍ତି। ଏହାଫଳରେ ପୂର୍ବତଟ ରେଳପଥର ମୋଟ ପ୍ରାରମ୍ଭିକ ପଣ୍ୟ ବୋଝେଇ ୮୧.୪୦ ନିୟୁତ ଟନରେ ପହଞ୍ଚିଛି। ପଣ୍ୟ ପରିବହନର ସୁଗମ ଓ ଦକ୍ଷ ପରିଚାଳନା ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ପରିଚାଳନା, ବାଣିଜ୍ୟିକ, ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକର ସମନ୍ୱିତ ପ୍ରୟାସକୁ ଦର୍ଶାଉଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଏହି ସଫଳତା ପାଇଁ ପୂର୍ବତଟ ରେଳପଥର ବିଭିନ୍ନ ମଣ୍ଡଳ ଓ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସକୁ ପ୍ରଶଂସା କରିଛନ୍ତି। ପଣ୍ୟ ପରିବହନ କ୍ଷେତ୍ରରେ ଏହି ଅଭିବୃଦ୍ଧିର ଧାରାକୁ ବଜାୟ ରଖିବା, ପରିଚାଳନା ଦକ୍ଷତାକୁ ଆହୁରି ବୃଦ୍ଧି କରିବା ଏବଂ ଗ୍ରାହକ-କେନ୍ଦ୍ରିକ ପଣ୍ୟ ପରିବହନ ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।

## ବିଜ୍ଞାନ ପ୍ରଚାର ସମିତିର ୭୮ ତମ ପ୍ରତିଷ୍ଠା ଦିବସ

କଟକ, (ସ୍ୱପ୍ର) : ବିଜ୍ଞାନ ପ୍ରଚାର ସମିତିର ୭୮ ତମ ପ୍ରତିଷ୍ଠା ଦିବସ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆକାଶବାଣୀ କଟକର ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ଡଃ ହୃଷିକେଶ ପାଣି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନକୁ ଜନପ୍ରିୟ କରାଇବାରେ ଆକାଶବାଣୀ କେନ୍ଦ୍ରର ଭୂମିକା ବର୍ଣ୍ଣନା କରିଥିଲେ । ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ସିଦ୍ଧାର୍ଥ ଭରଦ୍ୱାଜ ଅତୀତ ଓ ବର୍ତ୍ତମାନର ବିଜ୍ଞାନକୁ ତୁଳନା କରି ବହୁ ଉଦାହରଣ ସହ ବ୍ୟାଖ୍ୟା କରିଥିଲେ । ମୁଖ୍ୟ ଅତିଥିଙ୍କୁ



ଡଃ ଗୋକୁଳାନନ୍ଦ ମହାପାତ୍ର ସ୍ମାରକୀ ସମ୍ମାନ ଓ ମୁଖ୍ୟବକ୍ତାଙ୍କୁ ଡଃ କୁଳମଣି ସାମଲ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠାତା ସଦସ୍ୟ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଲିଖିତ ବୈଜ୍ଞାନିକ ଉପନ୍ୟାସ ଶହେ ବର୍ଷ ପରେ ଉନ୍ମୋଚନ କରାଯାଇଥିଲା ଏବଂ ତାଙ୍କ ସୁପୁତ୍ର ଡଃ ନନ୍ଦନନ୍ଦନ ମହାପାତ୍ର ଉପନ୍ୟାସର ସରଳ ବ୍ୟାଖ୍ୟା କରିଥିଲେ । ଡଃ ସୁବାସିନୀ ଲେଙ୍କା, ଡଃ ଶିବଶଙ୍କର ନାୟକ, ପ୍ରଫେସର ଭାରତୀ ବେହେରା, ଡା. ନିତ୍ୟାନନ୍ଦ ସ୍ୱାଇଁ, ଡଃ ମୃଦୁଳା ମିଶ୍ର, ସୁକାନ୍ତ କିଶୋର ମହାନ୍ତି, ଇଂ ମାୟାଧର ସ୍ୱାଇଁଙ୍କ ଲିଖିତ ବୈଜ୍ଞାନିକ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପ୍ରକାଶନ ସମ୍ପାଦକ ଡା. ସଚ୍ଚିଦାନନ୍ଦ ଶତପଥୀ ଓ ନିରଞ୍ଜନ ପାତ୍ର ଏହାକୁ ପରିଚାଳନା କରିଥିଲେ । ବିଭିନ୍ନ ପରୀକ୍ଷାରେ ଓ ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ ଓ ଡଃ ଶିବଶଙ୍କର ନାୟକ ପରିଚାଳନା କରିଥିଲେ । ଉପସଭାପତି ଡଃ ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲାବେଳେ ସମ୍ପାଦକ କବିତା ପାଟ୍ଟଶାଣୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଯୁଗ୍ମ ସମ୍ପାଦକ ଅରବିନ୍ଦ କର ଧନ୍ୟବାଦ ଅର୍ପଣ କରିଥିଲେ ।

ଜେଏସ୍‌ଡବ୍ଲୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ପକ୍ଷରୁ

# ଓ.ପି.ଜିନ୍ଦଲଙ୍କ ୯୬ତମ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ଏହାର ପ୍ରତିଷ୍ଠାତା ଓମ୍ ପ୍ରକାଶ ଜିନ୍ଦଲଙ୍କ ୯୬ତମ ଜନ୍ମବାର୍ଷିକୀରେ ଏକ ରକ୍ତଦାନ ଶିବିର ଏବଂ କର୍ମଚାରୀମାନଙ୍କ ପାଇଁ ଏକ ନୂତନ ଜିମ୍ ସୁବିଧାର ଉଦଘାଟନ ସମେତ ଅନେକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସ୍ମାରକୀ କାର୍ଯ୍ୟକ୍ରମରେ ସମସ୍ତ ଖଣି ସ୍ଥାନ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସ୍ଥାନର କର୍ମଚାରୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ବଡବିଲ୍ କାର୍ଯ୍ୟାଳୟରେ, ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି, ପରିଚାଳନା ଏବଂ ପ୍ରକଳ୍ପ ମୁଖ୍ୟ ରାମ ଶଙ୍କର ଶର୍ମା, ଅର୍ଥ ମୁଖ୍ୟ ଅଙ୍କୁର ଡୋକାନିଆ, ଅନ୍ୟ ସହକର୍ମୀଙ୍କ ସହିତ, ଶ୍ରୀ ଜିନ୍ଦଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ପାଳନର ଏକ ଅଂଶ ଭାବରେ, ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ, କେଉଁଝର ଏବଂ କେଉଁଝର ରକ୍ତଭଣ୍ଡାର ସହଯୋଗରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ୧୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।



# ବେଆଇନ ଗୋ ଚାଲାଣକାରୀକୁ କୋର୍ଟ ଚାଲାଣ

ଜଟଣୀ, (ସବ୍ୟୁ) : ବେଆଇନ ଗୋରୁ ଚାଲାଣ ଏବଂ ପଶୁ ନିର୍ଯାତନା ନେଇ ଜଟଣୀ ବଜରଙ୍ଗ ଦଳର ସଂଯୋଜକ ଅଭିଯୋଗକାରୀ ବିଭୁ ପ୍ରସାଦ ମହାରଣାଙ୍କ ଲିଖିତ ଏତଲା ଆଧାରରେ ଜଟଣୀ ଥାନାରେ 343/26 ରେ ଏକ ମାମଲା ରୁଜୁ କରାଯାଇ ମହମ୍ମଦ ଇମତାଜ୍ ଓରଫ ଏନୋ (27) ନାମକ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ଗତ ୧୭.୦୬.୨୦୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୨.୧୫ ମିନିଟରେ ଜଟଣୀ ରାସ୍ତାରୁ ବେଣାପଞ୍ଜରୀ ଆଡ଼କୁ ଏକ ଚେଭ୍ରୋଲେଟ ଗାଡ଼ି ଯାଉଥିଲା। ଗାଡ଼ିଟିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ଅତି ନିର୍ମମ ଭାବେ ୩ଟି ଗାଈ ଏବଂ ଗୋଟିଏ ବାଛୁରୀ ବନ୍ଧା ହୋଇଥିବା ଦେଖିବାକୁ ମିଳିଥିଲା। ଗାଡ଼ିରେ ଥିବା ୫ ଜଣ ଦୁର୍ବୃତ୍ତ ହଠାତ୍ ଖଣ୍ଡା ଏବଂ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଗାଡ଼ି ଓ ଗୋରୁଙ୍କୁ ସେଠାରେ ଛାଡ଼ି ଫେରାର ହୋଇଯାଇଥିଲେ। ଗାଡ଼ିକୁ ଜବତ କରିବା ସହ ଉଦ୍ଧାର ହୋଇଥିବା ଗୋରୁଙ୍କୁ ନିରାପଦ ସ୍ଥାନକୁ ପଠାଯାଇଥିଲା। ପୋଲିସର ଅଧିକ ତଦନ୍ତରୁ ଜଣାପଡିଥିଲା ଯେ ଅଭିଯୁକ୍ତ ମହମ୍ମଦ ଇମତାଜ୍ ଓରଫ ଏନୋ ଏହି ବେଆଇନ ଗୋରୁ ଚାଲାଣ ରାକେଟରେ ସକ୍ରିୟ ଭାବେ ସମ୍ପୃକ୍ତ ଥିଲା। ସେ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ଏହିପରି ବେଆଇନ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସାମ୍ପ୍ରଦାୟିକ ଶାନ୍ତି ଭଙ୍ଗ ହେବାର ଆଶଙ୍କା ରହିଛି। ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଜଟଣୀ ଥାନାରେ ଆଉ ଏକ ଅପରାଧିକ ମାମଲା ରହିଛି।ଫେରାର ଥିବା ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ଶିମିଳିପାଳରେ ୫ବର୍ଷିୟା କଳା ବାଘୁଣୀର ମୃତଦେହ ଉଦ୍ଧାର

ବାରିପଦା, (ସବ୍ୟୁ) : ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପରବାରାହାକାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆଣି କ୍ୟାମ୍ପ ନିକଟରୁ ଏକ ପ୍ରାୟ ୫ବର୍ଷିୟା ମାଇ ବାଘର ମୃତଦେହ ଉଦ୍ଧାର ହୋଇଛି । ମୃତ ବାଘୁଣୀଟି ସ୍ୟୁଡୋ ମେଲାନିଷ୍ଟିକ୍ ବା କଳା ରଙ୍ଗର ବାଘ ଥିବା ଜଣାପଡ଼ିଛି । ଏହି ଘଟଣା ଶିମିଳିପାଳ ଟାଇଗର ରିଜର୍ଭର କୋର୍ ଅଞ୍ଚଳରେ ଘଟିଛି । ବନ ବିଭାଗର ପେଟ୍ରୋଲିଂ କର୍ମଚାରୀମାନେ ଗତ ୬ଅଗଷ୍ଟ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜାଟିଆଣି କ୍ୟାମ୍ପ ନିକଟରେ ବାଘୁଣୀର ମୃତଦେହ ଠାବ କରିଥିଲେ ।

ଖବର ପାଇବା ପରେ ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଯାଞ୍ଚ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପରେ ୭ ଅଗଷ୍ଟରେ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟିର ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଅନୁଯାୟୀ



ବାଘୁଣୀର ଶବ ବ୍ୟବଚ୍ଛେଦ କରାଯାଇଥିଲା । ଏଥିରେ ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଡା. ପ୍ରକାଶ ଚନ୍ଦ୍ର ଗୋଗିନେନି, ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ଡାଃ ଅଭିଳାଷ ଆଚାର୍ଯ୍ୟ, ମୋବାଇଲ୍ ଭେଟେରିନାରୀ ୟୁନିଟ୍ ଶିମିଳିପାଳ ବାୟୋସ୍ପିୟର ରିଜର୍ଭର ଡା. ଜୋଏଲ୍, ଠାକୁରମୁଣ୍ଡାର ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ ଡା. ପ୍ରୀତିପ୍ରସନ୍ନ ସାହୁ ଏବଂ ଏନ୍‌ଟିସିଏ ଦ୍ୱାରା ମନୋନୀତ ପ୍ରତିନିଧି ଡା. ସୁଭାନୀ ରଥ ସାମିଲ ଥିଲେ । ପ୍ରାଥମିକ ଯାଞ୍ଚ ସମୟରେ ବାଘୁଣୀର ମୃତଦେହ ତାଜା ଥିବାବେଳେ ଶରୀରରେ କୌଣସି ଆଘାତର ଚିହ୍ନ କିମ୍ବା ଅନ୍ୟ କୌଣସି ସ୍ପଷ୍ଟ ମୃତ୍ୟୁ କାରଣ ଦେଖିବାକୁ ମିଳିନଥିଲା । ଘଟଣାସ୍ଥଳକୁ ସୁରକ୍ଷିତ କରାଯିବା ସହ ଏନ୍‌ଟିସିଏ ଏସଓପି ଅନୁଯାୟୀ ବିଭିନ୍ନ ଜୈବିକ ନମୁନା ସଂଗ୍ରହ କରାଯାଇଛି । ବିଷାକ୍ତତା, ରୋଗ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ନମୁନାଗୁଡ଼ିକୁ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ଓ୍ୱାଇଲ୍ଡଲାଇଫ୍ ହେଲଥକୁ ପଠାଯାଇଛି । ଲାବୋରେଟୋରୀ ରିପୋର୍ଟ ମିଳିବା ପରେ ହିଁ ବାଘୁଣୀର ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ଶବ ବ୍ୟବଚ୍ଛେଦ ଶେଷ ହେବା ପରେ ଶିମିଳିପାଳ ଟାଇଗର ରିଜର୍ଭର ଫିଲ୍ଡ ଡାଇରେକ୍ଟର ଓ ବନ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ବାଘୁଣୀର ମୃତଦେହକୁ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁସାରେ ଦାହ କରାଯାଇଥିଲା । ଶବ ବ୍ୟବଚ୍ଛେଦଠାରୁ ଆରମ୍ଭ କରି ମୃତଦେହ ସମ୍ପୂର୍ଣ୍ଣ ଭାବେ ଭସ୍ମରେ ପରିଣତ ହେବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ଭିଡିଓ ରେକର୍ଡିଂ ଓ ଫଟୋଗ୍ରାଫି କରାଯାଇଥିଲା । ବାଘୁଣୀର ଅସ୍ୱାଭାବିକ ମୃତ୍ୟୁ ପଛରେ ପ୍ରକୃତ କାରଣ କଣ, ତାହା ଜାଣିବା ପାଇଁ ବନ ବିଭାଗ ତଦନ୍ତ ଜାରି ରହିଛି ।

# ଆଇପିଏଲ ବେଟିଂ : ଦୁଇ ମାମଲାରେ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡ଼ବଜାର ଥାନା ପୋଲିସ ଅନଲାଇନ୍ ଆଇପିଏଲ ବେଟିଂରେ ସମ୍ପୃକ୍ତ ଥିବା ଦୁଇଟି ପୃଥକ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ବେଆଇନ ସ୍କାଏ ଏକ୍ସଚେଞ୍ଜ ପ୍ଲାଟଫର୍ମ ମାଧ୍ୟମରେ ଆଇପିଏଲ ମ୍ୟାଚ୍‌ରେ ବେଟିଂ କରୁଥିବା ଅଭିଯୋଗ ହୋଇଛି । ପୂର୍ବରୁ କେସ୍ ନଂ-୨୭୯/୨୬ରେ ଫେରାର ଥିବା ଧନମେରାସାହିର ମୋହନ ମୁଖୀ (୩୧)ଙ୍କୁ ଆଜି ପୋଲିସ ଗିରଫ କରିଛି ।

ମୁମ୍ବାଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍ ସମୟରେ ସେ ଅନଲାଇନ୍ ବେଟିଂରେ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି । ତାଙ୍କ ନିକଟରୁ ଏକ ଭିଭୋ ମୋବାଇଲ୍ ଫୋନ୍ ଜବତ କରାଯାଇଛି । ସେହିପରି କେସ୍ ନଂ-୨୯୭/୨୬ ରେ ସମ୍ପୃକ୍ତ ରହି ଫେରାର ଥିବା ରତନପୁରର ଚନ୍ଦନ କୁମାର ଗୌଡ଼ (୨୬) ଏବଂ ବଡଂାର ଥାନା ଅନ୍ତର୍ଗତ ଗଣେଶ ନଗରର ପିଣ୍ଟୁ ସେଠୀ (୩୦)ଙ୍କୁ ପୋଲିସ ଗୁରୁବାର ରାତ୍ର ଗିରଫ କରିଥିଲା । ରାଜସ୍ଥାନ ରୟାଲ୍ସ ଓ ଗୁଜରାଟ ଟାଇଟନ୍ସ ମ୍ୟାଚ୍ ସମୟରେ ସେମାନେ ସଂଗଠିତ ବେଟିଂ ଚକ୍ରରେ ସକ୍ରିୟ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ସେମାନଙ୍କ ନିକଟରୁ ଏକ ଭିଭୋ ୨୦୯ ଏବଂ ଏକ ଓପୋ ରେନୋ ୧୫ ସି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ତିନି ଜଣ ଅଭିଯୁକ୍ତଙ୍କ ବିରୋଧରେ ପ୍ରାଇଜ୍ ଚିଟ୍ସ ଆଣ୍ଡ ମନି ସର୍କୁଲେସନ୍ ସ୍କିମ୍ସ (ନିଷେଧ) ଆଇନ-୧୯୭୮, ପବ୍ଲିକ୍ ଗ୍ୟାମ୍ବଲିଂ ଆକ୍ଟ ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ ହୋଇଛି । ସମସ୍ତ ତିନି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା.ସର୍ଣା ବିବେକ ଏମ ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି ।

## ବାଟବଣା ପ୍ରାଥମିକ ଶିକ୍ଷା

# ଜଣେ ଲେଖାଏଁ ଶିକ୍ଷୟିତ୍ରୀରେ ଚାଲିଛି ୨ଟି ବିଦ୍ୟାଳୟ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ ପ୍ରଧାନ ସଡକ ପ୍ରାଥମିକ ବିଦ୍ୟାଳୟଟି ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କୁ ନେଇ ଚାଲିଥିବା ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୩୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ବିଦ୍ୟାଳୟର ଦୁଇ ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଜଣେ ପ୍ରସୂତି ଛୁଟିରେ ଯାଇଥିବାରୁ ବିଦ୍ୟାଳୟର ଅନ୍ୟାନ୍ୟ ଦାୟିତ୍ୱ ସହ ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ ଯୋଗୁଁ ପିଲାଙ୍କ ସଠିକ୍ ପାଠପଢା ମଧ୍ୟ ସମ୍ଭବ ହୋଇପାରୁନି ।

ଅନ୍ୟପକ୍ଷରେ ଶିକ୍ଷୟିତ୍ରୀଙ୍କ କୌଣସି ଅସୁବିଧା ହେଲେ ପିଲାଙ୍କ ପାଠପଢା ପୂରାପୂରି ଠପ୍ ହୋଇଯାଉଛି । ସେହିପରି ବୁଗୁଡ଼ା କ୍ଲଷ୍ଟର ଅନ୍ତର୍ଗତ କାଦପଡା ଗ୍ରାମସ୍ଥ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏପରି ପରିସ୍ଥିତି ଦେଇ ଗତି କରୁଛି । ସେହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଦୁଇ ଜଣ ଶିକ୍ଷୟିତ୍ରୀ ଥିଲେ । ତେବେ ଗତ ଜୁଲାଇ ୩୧ ତାରିଖ ଦିନ ସେଥିରୁ ଜଣେ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିବା ପରେ ଜଣେ ମାତ୍ର ଶିକ୍ଷୟିତ୍ରୀଙ୍କ ଭରସାରେ ସେହି ବିଦ୍ୟାଳୟର କାର୍ଯ୍ୟ ଚାଲୁଥିବା ଯୋଗୁଁ ମୁଖ୍ୟ ସଡକ ପ୍ରାଥମିକ ବିଦ୍ୟାଳୟ ଭଳି ଦୂରବସ୍ଥା ସୃଷ୍ଟି ହୋଇଛି ।

ଏଣୁ ସ୍ଥାନୀୟ ଶିକ୍ଷା ପ୍ରଶାସନ ଉପରୋକ୍ତ ପ୍ରାଥମିକ ବିଦ୍ୟାଳୟ ଦ୍ୱୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକୀୟ ଶିକ୍ଷାଦାନ ନିମନ୍ତେ ଯଥାଶୀଘ୍ର କୌଣସି ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି ।

# ଓଏଭି ଛାତ୍ରାବାସରୁ ବୈଦ୍ୟୁତିକ ସାମଗ୍ରୀ ଚୋରି, ଥାନାରେ ଏତଲା

ଧରାକୋଟ, (ସବ୍ୟୁ) : ଧରାକୋଟ ବ୍ଲକର କୁସଗୁମା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୁରୁଷ ଛାତ୍ରାବାସର ନୂତନ ନିର୍ମାଣାଧୀନ ଗୃହରୁ ଦୁର୍ବୃତ୍ତ ମାନେ ପଛପଟୁ ତାଲା ଭାଙ୍ଗି ଗୋଟିଏ ରୁମ ଭିତରେ ରହିଥିବା ପ୍ରାୟ ଦଶରୁ ବାର ଲକ୍ଷ ଟଙ୍କାର ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଚୋରି କରି ନେଇଥିବା ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି ।

ପ୍ରକାଶଥାଉକି ଧରାକୋଟ ବ୍ଲକର ଚାରିଛକ ଠାରେ ରହିଛି କୁସଗୁମା ଓଡ଼ିଶା ଆଦର୍ଶ ବିଦ୍ୟାଳୟ । ଏହି ଆଦର୍ଶ ବିଦ୍ୟାଳୟର ଏକ ଛାତ୍ରାବାସ ପ୍ରାୟ ଚାରି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଛି । ଏହାର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ କେବଳ କିଛି ବିଦ୍ୟୁତ ଓ ଜଳ ଯୋଗାଣ କାର୍ଯ୍ୟ ବାକି ରହିଥିଲା । ଆସନ୍ତା ମଙ୍ଗଳବାର ଦିନ ଏହାର ହସ୍ତାନ୍ତର ପାଇଁ ଦିନ ଧାର୍ଯ୍ୟ କରାଯିବା ପରେ ଠିକାଦାର ଟୁଟୁ ପ୍ରଧାନ ଓ ବିଦ୍ୟୁତ କାମ କରୁଥିବା ମିସ୍ତ୍ରୀ ସନ୍ତୋଷ କୁମାର ସାହୁ ମିଳିତ ଭାବରେ ଛାତ୍ରାବାସ କୋଠାରେ ପହଞ୍ଚି ଏକ ନିର୍ଦ୍ଦିଷ୍ଟ କୋଠରୀରେ ଥିବା ବିଦ୍ୟୁତ ସାମଗ୍ରୀ ଆଣିବା ପାଇଁ ଯିବାବେଳେ ଏହି କୋଠରୀର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ସେହି ଭିତରୁ ଚାରି ଗୋଟି ଇନଭର୍ଟର, ୪ ଟି ବ୍ୟାଟେରୀ, ଦୁଇଟି ପାଣି ମୋଟର, ଚବିଶି ଗୋଟି ଫ୍ୟାନ, ବାଇଶି ବଣ୍ଡଲ ଓ୍ୱାଇରିଙ୍ଗ ତାର, ପାଣି ପାଇପ ଫିଟିଙ୍ଗ ସାମଗ୍ରୀ ସହ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ଚୋରି କରି ନେଇଥିବା ଦେଖିବାକୁ ମିଳିଥିଲା । ଘଟଣା ସମ୍ପର୍କରେ ବିଦ୍ୟୁତ ମିସ୍ତ୍ରୀ ଡାକିବଜା ଗ୍ରାମର ସନ୍ତୋଷ କୁମାର ସାହୁ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବଡ଼ଗଡ଼ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ଅନୁସନ୍ଧାନ ଆରମ୍ଭ କରିଛନ୍ତି ।

# ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଲା ୬ ଜୀବନ

ବ୍ରହ୍ମପୁର, (ସବ୍ୟୁ) : ବଡବଜାର ଥାନା ଅନ୍ତର୍ଗତ ପ୍ରେମନଗର ଦ୍ୱିତୀୟ ଲାଇନରେ ଏକ ଘରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି । ବ୍ରହ୍ମପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ । ସୂଚନା ମୁତାବକ ଶନିବାର ଅପରାହ୍ନରେ ପ୍ରେମନଗର ଦ୍ୱିତୀୟ ଲାଇନରେ ଇପାରି ସନ୍ଦୀପଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ସେହି ସମୟରେ ସନ୍ଦୀପଙ୍କ ସମେତ ଟିଉସନ୍ ଶିକ୍ଷୟତ୍ରୀ ସହିତ ପଢ଼ିବା ପାଇଁ ଆସିଥିବା ୪ ଜଣ ଶିଶୁ ଘର ଭିତରେ ଥିଲେ । ଅଗ୍ନିକାଣ୍ଡ ପରେ ସନ୍ଦୀପ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରି ସାମାନ୍ୟ ଆହତ ହେବା ପରେ ଘର ଭିତରେ ଥିବା ସମସ୍ତେ ବାହାରକୁ ଚାଲି ଆସିଥିଲେ । ସ୍ଥାନୀୟ ବାସିନ୍ଦା ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିବା ପରେ ଦମକଳ ବାହୀନି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

# ସମୁଦ୍ର କରାଳ ଗ୍ରାସରେ ଆର୍ଯ୍ୟପଲ୍ଲୀ

## ଭାସିଯାଉଛି ଭିଟାମାଟି, ଏବେ ସ୍କୁଲ ନିକଟରେ ସମୁଦ୍ର

ଛତ୍ରପୁର, (ସବ୍ୟୁ): ଦୈନିକ ଜଳପତନ ବୃଦ୍ଧି ହେବା ସହ ଜଳବାୟୁର ପରିବର୍ତ୍ତନ ଯୋଗୁ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡିଆସୁଛି । ଗଞ୍ଜାମ ଜିଲାର ଉପକୂଳବର୍ତୀ ଗାଁ ଆର୍ଯ୍ୟପଲ୍ଲୀ ଏବେ ଦୈନିକ କ୍ରମାଗତ ଭାବେ ସମୁଦ୍ର କୂଳ ଲଙ୍ଘିବା ଏବଂ ଭୂକ୍ଷୟ ଏକ ଗମ୍ଭୀର ସଙ୍କଟ ଭାବେ ଛିଡା ହୋଇଛି । ଦିନକୁ ଦିନ କୁଳ ଲଙ୍ଘୁଛି ସମୁଦ୍ର । ଆଖି ଆଗରେ ସମୁଦ୍ର ଆଁ ରେ ଗିଳି ଚାଲିଛି ଗାଁର ରାସ୍ତା, ମନ୍ଦିର ଏବଂ ପିଢି ପିଢିର ସ୍ମୃତି । ଏବେ ପୁଣି ବିପଦରେ କେ. ଆର୍ଯ୍ୟପଲ୍ଲୀ ସ୍କୁଲ ଏହି ସମୁଦ୍ର କୂଳ ଲଙ୍ଘିବା ଦ୍ୱାରା ସମୁଦ୍ର ଆଉ ସ୍କୁଲ ଦୂରତା ମାତ୍ର ୧୫ରୁ ୨୦ ମିଟର ରାସ୍ତା ଭାଙ୍ଗିଲେ ସ୍କୁଲକୁ ମାଡ଼ ହେବ ସମୁଦ୍ର । ଏପରିକି ପିଲାମାନଙ୍କୁ ଛାଡିବା ପାଇଁ ମଧ୍ୟ ନାରାଜ ହେଉଛନ୍ତି ଅଭିଭାବକ ।

# ବିଦେଶରେ ଥିବା ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଛିଡ଼ା ହେବ କଂଗ୍ରେସର ଓଭରସିଜ୍ କମିଟି

## ଏନଆରଆଇ, ପିଆଇଓ, ଏନଆରଓଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ : ପ୍ରସ୍ତୁତ ହେବ ଡାଟାବେସ୍

ବାରିପଦା, (ସବ୍ୟୁ) : ବିଦେଶରେ ବସବାସ କରୁଥିବା ଓଡ଼ିଆଙ୍କ ସ୍ୱାର୍ଥ ଓ ସମସ୍ୟା ପ୍ରତି କଂଗ୍ରେସ ଗୁରୁତ୍ୱ ଦେଇଛି । ବିଦେଶରେ ଥିବା ଓଡ଼ିଆଙ୍କ ନିରାପତ୍ତା, ଭିସା, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ବିନିଯୋଗ ସମ୍ପର୍କିତ ସ୍ୱାର୍ଥର ସୁରକ୍ଷା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସର ଓଭରସିଜ୍ କଂଗ୍ରେସ/ ଏନଆରଆଇ ସେଲ୍ ପକ୍ଷରୁ ଏକ କମିଟି ଗଠନ କରାଯାଇଛି । ଶନିବାର ଅପରାହ୍ନରେ ବାରିପଦା ସର୍କିଟ୍ ହାଉସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଭରସିଜ୍ କଂଗ୍ରେସ ପକ୍ଷରୁ ଅଣ-ନିବାସୀ ଓଡ଼ିଆ (ଏନଆରଓ) ଏବଂ ଭାରତୀୟ ଡାୟାସପୋରା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା ।

ସମ୍ମିଳନୀରେ ଦିଆଯାଇଥିବା




ସୂଚନା ଅନୁଯାୟୀ, ୩୧ ଡିସେମ୍ବର ୨୦୨୫ ସୁଦ୍ଧା ବିଶ୍ୱରେ ପ୍ରାୟ ୩୫.୪ ନିୟୁତ ଭାରତୀୟ ଡାୟାସପୋରା ରହିଛନ୍ତି । ସେହିପରି ଆମେରିକା,ୟୁଏଇ, କାନାଡ଼ା ସମେତ ବିଭିନ୍ନ ଦେଶରେ ଓଡ଼ିଆମାନେ ବସବାସ କରୁଛନ୍ତି ବୋଲି ସୂଚନା ଦିଆଯାଇଥିଲା । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ଉଦ୍ୟମରେ ପ୍ରଥମ ଥର ପାଇଁ ଏନଆରଆଇ/ପିଆଇଓ/ ଏନଆରଓ କମିଟି ଗଠନ କରାଯାଇଥିବା ସମ୍ମିଳନୀରେ କୁହାଯାଇଥିଲା । ବିଦେଶରେ ଥିବା ଓଡ଼ିଆଙ୍କ ବିଭିନ୍ନ ସମସ୍ୟାକୁ ଚିହ୍ନଟ କରି ତାହାର ସମାଧାନ ଦିଗରେ କମିଟି କାର୍ଯ୍ୟ କରିବ ।

ବିଶେଷକରି ନିରାପତ୍ତା, ଭିସା, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଓଡ଼ିଶାରେ ବିନିଯୋଗ ସମ୍ପର୍କିତ ବିଷୟକୁ ଗୁରୁତ୍ୱ ଦିଆଯିବ । କମିଟି ପକ୍ଷରୁ ପ୍ରତି ତିନିମାସରେ ଥରେ ବୈଠକ ଆୟୋଜନ କରାଯିବ । ଏଥିସହ ବିଭିନ୍ନ ଦେଶରେ ରହୁଥିବା ଏନଆରଓମାନଙ୍କ ସମ୍ପର୍କରେ ଏକ ସୁସଂଗଠିତ ଡାଟାବେସ୍ ପ୍ରସ୍ତୁତ କରାଯିବ । ଏହା ମାଧ୍ୟମରେ ବିଦେଶରେ ଥିବା ଓଡ଼ିଆଙ୍କ ସହ ଯୋଗାଯୋଗ ଓ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ରହିଛି । ଓଭରସିଜ୍ କଂଗ୍ରେସର ଉତ୍ତର ଓଡ଼ିଶା ଆବାହକ ଆଇନଜୀବୀ ଜ୍ୟୋତିପ୍ରକାଶ ରଥଙ୍କ ସଭାପତିତ୍ୱରେ ଏହି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଭରସିଜ୍ କଂଗ୍ରେସର ମୁଖ୍ୟ ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ ଆବାହକ ଗୋପାଳ ଖଣ୍ଡେଲଓ୍ୱାଲ, ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଇନଜୀବୀ ବିଭୁପ୍ରସାଦ ଦାସ ଓ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆମେ : ବାରିପଦା ପକ୍ଷରୁ ଆଗାମୀ ସେପଟେମ୍ବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଆୟୋଜିତ ହେବାକୁ ଯାଉଛି । ଏହି ମହୋତ୍ସବକୁ ନେଇ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ଆମେ : ବାରିପଦାର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଚଳଚ୍ଚିତ୍ର ଲେଖକ ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ୍ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ସୃଜନଶୀଳତା ପରିବେଶକୁ ଉତ୍ସବମୁଖର କରିଥିଲା ।

ପ୍ରତିଯୋଗୀମାନଙ୍କ ପ୍ରତିଭାକୁ ବିଚାର କରିବା ପାଇଁ ଜୟନ୍ତ ସେନାପତି, ଡଃ ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ, ପ୍ରଦୀପ ସରଘରିଆ, ଲିଟନ ପଟ୍ଟନାୟକ, ରାଜୀବ କୁମାର ପାତ୍ର ଓ ଅନିନ୍ଦିତା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମର ପରିଚାଳନାରେ ସୁଜୟ ମହାନ୍ତି, ଉର୍ଜା ମହାନ୍ତି, କାକଲୀ ନନ୍ଦୀ, ଜ୍ୟୋତି ଓ ଅନ୍ୱେଷିତା ତ୍ରିପାଠୀ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଆଗାମୀ ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ଘୋଷଣା କରାଯିବ । ସେହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ସୂଚନା ଦେଇଛନ୍ତି । ଶିଶୁ ପ୍ରତିଭାର ବିକାଶ ସହିତ ନାଟକ, ନୃତ୍ୟ ଓ ସାଂସ୍କୃତିକ ଚେତନାକୁ ନୂଆ ପିଢ଼ି ମଧ୍ୟରେ ପହଞ୍ଚାଇବା ଦିଗରେ ଏଭଳି ପ୍ରତିଯୋଗିତା ଏକ ସକାରାତ୍ମକ ପଦକ୍ଷେପ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି ।

# ଗଣିତ ଓ ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ସଚେତନତା



ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ଶ୍ରୀରାଜ ଉଚ୍ଚ ବିଦ୍ୟାଳୟକୁ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ମଣି ରଞ୍ଜନ ସାହୁ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଓ ଗଣିତ ପାଠ ପଢିବା ଉପରେ ଉତ୍ସାହିତ କରିଥିଲେ । ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଖାନ ଏକାଡେମୀ ପ୍ଲାଟଫର୍ମରେ ପଢି ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ପ୍ରତ୍ୟେକ ଶ୍ରେଣୀର ଜଣେ ଦକ୍ଷତା ପ୍ରମୁଖ ଓ ଜଣେ ଦକ୍ଷ ପ୍ରଶିକ୍ଷକଙ୍କୁ ଏହି ଅବସରରେ ସମ୍ମାନିତ ଓ ପ୍ରୋତ୍ସାହିତ କରାଯାଇଥିଲା । ଦକ୍ଷତା ପ୍ରମୁଖ ଭାବେ ସମ୍ମାନିତ ଛାତ୍ରଛାତ୍ରୀମାନେ ହେଲେ ପ୍ରେମ ଶଙ୍କର ନାୟକ(ଦଶମ ଶ୍ରେଣୀ, ୨୨୪), ବିକାଶ ଜେନା (ନବମ, ୧୨୫), ଅମିତ ନାୟକ(ଅଷ୍ଟମ, ୭୯), ସାଇ ପ୍ରିୟା ସ୍ୱାଇଁ(ସପ୍ତମ, ୭୫) ଏବଂ ରୂପସା ରାଣୀ ସାହୁ(ଷଷ୍ଠ, ୧୦୩) ।

ସେହିପରି ଦକ୍ଷ ପ୍ରଶିକ୍ଷକ ଭାବେ ଆୟୁଷ ଦାସ (ଦଶମ), ଚିନ୍ମୟ ବେହେରା (ନବମ), ଶ୍ରବଣ କୁମାର ବେହେରା (ଅଷ୍ଟମ), କମଳିନୀ ନାୟକ (ସପ୍ତମ) ଏବଂ ଦେ ବେହେରା (ଷଷ୍ଠ)ଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପର୍ଯ୍ୟବେକ୍ଷକ ମଣି ରଞ୍ଜନ ସାହୁ ଏକାଡେମୀରେ ରହିଥିବା ସୁବିଧା ଓ ଏହାର ଶିକ୍ଷାଗତ ଗୁରୁତ୍ୱ ବିଶେଷକରି ଗଣିତ ଓ ବିଜ୍ଞାନ ଶିକ୍ଷାକୁ ଦୃଢ଼ କରିବା ସହ ଭବିଷ୍ୟତ କ୍ୟାରିୟର ଗଠନରେ ଏହି ଦୁଇ ବିଷୟର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱେତାଲି ପାତ୍ରଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିବାବେଳେ ଶିକ୍ଷକ ବିରୂପାକ୍ଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ପ ଦଂଶନରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ସର୍ପ ଦଂଶନରେ ବାଲିପଦର କଲେଜର ଯୁକ୍ତ ୩ କଳାରେ ଅଧ୍ୟୟନରତ ଛାତ୍ରୀ ନନ୍ଦିନୀ ପ୍ରଧାନ (୧୯) ମୃତ୍ୟୁ ବରଣ କରିଥିବା ଜଣାଯାଇଛି ।

ଘଟଣାରୁ ପ୍ରକାଶ ଯେ, ଆଜି ଅପରାହ୍ନରେ ନନ୍ଦିନୀ ଘରେ ଜମା ହୋଇଥିବା କାଠଗଦାରୁ କାଠ ବାହାର କରୁଥିବାବେଳେ ଏକ ବିଷଧର ସାପ ତାଙ୍କର ଡାହାଣ ହାତକୁ ଦଂଶନ କରିଥିଲା ଫଳରେ ସେ ଅଚେତ ହୋଇ ପଡିଥିଲେ । ସନ୍ଧ୍ୟା ବେଳକୁ ବିଲକାମ ସାରି ତାଙ୍କର ମାଆ ଘରକୁ ଫେରି ଏକାକୀ ଥିବା ଝିଅକୁ ଅଚେତ ଅବସ୍ଥାରେ ପାଇଥିଲେ । ସର୍ପାଘାତରେ ଆହତ ନନ୍ଦିନୀଙ୍କୁ ସଙ୍ଗେସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ମେଡିକାଲରେ ପୋଲିସ ପହଞ୍ଚି ଶବକୁ ଜବତ କରି କେସ୍ ନଂ ୩୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ସାହାସପୁର କଲେଜରେ ଶ୍ରୀ ସତ୍ୟସାଇ ପ୍ରେମତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଚନ୍ଦ୍ରପୁର, (ସବ୍ୟୁ) : ସ୍ଥାନୀୟ ସାହାସପୁର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡାର ମିଳିତ ଉଦ୍ୟମରେ ଶନିବାର ଦିନ ଶ୍ରୀ ସତ୍ୟସାଇ ପ୍ରେମତରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟି, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କାହ୍ନୁଚରଣ ଜେନା, ଜାତୀୟ ସେବା ଯୋଜନାର ରାଜ୍ୟ ଉପଦେଷ୍ଟା ମଧୁସୂଦନ ଦାସ, ସମାଜସେବୀ ରୂପାଲି ହାତୀ ଓ ଶ୍ରୀ ସତ୍ୟସାଇ ସେବା ସଂଗଠନ, କେନ୍ଦ୍ରାପଡାର ଯୁବ ସଂଯୋଜକ ଉପସ୍ଥିତ ରହି ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶାର ପ୍ରେମତରୁ କାର୍ଯ୍ୟକ୍ରମ ମାଧ୍ୟମରେ କେନ୍ଦ୍ରାପଡା ଜିଲ୍ଲା ସଂଗଠନର ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

ମହାବିଦ୍ୟାଳୟ ଅଧ୍ୟାପକ ସଂଗ୍ରାମ କିଶୋର ପରିଡା, ଅଧ୍ୟାପକ ପ୍ରଶାନ୍ତ କୁମାର ସାମଲ, ଡ଼ଃ ଜୟଦେବ ଶତପଥୀ, ଡ଼ଃ ଦିପୁନ କୁମାର ପୁହାଣ, ଆଦିତ୍ୟ କୁମାର ସାହୁ, ସଞ୍ଜୟ କୁମାର ମଲ୍ଲିକ, ବିଜ୍ଞାନ ରଂଜନ ସେଠୀ, ଅଶୋକ କୁମାର ସାହୁ, ମିନତି ମଞ୍ଜରୀ ନାୟକ, ଆଦ୍ୟା ମୌସୁମୀ ମହାନ୍ତି, ସ୍ମୃତି ରଞ୍ଜନ ନାୟକ, ମାନସ ରଞ୍ଜନ ବରାଳ, ପ୍ରିୟ ରଞ୍ଜନ ଦାଶ, ଅନୀଲ କୁମାର ମହାନ୍ତି, ବିଶ୍ୱଜିତ ସେନାପତି, ସଞ୍ଜୟ କୁମାର ଦଳେଇ, ରନିାକର ସ୍ୱାଇଁ ଓ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ନିହାର ରଂଜନଙ୍କୁ ୩ୟ ର୍‍ୟାଙ୍କ

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ପୁନଃ ମୂଲ୍ୟାୟନ ପରେ ମିଳିଲା ୫୯୬ ମାର୍କ

ବ୍ରହ୍ମପୁର, (ସବ୍ୟୁ) : ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ପରିଚାଳିତ ଯୁକ୍ତ ୨ ବିଜ୍ଞାନ ବୋର୍ଡ ପରୀକ୍ଷା-୨୦୨୬ ର ପୁନଃ ମୂଲ୍ୟାୟନ ପରେ ସରସତୀ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗରର ୨ ବିଜ୍ଞାନ ଛାତ୍ର ଏସ୍. ନିହାର ରଂଜନ ପାତ୍ର ୫୯୬ ମାର୍କ ରଖି ଓଡ଼ିଶାରେ ତୃତୀୟ ରେଙ୍କ୍ ଓ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରି ଅନନ୍ୟ କୃତିତ୍ୱ ହାସଲ କରିବା ସହିତ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି ।

ପ୍ରକାଶ ଥାଉ କି, ଯୁକ୍ତ୨ ବିଜ୍ଞାନ-୨୦୨୬ ପରୀକ୍ଷା ଫଳ ପ୍ରକାଶ ପାଇବ ସମୟରେ ୫୮୭ମାର୍କ ହାସଲ କରିଥିବା ଏସ୍. ନିହାର ରଂଜନ ପାତ୍ର ପଦାର୍ଥ ବିଜ୍ଞାନର ପୁନଃ ମୂଲ୍ୟାୟନ ପରେ ୯ ମାର୍କ ବୃଦ୍ଧି ଘଟିବାରୁ ୫୯୬ ମାର୍କ ହାସଲ କରିଛନ୍ତି । ସଂସ୍କୃତ -୧୦୦, ରସାୟନ ବିଜ୍ଞାନ-୧୦୦, ଗଣିତ-୧୦୦, ଆଇ.ଟି.-୯୯, ଇଂରାଜୀ -୯୯ ଓ ପଦାର୍ଥ ବିଜ୍ଞାନରେ ୯୮ ମାର୍କ ରଖି ସେ କୃତକାର୍ଯ୍ୟ ହୋଇଛନ୍ତି । ଜେ.ଇ.ଇ ମେଇନ୍ ପରୀକ୍ଷାରେ ୯୯.୩୭ ପରସେଣ୍ଟାଇଲ୍ ରଖି ଆଇଆଇଟି ଅଧ୍ୟୟନ ପାଇଁ ମନୋନିତ ହୋଇଛନ୍ତି ।

ପୂର୍ବରୁ ଏହି ବିଦ୍ୟାଳୟରେ ଅଧ୍ୟୟନ କରି ୧୦ମ ବୋର୍ଡ ପରୀକ୍ଷାରେ ମଧ୍ୟ ସେ ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ । ଶ୍ରୀମନ୍ ପାତ୍ରଙ୍କ ନିଜସ୍ୱ ମତାମତ ଅନୁଯାୟୀ ତାଙ୍କର ଏହି




ସଫଳତାର ଶ୍ରେୟ, କଠୋର ପରିଶ୍ରମ, ଆତ୍ମବିଶ୍ୱାସ ଓ ଶୃଙ୍ଖଳିତ ଆଚରଣ ସହିତ ବିଦ୍ୟାଳୟର ଉଚ୍ଚକୋଟୀର ଅଧ୍ୟାପନା, ଶୈକ୍ଷିକ ପରିବେଶ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଅତୁଳନୀୟ ଉତ୍ସର୍ଗୀକୃତ ପ୍ରଚେଷ୍ଟା ଏବଂ ପରିଚାଳନା ସମିତିର ଉତ୍ସାହ ଦ୍ୱାର/ ସମ୍ଭବ ହୋଇପାରିଛି । ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ. ଜୀବନନ୍ଦ ତ୍ରିପାଠୀଙ୍କ ପୌରୋହିତ୍ୟରେ ତାଙ୍କୁ ମାନପତ୍ର, ସ୍ମୃତିଚିହ୍ନ ପ୍ରଦାନ ସହିତ ତାଙ୍କ ପିତା ଏସ୍. ତ୍ରିପତି କୁମାର ପାତ୍ର ଓ ମାତା ଏସ୍. ପଦ୍ମିନୀ ଚୌଧୁରୀଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ।

ଏହି ସମ୍ବର୍ଦ୍ଧନ ସଭାରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, ସଦସ୍ୟ ହରିକୃଷ୍ଣ ପାଢ଼ୀ, ପି. ଲୋକନାଥ ପାତ୍ର, ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି, ବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ, ଅଧ୍ୟକ୍ଷ ଡଃ. ସୁବ୍ରତ କୁମାର ପାଣିଗ୍ରାହୀ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଶ୍ରୀମାନ୍ ପାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ ।

# ଟ୍ରାଇସାଇକେଲରେ ୧୩୦ କିମି ଯାତ୍ରା

## ଏମକେସିଜିରେ ଶୁକଦେବ, ପ୍ରଶାସନ ଦେଲା ସହାୟତା

ବ୍ରହ୍ମପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବରସାହି ଗ୍ରାମର ବାସିନ୍ଦା ଶୁକଦେବ ନାହାକ(୬୬) ଏବେ ଏମକେସିଜିରେ ଚିକିତ୍ସାଧୀନ ଅଛନ୍ତି । ସେ ଉତ୍ତମ ଚିକିତ୍ସା ପାଇବା ଆଶାରେ ପ୍ରାୟ ୧୩୦ କିଲୋମିଟର ରାସ୍ତା ଟ୍ରାଇସାଇକେଲରେ ଅତିକ୍ରମ କରି ଏମକେସିଜି ମେଡିକାଲ ବର୍ତ୍ତମାନ ଚିକିତ୍ସିତ ହୋଉଛନ୍ତି । ତାଙ୍କ ଅସହାୟ ଓ ଦୁର୍ବଳ ଆର୍ଥିକ ଅବସ୍ଥା ସମ୍ପର୍କରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅବଗତ ପରେ ପ୍ରଶାସନ ପକ୍ଷରୁ ରୋଗୀ ଶୁକଦେବଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତାଙ୍କ ଚିକିତ୍ସା ସମେତ ଆନ୍ୟନ୍ୟା କ୍ଷେତ୍ରରେ ଖର୍ଚ୍ଚ ନିମନ୍ତେ ରେଡ଼କ୍ରସ ପାଣ୍ଠିରେ ୧୦ ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିବା ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ରୋଗୀ ଶୁକଦେବଙ୍କ ମେଡ଼ିକାଲର ଡେଷ୍ଟିଚ୍ୟୁଟ ଓ୍ୱାର୍ଡରେ ଚିକିତ୍ସା ଜାରିଥିବା ବେଳେ ଏକ ସ୍ୱତନ୍ତ୍ର ଡାକ୍ତର ଦଳ ତାଙ୍କର ଚିକିତ୍ସା କରୁଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଚାରିବର୍ଷ ପୂର୍ବରୁ ଘରପାଖ ଏକ କୂଅ ନିକଟ ଚଟାଣରୁ ପଡ଼ିଯିବାରୁ ଶୁକଦେବଙ୍କ ବାମ ଗୋଡ଼ ଜଙ୍ଘର ଖଞ୍ଜା ଖସିଯାଇଥିଲା । ଚଲାବୁଲାରେ ସମସ୍ୟା ଉପୁଜୁଥିବା ବେଳେ ବିଭିନ୍ନ ମେଡ଼ିକାଲରେ ଚିକିତ୍ସା ପରେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ୍ୟ ହୋଇନଥିଲେ । ଶେଷରେ ଉତ୍ତମ ଚିକିତ୍ସା ଆଶାରେ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ । ଶୁକଦେବଙ୍କ ଏଭଳି ଅଦମ୍ୟ ଇଚ୍ଛାଶକ୍ତି ଓ ଚିକିତ୍ସା ପାଇଁ ସଂଘର୍ଷ ସମ୍ପର୍କରେ ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ଓ ମେଡ଼ିକାଲ କର୍ତ୍ତୃପକ୍ଷ ପକ୍ଷରୁ ତାଙ୍କ ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି ।

ସମୟ

# ବୈତରଣୀ ନଦୀରେ ତୃତୀୟ ବନ୍ୟା, ପୁଣି ଗାଁରେ ପଶିଲା ବନ୍ୟାଜଳ



ମଙ୍ଗଳପୁର,(ସବ୍ୟୁ) : ପୁଣି ଗାଁରେ ପଶିଲା ବନ୍ୟା ଜଳ । ଦ୍ୱିତୀୟ ବନ୍ୟାର ମାତ୍ର ୧୦ ଦିନ ପରେ ପୁଣି ବୈତରଣୀ ନଦୀରେ ଆସିଛି ତୃତୀୟ ବନ୍ୟା । ମାତ୍ର ଗତ ଜୁଲାଇ ୨୯ ତାରିଖରେ ବୈତରଣୀ ଶାଖା କାଣୀ ନଦୀ ତରପଦା ପଞ୍ଚାୟତ ଡୋଭାବିଲ - ପାଟଣା ଠାରେ ୨ଟି ଘାଇ ହୋଇଥିଲା । ଉକ୍ତ ସ୍ଥାନ ଜଳସମ୍ପଦ ବିଭାଗ ପକ୍ଷରୁ ମରାମତି କରାଯାଉଥିଲା । ଗତକାଲି ବୈତରଣୀ ନଦୀରେ ତୃତୀୟ ବନ୍ୟା ଆସିବା ପରେ ଘାଇ ହୋଇଥିବା ସ୍ଥାନରେ ମରାମତି କରାଯାଇଥିବା ଉଚ୍ଚତା ଠାରୁ ପ୍ରାୟ ୩ ଫୁଟ ଉଚ୍ଚତାରେ ଗାଁକୁ ବନ୍ୟାଜଳ ପ୍ରବେଶ କରୁଛି । ଫଳରେ ପୋତାଯାଇଥିବା ବଲ୍ଲା, ଟିଣ ଆଜବେଷ୍ଟ ଏବଂ ବାଲି ବସ୍ତା ପ୍ରାୟ ୨୦ ଫୁଟ ଭାଙ୍ଗି ସାରିଲାଣି । ନଦୀରେ ବନ୍ୟାଜଳ ସ୍ତର ବଢୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ବର୍ତ୍ତମାନ ସୁଧା କସପା, ତରପଦା, ମଲିକାପୁର ପଞ୍ଚାୟତର ୮ ଟି ଗାଁରେ ବନ୍ୟା ଜଳ ପ୍ରବେଶ କରିସାରିଲାଣି । ଏହାଛଡା ଅହିୟାସ ବଜାରରେ ମଧ୍ୟ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ ହୋଇଛି । ଯାହାକି ବିପନ୍ନଙ୍କ ଦୁଃଖ ଆହୁରି ବଢ଼ାଇଦେଇଛି ।

# ବାଘ ଆତଙ୍କ ଘଟଣାର ପଡିଲା ପୂର୍ଣ୍ଣଛେଦ ଏଆଇ ଫଟୋ ଭାଇରାଲ କରି ଯୁବକ ଅଟକ

ବାଲିଚନ୍ଦ୍ରପୁର ,(ସବ୍ୟୁ) : ବାଲିଚନ୍ଦ୍ରପୁର ଥାନା ଓ ବୈରି ରେଞ୍ଜ ଅଧିନ ସାଉଡିଆ ପଞ୍ଚାୟତ ତାଲୁଆ ଗ୍ରାମର ଆଖୁ କିଆରୀ ନିକଟରେ ଏକ ମହାବଳ ବାଘ ବୁଲୁଥିବା ର ଫଟୋ ଆଜି ଦିନ ୧୨ ଟା ବେଳୁ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି ।

ପ୍ରକାଶ ଯେ,ଆଜି ତାଲୁଆର ଶ୍ରୀକାନ୍ତ କୁମାର ଧିରାଙ୍କ ମୋବାଇଲରୁ ଏକ ମହାବଳ ବାଘ ଆଖୁ କିଆରୀ ନିକଟରେ ଏକ ବାଘର ଫଟୋକୁ ଭାଇରାଲ କରିଥିଲେ ।

ସ୍ଥାନୀୟ ମୁଷାଟିକିରି ରାଜସ୍ୱ ନିରୀକ୍ଷକ ସମ୍ପୃକ୍ତ ଯୁବକଙ୍କ ଘରକୁ ଜାଇ ବୁଝିବା ପରେ ସେ ବାଘଟିର ଫଟୋ ସତ୍ୟ ବୋଲି କହିବା ପରେ ସେ ଦର୍ପଣ ତହସିଲଦାର ଓ ବାଲିଚନ୍ଦ୍ରପୁର ଥାନାକୁ ଜଣାଇବା ପରେ ପୁଲିସ ବନବିଭାଗକୁ ଜଣାଇଥିଲେ । ଖବର ପାଇବା ମାତ୍ରେ ଡାଳିଯୋଡା ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧଓ ଡାଳିଯୋଡା ବନଖଣ୍ଡ ଅଧିକାରୀ ଲଳିତଗିରି ବିଟ ହାଉସ ର ଦିଲ୍ଲୀରଞ୍ଜନ ସ୍ୱାଇଁ ଓ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଂଚି ଦୀର୍ଘ ସମୟ ଅନୁଧ୍ୟାନ କରିବାସହ ବାଘର ପାଦ ଚିହ୍ନ ଖୋଜାଖୋଜି କରିଥିଲେ । ମାତ୍ର ବାଘର ସୁରାକ ମିଳିନଥିଲା । ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ପାଞ୍ଚ ଘଣ୍ଟା ଖୋଜା ଖୋଜି କରି ନୟାନ୍ତ ହେବାପରେ ସମ୍ପୃକ୍ତ ଯୁବକକୁ ଥାନାକୁ ଆଣି ପଚରା ଉଚରା କରୁଛନ୍ତି । ତେବେ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ତଦନ୍ତ ଜାରିରହିଛି ବୋଲି ପ୍ରକାଶ କରିଛନ୍ତି । ଏହି ବାଘ ଧରା ଅଭିଯାନରେ ଥାନା ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ସମେତ ବହୁ ବନବିଭାଗ ଓ ପୁଲିସ କର୍ମଚାରୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

# ନଦୀରୁ ଉଦ୍ଧାର ଯୁବକଙ୍କୁ ଚିହ୍ନିଲେ ପରିବାର ଲୋକ

ଯାଜପୁରସଦର, (ସବ୍ୟୁ): ଖରସ୍ରୋତାରେ ଭାସି ଆସିଥିବା ଯୁବକର ପରିଚୟ ମିଳିଛି । ଅଣ୍ଟାରେ ଥିବା ରୁଦ୍ରାକ୍ଷ ଏବଂ ହନୁମାନ ଲକେଟରୁ ଯୁବକଙ୍କୁ ପରିବାର ଲୋକେ ଚିହ୍ନଟ କରିଥିଲେ । ଯୁବକ ଅଂଶୁମାନ ଗଡ଼ନାୟକ(୨୧), ଅନୁଗୁଳ ଜିଲ୍ଲା ବନ୍ତରପାଲ ଥାନା ବଉଲଗଡ଼ ଅଞ୍ଚଳର ହୋଇଥିବା ବେଳେ ତାଳଚେର ଠାରେ ମାମୁଙ୍କ ଘରକୁ ବାହୁଡ଼ା ଯାତ୍ରା ବୁଲିବାକୁ ଯାଇଥିଲେ ।

ଗତ ୨ତାରିଖରେ ବ୍ରାହ୍ମଣୀ ନଦୀରେ ସାଥୀ ଦୁଇ ଜଣଙ୍କ ସହ ଗାଧୋଉଥିବା ବେଳେ ଗୋଡ଼ ଖସିଯାଇ ୨ଜଣ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ଜଣେ ନଦୀ ଜଳ ସହ ବହୁ ସଂଘର୍ଷ କରୁଥିବା ଦେଖି ଜଣୈକ ବନ୍ଧୁ ସେଇଠି ଗାଧୋଉଥିବା ଅବସ୍ଥାରେ ଲମ୍ଫ ମାରି ତାଙ୍କୁ ଉଦ୍ଧାର କରିନେଇଥିଲେ । କିନ୍ତୁ ଅଂଶୁମାନଙ୍କର କୌଣସି ପତ୍ତା ମିଳି ନଥିଲା । ଅଗ୍ନିଶମ ବାହିନୀ ମଧ୍ୟ ୪ଦିନ ଧରି ଖୋଜି ଖୋଜି ନାକେଦମ ହୋଇଥିଲା । ତେବେ ଗତ ୪ ତାରିଖରେ ଖରସ୍ରୋତାରେ ଭାସୁଥିବା ଏକ ମୃତ ଦେହ ଉଦ୍ଧାର ହୋଇଥିଲା । ପରିବାର ଲୋକେ ଗଣମାଧ୍ୟମରୁ ଖବର ଜାଣି ସଦର ଥାନା ସହ ଯୋଗାଯୋଗ କରିଥିଲେ । ଆଜି ପରିବାର ଲୋକଙ୍କ ମଧ୍ୟରୁ ଅଂଶୁମାନଙ୍କର ବଡ଼ବୋଉ ଶଶ୍ମିତା ଓ ଦାଦା ଶିବରାମଙ୍କ ସହ ସମ୍ପର୍କୀୟ ସଦର ଥାନାରେ ପହଞ୍ଚି ଅଂଶୁମାନଙ୍କରା ରୁଦ୍ରାକ୍ଷ, ବେକରେ ଝୁଲୁଥିବା ହନୁମାନ ଲକେଟକୁ ଚିହ୍ନଟ କରିଥିଲେ । ପୁଲିସଙ୍କ ଉପସ୍ଥିତିରେ ମୃତ ଦେହକୁ ପରିବାର ଲୋକେ ସଂସ୍କାର କରିଛନ୍ତି ।

# ଛାତ୍ରଛାତ୍ରୀମାନଙ୍କ ପାଇଁ ମା ଶିକ୍ଷା ସଂସ୍କାର ଜରୁରୀ

କୁଆଖିଆ ,(ସବ୍ୟୁ) :ରସୁଲପୁର ବ୍ଲକ ଅନ୍ତର୍ଗତ ଯାବରା ସରସ୍ୱତୀ ଶିଶୁ ମନ୍ଦିରର ମାତୃସମିଳନୀ ଓ ପୁରସ୍କାର ବିତରଣ ଉତ୍ସବ ପ୍ରତିଷ୍ଠାତା ଜଗନ୍ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠି, ମୁଖ୍ୟବକ୍ତା ଭାବେ ପୂର୍ବ ବି ଆର ସି ପ୍ରଦୀପ କୁମାର ସାମଲ ,ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ଚନ୍ଦ୍ରଭାନୁ ବିଶ୍ୱାଳ, ସୁଧାଂଶୁ ରାଉତ, ସରପଞ୍ଚ ଜିତେନ୍ଦ୍ର ନାୟକ, କାର୍ତ୍ତିକ ଗାରେଡିଆ, ଦେବାଶିଷ ସ୍ୱାଇଁ, ବାସୁଦେବ ସାହୁ, ମନମୋହନ ପ୍ରଧାନ, କୁଶ ଧ୍ୱଜ ସାହୁ ଯୋଗ ଦେଇ ସାଧନା, ଧର୍ଯ୍ୟ ସହିତ ଆତ୍ମବିଶ୍ୱାସ ରଖି ମା ମାନେ ଛାତ୍ରଛାତ୍ରୀ ମାନଙ୍କୁ ଉପଦେଶ, ହିତୋପଦେଶ ମାଧ୍ୟମ ରେ ଶିକ୍ଷା ଦେଲେ ପିଲା ଙ୍କ ଭବିଷ୍ୟତ ଉଜ୍ଜଳ ହେବ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାନସୀ ଦେଓ ମଞ୍ଚ ସଂଯୋଜନା କରିଥିବା ବେଳେ ବାର୍ଷିକବିବରଣୀ ପାଠ କରିଥିଲେ । ପ୍ରଫୁଲ୍ଲ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତିଷ୍ଠାତା ଜଗନ୍ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେମଞ୍ଜୁ ଲତା ଜେନା ଗୀତା ପାଠ, ଦୀପ୍ତି ମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦୀପ ଗୁରୁଜୀ ଙ୍କ ନୃତ୍ୟ ଗୀତ ଡ୍ରଇଁ ସହ ଅଭିନୟ ସଭିଙ୍କ ମନ ମୋହଥିଲା । ପରିଚାଳନା କମିଟିଓ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହିତ ସେବକ ସେବିକା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥିଙ୍କ ସହିତ ସମସ୍ତ ଅତିଥି ଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ, କନିଷ୍ଠ ବିଭାଗରେ କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥବୃନ୍ଦ ମାନପାତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ବହୁ ଛାତ୍ର ଛାତ୍ରୀଙ୍କ ମା'ମାନେ ଯୋଗ ଦେଇଥିଲେ ।

# କୃଷକ ମୋର୍ଚ୍ଚା ଜିଲ୍ଲା ପଦାଧିକାରୀ ବୈଠକ



ପାରାଦୀପ ,( ଜିପ୍ର ) :ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା, ଜଗତସିଂହପୁର ଜିଲ୍ଲା ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ପଦାଧିକାରୀ ବୈଠକ ଆଜି ସ୍ଥାନୀୟ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଅଶୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଆଲୋକ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ସରୋଜ ସାହୁ ଏବଂ କୃଷକ ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ତରୁଣ ଦାଶ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ସାଙ୍ଗଠନିକ କାର୍ଯ୍ୟକଳାପ, କୃଷକମାନଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।

ବୈଠକରେ ମୁଖ୍ୟତଃ ଅନେକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନାର ସୁଫଳକୁ ତୃଣମୂଳସ୍ତରରେ ପହଞ୍ଚାଇବା । ଜିଲ୍ଲାର କୃଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା । କୃଷକ ମୋର୍ଚ୍ଚାର ସଂଗଠନକୁ ତୃଣମୂଳସ୍ତରରେ ଆହୁରି ସକ୍ରିୟ ଓ ମଜବୁତ କରିବା । ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବା । କୃଷକମାନଙ୍କ ସମ୍ମାନ, ସ୍ୱାବଲମ୍ବନ ଏବଂ ସମୃଦ୍ଧି ପାଇଁ ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଥିଲା । ଏହି ବୈଠକରେ ଜିଲ୍ଲା ଓ ମଣ୍ଡଳ ସ୍ତରୀୟ ପଦାଧିକାରୀ ଏବଂ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରିୟବ୍ରତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦେଶୀ ମଦ ଜବତ

ନାଉଗାଁ, (ସବୁ): ନାଉଗାଁ ଥାନା ପୋଲିସ ପକ୍ଷରୁ ଅବକାରୀ ଆଇନ ଉଲ୍ଲଂଘନ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ନାଉଗାଁର ମୁଗେଇ ଛକ ନିକଟରେ ଚଢ଼ାଉ କରି ପୋଲିସ ଜଣେ ସନ୍ଦିପ ଚୋରା ମଦ ବ୍ୟବସାୟୀଙ୍କ ନିକଟରୁ ମୋଟ ୩୩.୧୨୦ ଲିଟର ବିଦେଶୀ ମଦ ଜବତ କରିଛି ।

ଉକ୍ତ ଘଟଣାକୁ ନେଇ ନାଉଗାଁ ଥାନା ଓଡ଼ିଶା ଅବକାରୀ ଆଇନର ଧାରା ୫୨(କ) ଅନୁଯାଇ କେସ ନଂ- ୧୯୪/୨୦୨୬ ରେ ଏକ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତ ବାଲିକୁଦା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମର ପ୍ରଶାନ୍ତ ସାହୁ ଙ୍କ ଠାରୁ ୩୩.୧୨୦ ଲିଟର ବିଦେଶୀ ମଦ ସହ ପରିବହନରେ ବ୍ୟବହୃତ ହୋଇଥିବା ଏକ ହିରୋ ସୁପର ସ୍ପ୍ଲେଣ୍ଡର ମୋଟରସାଇକେଲ ଯାହାର ରେଜିଷ୍ଟ୍ରେସନ ନଂ- କ୍ୱଡ-୨୧-୦୪୪୯କୁ ଆଇନ ଅନୁଯାୟୀ ପୋଲିସ ଜବତ କରିଛି ।

# ପିଡିତାଙ୍କ ପରିବାରକୁ ଭେଟିଲେ କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳ



ନିଶ୍ଚିନ୍ତକୋଇଲି ,(ସବ୍ୟୁ):ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଉମର ଗ୍ରାମପଂଚାୟତ ଓସ୍ତପୁର ଗ୍ରାମରେ ଗତ ୩୦ ତାରିଖ ଦିନ ଘଟିଥିବା ୪ବର୍ଷର ନା ବାଳିକା ଦୁଷ୍କର୍ମ ପିଡିତାଙ୍କ ପରିବାରକୁ ଆଜି ପ୍ରଦେଶ କଂଗ୍ରେସ କମିଟିର ତଥ୍ୟ ଅନୁସନ୍ଧାନକାରୀ ଦଳ ତାଙ୍କ ବାସଭବନକୁ ଯାଇ ଗଭୀର ସମବେଦନା ଜଣାଇଥିଲେ ।

ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ ଓ ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ନିର୍ଦ୍ଦେଶ କ୍ରମେ ଏକ ପ୍ରତିନିଧି ଦଳ ସାଲେପୁର ଏସଡିପିଓ ବିରଂଚି ନାରାୟଣ ପତିଙ୍କୁ ସାକ୍ଷାତକରି ଏହି ଘଟଣାରେ ପୋଲିସ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ । ଏହି ଦଳ ଓସ୍ତପୁର ଗ୍ରାମକୁ ଆସି ପିଡିତାଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରିବା ସହ ତାଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଥିଲେ ।

ଏହି ପରିବାର କିପରି ସମସ୍ତ ପ୍ରକାର ସରକାରୀ ସହାୟତା ଓ ଆଇନ ପରାମର୍ଶ ପାଇପାରିବ ସେସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ କଟକଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସଂଯୋଜନାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ଦିନକୁ ଦିନ ନାବାଳିକା ଦୁଷ୍କର୍ମ ଓ ନାରୀ ନିର୍ଯ୍ୟାତନା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କାରଣରୁ ପ୍ରତିନିଧି ଦଳ ଏହାର କଟୁ ସମାଲୋଚନା କରିଥିଲେ । ଆଇନର ଗଳାବାଟ ଦେଇ ଓ ପୋଲିସ ପ୍ରଶାସନ ସର୍ବୋପରି ସରକାରଙ୍କ ଦାୟୀତ୍ୱ ହୀନତା କାରଣରୁ ବହୁ ପିଡିତା ନ୍ୟାୟ ପାଇବାରୁ ବଂଚିତ ହେଉଥିବାର ପ୍ରତିନିଧି ଦଳ ଅଭିଯୋଗ କରିଥିଲେ ।

ଏହି ପ୍ରତିନିଧି ଦଳରେ ନାରୀ ନେତ୍ରୀ ପ୍ରଣତି ମିଶ୍ର, ଡ. ମନିସାଦାସ ପଟ୍ଟନାୟକ ,ମଧୁସ୍ମିତା ଆଚାର୍ଯ୍ୟ, ପିସିସି ମୁଖପାତ୍ର ଦେବାଶିଷ ଭୂୟାଁ,ଟାଙ୍ଗି ବ୍ଲକ ସଭାପତି ଆଶୁତୋଷ ,ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ ସଦାମ, ଜିଲ୍ଲା ସମ୍ପାଦକ ବାନାମ୍ବର ଚାନ୍ଦପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ କଂଗେସ ସଭାପତି ନାରାୟଣ ଦ୍ୱିବେଦୀ ସଂଯୋଜନା କରିଥିଲେ । ତେବେ ପିଡିତାଙ୍କ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଓ ଆଇନ ପରାମର୍ଶ ଯୋଗାଇ ଦିଆଯିବା ନିମନ୍ତେ ପ୍ରତିନିଧ ଦଳ ଦାବି କରିଥିଲେ ।

# ଏନ୍‌ଏଚ୍‌ରେ ବେଧଡକ ଚାଲିଛି ସର୍ଭିସିଂ ସେଣ୍ଟର

କେନ୍ଦ୍ରାପଡ଼ା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ଫଂରୁପାଣ୍ଡବ ଠାରୁ ମଶାକଣି ପର୍ଯ୍ୟ" ଚଣ୍ଡିଖୋଲ-ପାରାଦ୍ୱିପ ଜାତୀୟ ରାଜପଥ ରେ ବେଧଡକ ଭାବେ ସର୍ଭିସିଂ ସେଣଫର କରାଯାଇ ଦୈନିକ ଶହ ଶହ ଗାଡି ଧୁଆ ଯାଉଛି। କୋଟି କୋଟି ଟଙ୍କା ବୟୟରେ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ଉପରେ ଗୋଟିଏ ପଟ ରାସ୍ତାକୁ ସଂମ୍ପୂର୍ଣ୍ଣ ବନ୍ଦ କରି ସର୍ଭିସିଂ ସେଣଫର କରା ଯାଇଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି। ଜିଲ୍ଲା ପରିବହନ ଅଧିକାରୀ ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବିପନ୍ନ ପରିବାରକୁ ଭେଟି ସହାୟତା ପ୍ରଦାନ କଲେ ବିଧାୟକ

ବରୀ,(ସବ୍ୟୁ) : ଯାଜପୁର ଜିଲ୍ଲାର ବରୀ ବ୍ଲକ ବନ୍ୟା ଦ୍ୱାରା ସର୍ବାଧିକ ଭାବେ ପ୍ରଭାବିତ ହୋଇଥିବା ବେଳେ ଏହି ଘଟଣାକୁ ଗୁରୁତ୍ୱ ଦେଇଛନ୍ତି ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ । ବନ୍ୟା ଦ୍ୱାରାପ୍ରଭାବିତ ହୋଇଥିବା ଲୋକ ମାନଙ୍କ ନିକଟରେ ପ୍ରଶାସନ ପହଞ୍ଚି ପାରି ନଥିବା ବେଳେ ନିଜେ ବିଧାୟକ ଲୋକା ମାନଙ୍କ ନିକଟରେ ପହଁଚିବା ଏଂ ସେମାନଙ୍କ ସମସ୍ୟା ବୁଝିବା ସହିତ ଶୁଖିଲା ଖାଦ୍ୟ ଓ ସ୍ଥଳ ବିଶେଷରେ କିଛି ନିରାଶ୍ରୟ ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୂଚନା ମୁତାବକ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରଶାସନିକ ଅଧିକାରୀ ମାନେ କ୍ଷୟ କ୍ଷତିର ଆକଳନ କରିବାକୁ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ନଥିବା ଘଟଣା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଥିବା ବେଳେ ପ୍ରଶାସନ ନ ପହଞ୍ଚିଲେ ବି ମୁଁ ବିଧାୟକ ହୋଇ ଥିବାରୁ ଯାହା ବି ସମସ୍ୟା ଅଛି ତାକୁ ସମାଧାନ କରିବା କ୍ଷେତ୍ରରେ ପ୍ରଶାସନ ଅଣଦେଖା କଲେ ବି ମୁଁ ବ୍ୟକ୍ତିଗତ ଭାବେ ସବୁ ପ୍ରକାର ସହଯୋଗ କରିବି ବୋଲି ବନ୍ୟା ପ୍ରଭାବିତ ଲୋକ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଶନିବାର ଦିନ ଭଅଁରା, ଭୁରୁଙ୍ଗା, ଚଟୁମାରି, ସଙ୍ଗ ଗଦେଇପୁର ପ୍ରଭୃତି ଗ୍ରାମରେ ଘରକୁ ଘର ବୁଲି ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ପଚାରି ବୁଝିବା ସହିତ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରିଥିଲେ । ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ସମାଜ ସେବୀ ଅରବିନ୍ଦ ମହାନ୍ତି, ପ୍ରସନ୍ନ କୁମାର ସାମଲ, ହିମାଂଶୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଜଳବନ୍ଦୀ ଅବସ୍ଥାରେ ଝାଟିଆ ଶାସନ ଗ୍ରାମ ବାସିନ୍ଦା

ଧର୍ମଶାଳା,( ସବ୍ୟୁ ): ଧର୍ମଶାଳା ର୍ନିବାଚନ ମଣ୍ଡଳୀ ବାରବାଟୀ ପଂଚାୟତ ଝାଟିଆ ଶାସନ ଗ୍ରାମର ବାସିନ୍ଦା ଏବେ ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି । ସୂଚନା ଯୋଗ୍ୟ ଯେ ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଏହି ଗ୍ରାମର ମୁଖ୍ୟ ରାସ୍ତା ଉପରେ ବର୍ଷା ଜଳ ପ୍ରବାହିତ ହେଉଛି । ଫଳରେ ଲୋକେ ଘରୁ ବାହାରିବା ମୁସ୍କିଲ । ଏପରିକି ବର୍ଷା ଜଳ ଘର ଭିତରେ ପ୍ରବେଶ କରିଥିବା ଦେଖିବାକୁ ମିଳିଛି ।

ଜଳ ନିଷ୍କାସନ ସୁବିଧା ନଥିବାରୁ ଏହି ଗ୍ରାମର ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ବାମଦେଇପୁର ଓ ମାଣତିରି ଗ୍ରାମର ଶହ ଶହ ଲୋକ ଦୈନନ୍ଦିନ ଯାତାୟାତ କରିଥାନ୍ତି । ଏତଦବ୍ୟତୀତ ସ୍କୁଲରେ ପାଠ ପଢୁଥିବା ଛୋଟ ଛୋଟ ପିଲାମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାଧ୍ୟ ହୋଇ ଲୋକେ ପାଣି ଭିତରେ ପଶି ଯିବା ଆସିବା କରୁଛନ୍ତି ।

ଏପଟେ ଜୀବଜନ୍ତୁଙ୍କର ଭୟ ମଧ୍ୟ ରହୁଛି । ପ୍ରତିବର୍ଷ ଗ୍ରାମବାସୀ ଏହି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସମାଧାନ ଦିଗରେ କେହି ଉଦ୍ୟମ କରୁ ନ ଥିବା ଅଭିଯୋଗ ହେଉଛି । ତୁରନ୍ତ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଜଳ ଦାବି କରିଛନ୍ତି ।

# ବିବାହ ପ୍ରତିଶ୍ରୁତି ଦେଇ ଛାତ୍ରୀଙ୍କ ସହ ସଂପର୍କ : ଅଭିଯୁକ୍ତ ଗିରଫ

ରଘୁନାଥପୁର, (ସବ୍ୟୁ) : ରଘୁନାଥପୁର ଥାନା ଅଞ୍ଚଳରେ ଥିବା ଏକ କଲେଜରେ ପଢୁଥିବା ଜନୈକା ଛାତ୍ରୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସଂପର୍କ ରଖିବା ଅଭିଯୋଗରେ ରଘୁନାଥପୁର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଜଗତସିଂହପୁର ଥାନା ପାଣିଶାଳିଆ ଗ୍ରାମର ପ୍ରସନ୍ନ କୁମାର ବିଶ୍ୱାଳ । ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ଶନିବାର ରଘୁନାଥପୁର ଥାନାରେ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା ।

ଏ ନେଇ ଥାନାରେ କେସ ନଂ ୧୪୧/୨୬ ରେ ମାମଲା ରୁଜୁ କରାଯାଇଥିଲା । ଅଭିଯୁକ୍ତ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ଆଇଆଇସି ପ୍ରେମଜିତ ଦାସ ପୋଲିସ ଫୋର୍ସ ସହ ପହଞ୍ଚି ଅଭିଯୁକ୍ତ ପ୍ରସନ୍ନକୁ ଧରିବାକୁ ସକ୍ଷମ ହୋଇଥିଲେ । ଉଭୟଙ୍କ ଡାକ୍ତରୀମାଇନା କରାଯାଇଥିଲା । ପରେ ଅଭିଯୁକ୍ତ ପ୍ରସନ୍ନକୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ପ୍ରକାଶ ।

# କେସିସିଏଲର ସ୍ୱତନ୍ତ୍ର ସମବାୟ ସମାରୋହ: ବିକଶିତ ଭାରତ ଲକ୍ଷ୍ୟକୁ ସମବାୟ ପୂରଣ କରିବ




କେନ୍ଦ୍ରାପଡା,(ସବ୍ୟୁ ): କେନ୍ଦ୍ରାପଡା କୋ ଅପରେଟିଭ ସୋସାଇଟି ଲିମିଟେଡ (କେସିସିଏଲ)ର ୨୬ତମ ବର୍ଷ ଅବସରରେ ସହର ନିକଟ ଉଦୟନଗରସ୍ଥିତ ସଂସ୍କୃତି ଭବନ ଠାରେ ସ୍ୱତନ୍ତ୍ର ସମବାୟ ସମାରୋହ ଶନିବାର ଆୟୋଜନ ହୋଇଛି। ସମିତି ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଓ ରାଜ୍ୟ ସରକାରଙ୍କ ବିକଶିତ ଓଡିଶାର ଲକ୍ଷ୍ୟକୁ ସମବାୟ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଅତିଥିମାନେ ମତ ପ୍ରଦାନ କରିଛନ୍ତି।

ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ମୁଖ୍ୟ ବକ୍ତା ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଯୁକ୍ତ ସଚିବ ଡ. କମଳାକାନ୍ତ ତ୍ରୀପାଠୀ, ବିଶିଷ୍ଟ ଅତିଥି ରାଜ୍ୟ ବାର କାଉନସିଲ ସଦସ୍ୟ ଦିନେଶ ରାୟ, ସମ୍ମାନୀତ ବକ୍ତା ସମବାୟ ସମିତି ସମୂହର ଅତିରିକ୍ତ ନିବନ୍ଧକ ପ୍ରମୋଦ କୁମାର ସାହୁ, ଉପସଭାପତି ସାବିନା ପରୱିନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ମହାପାତ୍ର କହିଥିଲେ ଯେ ସହଯୋଗିତା ମାନବ ଇତିହାସ ସହିତ ଜଡିତ। ଅଧୁନିକତା ଆଳରେ ସମ୍ପର୍କର ସେତୁ ଭାଙ୍ଗି ଯାଇଥିଲା। ମାତ୍ର ସମବାୟ ମାଧ୍ୟମରେ ଏହାର ପୁର୍ନଜନ୍ମ ହୋଇଛି। ୧୯୦୪ ମସିହାରୁ ଆସିଥିବା ସମବାୟ ଆଇନରେ ବହୁ ପରିବର୍ତନ ହୋଇଛି। ଏହା ଏବେ ମୌଳିକ ଅଧିକାରରେ ପରିଣତ ହୋଇଛି। ପ୍ରେରଣା, ବିଶ୍ୱନୀୟତା ଓ ଔଦଗୀତା ଏହି ସମବାୟ ଆନ୍ଦୋଳନକୁ ଅଗ୍ରଗତି ଦେବା ଫଳରେ ବିକଷିତ ଭାରତର ଅର୍ଥନୀତି ସୁଦୃଢ଼ ହୋଇପାରିବ। ମୁଖ୍ୟବକ୍ତା ଡ. ତ୍ରୀପାଠୀ କହିଥିଲେଯେ ଗ୍ରାମ୍ୟ ଅଭିବୃଦ୍ଧିରେ ସମାଜର ଅଭିବୃଦ୍ଧି ପାଇଁ ସମବାୟ ଆନ୍ଦୋଳନକୁ ଅଧକ ପ୍ରୋତ୍ସାହନ ଦେଇ ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ଆହ୍ୱାନ ଦେଇ ଆସିଛନ୍ତି। ତେବେ ସମବାୟ ଆନ୍ଦୋଳନ ପାଇଁ ସାମୁହିକ ପ୍ରୟାସ ଜରୁରୀ। ଏହି ଜିଲାରେ ଫିସେରୀ, ଡାଏରୀ, ହର୍ଟିକଲଚର, ହ୍ୟାଣ୍ଡଲୁମ, ହ୍ୟାଣ୍ଡିକ୍ରାଫ୍ଟ ଓ ଟୁରିଜିମକୁ ସମବାୟ ଆନ୍ଦୋଳନରେ ସାମିଲ ଜରୁରୀ ହୋଇଛି।

ବିଶିଷ୍ଟ ଅତିଥି ରାୟ କହିଥିଲେ ,ଯେ ଛୋଟ ଭୁଲଟିଏ ଆଗାମୀ ଦିନରେ ବଡ ଓ ଭଲ ସମ୍ପର୍କକୁ ନଷ୍ଟ କରିଥାଏ। ତେବେ କେସିସିଏଲର ପରିଚାଳନାଗତ ତୃଟି ନଥିବାରୁ ଗତ ୨୬ ବର୍ଷ ଧରି ସୂଚାରୁ ଚାଲିଆସିଛି। ସମ୍ମାନୀତ ବକ୍ତା ଅତିରିକ୍ତ ନିବନ୍ଧକ ସାହୁ କହିଥିଲେଯେ ସମବାୟ ଆନ୍ଦୋଳନରେ ସଦସ୍ୟଙ୍କ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ସାହୁ କହିଥିଲେଯେ ସମବାୟକୁ ସୂଚାରୂ ରୂପେ ପରିଚାଳନା କରିପାରିଲେ ଦେଶର ଅର୍ଥନୀତି ବଦଳିବ। ବ୍ୟକ୍ତିବିଶେଷରୁ ପରିବାର, ଗ୍ରାମ, ରାଜ୍ୟ ଓ ଦେଶ ସୁଅର୍ଥନୀତି ପାଇଁ ସକ୍ଷମ ହୋଇପାରିବ। ସମବାୟ ସମିତିକୁ କୃଷି ବ୍ୟତିତ ଅନ୍ୟ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ଆଇନ ହେବା ଜରୁରୀ ହୋଇ ପଡିଛି। କେସିସିଏଲ ଏହି ଆଭିମୁଖ୍ୟ ରଖି ସମିତିର ପରିଚାଳନା କରୁଛି। ଇତିମଧ୍ୟରେ ଅବିଭକ୍ତ କଟକ ଜିଲାରେ ୧୩ଟି ଶାଖା ଖୋଲାଯାଇ ୧ ଲକ୍ଷ ୪୭ ହଜାର ସଦସ୍ୟ ସାମିଲ କରାଯାଇ ପାରିଛି। ବିଭିନ୍ନ ଯୋଜନାରେ ଅସହାୟ ବ୍ୟକ୍ତି, ପରିବାର, ସଂଗଠନକୁ ସହଯୋଗ ଦିଆ ଯାଉଥିବା ବେଳେ ଶିକ୍ଷା, ଚିକିତ୍ସା କ୍ଷେତ୍ରରେ ଆବଶ୍ୟକ ଅନୁଯାୟୀ ସାହାଯ୍ୟ କରାଯାଉଛି।

ଜଗତସିଂହପୁର ଜିଲାର ସଫଳ ଚାଷୀ ସୌରଭ ପଟ୍ଟନାୟକ, ଯାଜପୁର ଜିଲା ବଡଚଣା ବ୍ଲକର ଆଦର୍ଶ କୃଷି ସମବାୟ ସମିତି, ଖବରଦାତା ମଳୟରନ ମହାନ୍ତି, ସମବାୟବିତ ମମତା ପଣ୍ଡା, ଡା. ଉମେଶ ଚନ୍ଦ୍ର ରାୟ, ସମବାୟବିତ ନୃସିଂହ ଚରଣ ମହାନ୍ତି, ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତା ସ୍ୱପ୍ନା ସିଂହଙ୍କୁ କେସିସିଏଲ ପକ୍ଷରୁ ସଫଳ ଉଦ୍ୟମୀ ଭାବେ ସମ୍ବର୍ଦ୍ଧିତ କରାଯାଇ ଥିଲା। ସମ୍ପାଦକ ଅରବିନ୍ଦ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ଅତିରିକ୍ତ ସମ୍ପାଦକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ନିର୍ଦ୍ଦେଶାକ, କର୍ମଚାରୀ, ଏଜେଂଟ ଓ ସଦସ୍ୟମାନେ ବହୁଳ ଭାବେ ଯୋଗ ଦେଇଥିଲେ।

# ଓଳାଭର କଲେଜରେ ନାରୀ ସଶକ୍ତିକରଣ ରୂପକ ସଚେତନତା

ରାଜକନିକା,(ସବ୍ୟୁ) : ରାଜକନିକା ବ୍ଲକ ଓଳାଭର ମହବିଦ୍ୟାଳୟରେ ଶକ୍ତିଶ୍ରୀ ଶାଖା ସଶକ୍ତିକରଣ ପକ୍ଷରୁ ଲିଙ୍ଗଭିତ୍ତିକ ହିଂସା, ସାମାଜିକ କୁପ୍ରଥା ଓ ମହିଳା ସଶକ୍ତିକରଣ ଶୀର୍ଷକ ପାଠ୍ୟଚକ୍ର ଏବଂ ୬ ଦିନିଆ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ଉ"ାଟନୀ ସମାରୋହ ଶୁକ୍ରବାର ମହାବିଦ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକଟର ନୃସିଂହ ଚରଣ ସାମନ୍ତରାୟ କାର୍ଯ୍ୟକ୍ରମକୁ ଉ"ାଟନ ପୂର୍ବକ ସଭାକୁ ପୌରହିତ୍ୟ ପୂର୍ବକ ମହିଳା ସୁରକ୍ଷା, ସଚେତନତା ଓ ସଶକ୍ତିକରଣ ସମ୍ପର୍କିତ ଉପାଦେୟ ମତବ୍ୟକ୍ତ କରିଥିଲେ ।

ଶକ୍ତିଶ୍ରୀ ସଂଯୋଜିକା ସୁଶ୍ରୀ ଅବନ୍ତୀ ରାୟ ସ୍ୱାଗତ ଭାଷଣ ପୂର୍ବକ ଶକ୍ତିଶ୍ରୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ବକ୍ତା ଭାବେ ଡକଟର ସୁଜାତା ଓଟ୍ଟା ଓ ଆତ୍ମରକ୍ଷା ପ୍ରଶିକ୍ଷଣର ମୁଖ୍ୟ ପ୍ରଶିକ୍ଷିକା ମଞ୍ଜୁଲତା ସେନାପତି ଉପସ୍ଥିତ ହୋଇ ପ୍ରଶିକ୍ଷଣର ଉପକାରିତା ବିଷୟରେ ଆଲୋକପାତ କରି ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ପରିଚିତ ହୋଇଥିଲେ । ପ୍ରଥମ ବୈଷୟିକ ଅଧିବେଶନରେ ଡକଟର ଓଟ୍ଟା ଲିଙ୍ଗଭିତ୍ତିକ ହିଂସା, ସାମାଜିକ କୁପ୍ରଥା ଓ ମହିଳା ସଶକ୍ତିକରଣ ଉପରେ ବିଶେଷଭାବେ ଆଲୋକପାତ କରିଥିଲେ । ସେ ବିଶେଷ ଭାବେ ଲିଙ୍ଗ ଆଧାରିତ ହିଂସାର ବିଭିନ୍ନ ରୂପ, ମହିଳାଙ୍କୁ ପ୍ରଭାବିତ କରୁଥିବା ସମାଜରେ ପ୍ରଚଳିତ ରୁଢ଼ିବାଦୀ ପରମ୍ପରା ଓ କୁପ୍ରଥା ଏବଂ ରାଷ୍ଟ୍ରର ଆଇନଗତ ବ୍ୟବସ୍ଥାର ଉପଲବ୍ଧ ଓ ସହାୟତା ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ସାମାଜିକ ପରିବର୍ତ୍ତନ ପାଇଁ ଶିକ୍ଷା ଓ ସଚେତନତାର ଭୂମିକା ଅପରିହାର୍ଯ୍ୟ ବୋଲି କହିଥିଲେ ।

ସେହିପରି ଦ୍ୱିତୀୟ ଅଧିବେଶନରେ ଆତ୍ମରକ୍ଷା ପ୍ରଶିକ୍ଷିକା ମୁଖ୍ୟ ସେନାପତି ଆତ୍ମରକ୍ଷା ପ୍ରଶିକ୍ଷଣର ପ୍ରାରମ୍ଭିକ ଅଭିମୁଖ୍ୟ ଓ ଏହାର ଉପାଦେୟର ସମ୍ୟକ ସୂଚନା ପ୍ରଦାନ କରିଥିଲେ । ମାନସିକ ରୂପେ ସତର୍କତା, ପରିସ୍ଥିତି ମୁତାବକ ସଚେତନତା ଓ ଶାରୀରିକ କୌଶଳର ପ୍ରସ୍ତୁତି ଉପରେ ଏହି ଅଧିବେଶନରେ ଗୁରୁତ୍ୱ ଦିଆଯାଇଥିଲା । ଅଧ୍ୟାପିକା ଧରିତ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

ବାରଙ୍ଗ(ସବ୍ୟୁ): ତମାଣ୍ଡୋ ଅଞ୍ଚଳର ବରିଷ୍ଠ ସମାଜସେବୀ ସୁଧିରକୁମାର ପଟ୍ଟନାୟକଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସୁକାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍ତନ ମନ୍ତ୍ରୀ ସୁର ରାଉତରାୟ, ଆଇଆଇସି ବସନ୍ତକୁମାର ଦଳାଇ, ପ୍ରାକ୍ତନ ଜିଲାପରିଷଦ ସଭ ସଂଗ୍ରାମ ପାଇକରାୟ, ମନ୍ମଥ ରାଉତରାୟ, ଡ.ସନ୍ତୋଷକୁମାର ଜେନା, ଜିତେନ୍ଦ୍ରକୁମାର ମହାନ୍ତି, ପ୍ରାକ୍ତନ ବ୍ଲକ ଅଧକ୍ଷ ଦୁଃଶାସନ ସ୍ୱାଇଁ, ପ୍ରଧାନ ଶିକ୍ଷକ ଅଶୋକକୁମାର ସାହୁ, ଜୋତିଷକୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ସମୟ ପ୍ରଭାବ : ଡାଇରିଆରେ ଆକ୍ରାନ୍ତ କରଡାପଲ୍ଲୀରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ



ବାଙ୍କୀ (ସବ୍ୟୁ): ଗତ ତିନି ଦିନ ଧରି ବାଙ୍କୀ ବ୍ଲକ ଅନ୍ତର୍ଗତ କାଳିପୋଇ ପଞ୍ଚାୟତର କରଡାପଲ୍ଲୀ ଗାଆଁରେ ଡାଇରିଆରେ ୫୦ ରୁ ଉର୍ଦ୍ଧ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାର ଖବର ଦୈନିକ ଖବକାଗଜ ସମୟରେ ଖବର ପ୍ରକାଶ ପାଇବା ପରେ ଶନିବାର ଦିନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସକାଳେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ଅମରେଶ ସାହୁ ଓ ମଧ୍ୟାହ୍ନ ସମୟରେ କଟକ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଜନ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲୋକନାଥ ପାତ୍ର ପହଞ୍ଚି ସମସ୍ତ ଆକ୍ରାନ୍ତ ଙ୍କ ଘରକୁ ଘର ଯାଇ ଗ୍ରାମର ଲୋକଙ୍କ ସହିତ କେତେ ଦିନ ହେଲା ହେଲାଣି କଣ କଣ ଖାଦ୍ୟ ଖାଉଥିଲେ ତାହା ପଚାରି ବୁଝିଲେ। ତିନି ଦିନ ପାଇଁ ଜଣେ ଡାକ୍ତରଙ୍କ ସହିତ ଟିମ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ରହି ସମସ୍ତଙ୍କୁ ଔଷଧ ଓ ଓଆର ଏସ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁସାରେ ସଙ୍ଗେ ସଙ୍ଗେ ଔଷଧ ଶିବିର ଖୋଲା ଯାଇ ବଣ୍ଟନ କରା ଯାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ ସ୍ଥିତି ଅନୁଧ୍ୟାନ କରୁ ଥିବା ବେଳେ ଗ୍ରାମରେ ପିଇବା ପାଣି ଯୋଗାଣ ହେଉଥିବା ପିଇବା ପାଣି ପାଇପରେ ଫାଟ ରହୁ ଥିବାରୁ ଅପରିଷ୍କାର ପାଣି ପିଇ ଲୋକେ ଡାଇରିଆରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି ।ତେବେ ବାଙ୍କୀ ବ୍ଲକ ବିଡିଓ ଫାଟି ଯାଇ ଥିବା ପାଇପ ତୁରନ୍ତ ମରାମତି କରିବା ପାଇଁ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି ।

## ପାଣିରେ ବୁଡ଼ିଲା ଗୋପୀନାଥପୁର ରାସ୍ତା: ବଡ଼ମ୍ବା–ବାଙ୍କୀ ଯୋଗାଯୋଗ ଠପ

ବଡ଼ମ୍ବା,(ସବ୍ୟୁ):କଟକ ଜିଲ୍ଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଅଞ୍ଚଳରେ । ରାସ୍ତାର ଦୟନୀୟ ଅବସ୍ଥା ଓ ବର୍ଷାଜଳ ନିଷ୍କାସନର ସୁବିଧା ନଥିବାରୁ ଗୋପୀନାଥପୁର ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଫଳରେ ବଡ଼ମ୍ବାରୁ ବାଙ୍କୀ ଅଞ୍ଚଳକୁ ଯୋଗାଯୋଗ ଠପ ହୋଇପଡ଼ିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୋପୀନାଥପୁର ରାସ୍ତା ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଲୋକ ଯାତାୟାତ କରିଥାନ୍ତି। ବଡ଼ମ୍ବା ଅଞ୍ଚଳର ଲୋକଙ୍କ ପାଇଁ ବାଙ୍କୀ ଦିଗକୁ ଯିବା ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏବେ ରାସ୍ତାର ଅବସ୍ଥା ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ବର୍ଷା ହେବା ପରେ ରାସ୍ତା ଉପରେ ବହୁ ପରିମାଣର ପାଣି ଜମି ରହୁଛି। ଅନେକ ସ୍ଥାନରେ ରାସ୍ତାର ଅବସ୍ଥା ଖରାପ ଥିବାରୁ ପାଣି ଓ କାଦୁଅ ମଧ୍ୟରେ ଗାଡ଼ି ଚଳାଚଳ କରିବା କଷ୍ଟକର ହୋଇପଡୁଛି।।ବର୍ଷା ପାଣି ନିଷ୍କାସନ ପାଇଁ ଉପଯୁକ୍ତ ଡ୍ରେନ ବ୍ୟବସ୍ଥା ନଥିବାରୁ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ବର୍ଷା ହେଲେ ଉପରୁ ଆସୁଥିବା ପାଣି ରାସ୍ତା ଉପରେ ଜମି ରହୁଛି। ପାଣି ନିଷ୍କାସନର ସୁବିଧା ନଥିବାରୁ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ପାଣି ରହିଯାଉଛି। ଫଳରେ ରାସ୍ତାର ମାଟି ଓ ନିର୍ମାଣ ସାମଗ୍ରୀ ଧୋଇଯାଇ ରାସ୍ତା ଆହୁରି ଦୁର୍ବଳ ହେଉଛି।ଏହି ରାସ୍ତା ସମସ୍ୟା ଆଜିର ନୁହେଁ। ଦୀର୍ଘଦିନ ଧରି ରାସ୍ତାର ଅବସ୍ଥା ଖରାପ ରହିଆସିଛି। ରାସ୍ତା ମରାମତି, ଖାଲଖମା ପୂରଣ ଏବଂ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। କିନ୍ତୁ ଅଭିଯୋଗ ପରେ ଅଭିଯୋଗ ହେଉଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଗ୍ରାମବାସୀ କହିଛନ୍ତି।ଏବେ ଲଗାତାର ବର୍ଷା ହେଉଥିବାରୁ ସମସ୍ୟା ଆହୁରି ଗମ୍ଭୀର ହୋଇଛି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ଗାଡ଼ି ଚଳାଚଳ ଧୀର ହେବା ସହ କେତେକ ସମୟରେ ସମ୍ପୂର୍ଣ୍ଣ ଭାବେ ଯାତାୟାତ ବନ୍ଦ ହୋଇଯାଉଛି।ସ୍ଥିତି ଅସହ୍ୟ ହେବା ପରେ ଗ୍ରାମବାସୀ ରାସ୍ତା ବନ୍ଦ କରି ପ୍ରତିବାଦ କରିଛନ୍ତି। ରାସ୍ତା ବନ୍ଦ ହେବା ଯୋଗୁଁ ବଡ଼ମ୍ବାରୁ ବାଙ୍କୀ ଦିଗକୁ ଯାଉଥିବା ଲୋକମାନେ ମଧ ଅସୁବିଧାରେ ପଡ଼ିଛନ୍ତି । ଅସୁସ୍ଥ ଲୋକଙ୍କୁ ଡାକ୍ତରଖାନା ନେବା, ଗର୍ଭବତୀ ମହିଳାଙ୍କୁ ଚିକିତ୍ସା ପାଇଁ ନେବା କିମ୍ବା ଅନ୍ୟ କୌଣସି ଜରୁରୀ ସମୟରେ ଗାଡ଼ି ଯାତାୟାତ କରିବାରେ ସମସ୍ୟା ହେଲେ ଗୁରୁତର ପରିସ୍ଥିତି ଉପୁଜିପାରେ। ଏହାଛଡ଼ା ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ ଏବଂ ଦୈନିକ ମଜୁରିଆ ଲୋକମାନେ ମଧ ଏହି ରାସ୍ତା ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି।ଏହି ରାସ୍ତା ଉପରେ ନିର୍ଭରଶୀଳ ଲୋକଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ତୁରନ୍ତ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଘଟଣାସ୍ଥଳ ପରିଦର୍ଶନ କରି ରାସ୍ତାର ସ୍ଥିତି ଅନୁଧ୍ୟାନ କରିବାକୁ ଦାବି ହୋଇଛି। ଏହାସହ ଅସ୍ଥାୟୀ ଭାବେ ପାଣି ନିଷ୍କାସନ କରି ଯାତାୟାତ ସ୍ୱାଭାବିକ କରିବା ସହ ଶୀଘ୍ର ସ୍ଥାୟୀ ମରାମତି କାମ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।ସାଧାରଣ ଲୋକଙ୍କ ଯାତାୟାତ ପାଇଁ ରାସ୍ତା ହେଉଛି ଜୀବନରେଖା। ଗୋପୀନାଥପୁର ରାସ୍ତାର ସମସ୍ୟା ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ଗ୍ରାମବାସୀଙ୍କ ଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି।ତେଣୁ ପ୍ରଶାସନ ଏବେ କେବଳ ଆଶ୍ୱାସନ ନଦେଇ ଘଟଣାସ୍ଥଳକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ରାସ୍ତା ମରାମତି ଏବଂ ପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରୁ ବୋଲି ଦାବି ହୋଇଛି।

## ସଫେଇ ଆଳରେ ସୁନା ଅଳଙ୍କାର ଲୁଟ

ବଳଙ୍ଗା ,(ସବ୍ୟୁ): ସୁନା ଅଳଙ୍କାର ସଫା କରିବା ଆଳରେ ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଜଣେ ମହିଳାଙ୍କ ଠାରୁ ସୁନା କାନ ଫୁଲ ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ହରିପୁର ଗ୍ରାମର ମାନସ ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶୁକ୍ରବାର ମଧ୍ୟାହ୍ନରେ ମାନସଙ୍କ ବୋଉ କାଦମ୍ବିନୀ ବେହେରା ତାଙ୍କ ପତ୍ନୀ ସହ ମିଶି ଘରେ ଶାଗ ବାଛୁଥିଲା ବେଳେ ୨ଜଣ ଅଚିହ୍ନା ଯୁବକ ଏକ ବାଇକରେ ଆସି ସେମାନେ ନିଜକୁ ପତଞ୍ଜଳୀ କମ୍ପାନୀରେ କାମ କରୁଥିବା କହି ହାତରେ ଏକ ଜରି ପ୍ୟାକେଟରେ କିଛି ପାଉଡର ଧରି ଘରେ ଥିବା ପୁରୁଣା ସୁନା ଅଳଙ୍କାର ସଫା କରିବାକୁ କହିଥିଲେ। କାଦମ୍ବିନୀ ମନା କରିବାରୁ ଦୁର୍ବୃତ୍ତମାନେ କାଦମ୍ବିନୀ ଗୋଡ଼ରେ ପିନ୍ଧିଥିବା ଝୁଣ୍ଟିଆ ମୁଦିକୁ ସଫା କରିବା ପାଇଁ ମାଗିଥିଲେ। କାଦମ୍ବିନୀ ଝୁଣ୍ଟିଆ ଦେବାରୁ ଦୁର୍ବୃତ୍ତମାନେ ସାଙ୍ଗରେ ଆଣିଥିବା ପାଣିରେ ପାଉଡର ମିଶାଇ ସଫା କରିଦେବାରୁ ମୁଦିଟି ସଫା ହୋଇଯାଇଥିଲା। ପରେ ଦୁର୍ବୃତ୍ତମାନେ କାଦମ୍ବିନୀଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କ କାନରେ ଥିବା ସୁନା କାନଫୁଲ ସଫା କରିବା ପାଇଁ ମାଗିଥିଲେ। କାଦମ୍ବିନୀ କାନଫୁଲ ଖୋଲି ହାତରେ ଧରି ଥିବା ବେଳେ ଦୁର୍ବୃତ୍ତମାନେ କାଦମ୍ବିନୀଙ୍କ ବୋହୂକୁ ପାଣି ପାଇଁ ଘରକୁ ପଠାଇଥିଲେ। ବୋହୂ ପାଣି ପାଇଁ ଯିବା ବେଳେ ଦୁର୍ବୃତ୍ତ ମାନେ କାଦମ୍ବିନୀଙ୍କ ହାତରୁ ସୁନା କାନ ଫୁଲ ନେଇ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ବଳଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ ଘଟଣା ସ୍ଥଳରେ ପହଁଚି ବିଭିନ୍ନ ସ୍ଥାନରେ ଲାଗିଥିବା ସି ସି ଟିଭି ଆଧାରରେ ତଦନ୍ତ ଜାରି ରଖିଛନ୍ତି।

## ପ୍ରୟାସର ରିଲିଫ ବଣ୍ଟନ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୁବ ନେତା କାମାକ୍ଷା ପ୍ରସାଦ ପ୍ରଧାନଙ୍କ ତରଫରୁ ବନ୍ୟା ପୀଡ଼ିତ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି । ପ୍ରଭାବିତ ପଞ୍ଚାୟତ ମଧ୍ୟରୁ ପ୍ରାଥମିକ ଭାବେ ପାଣ୍ଡିଆକେରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସିମିଳୀପାଟଣା, ଗଡ଼ମାଟିଆପଡ଼ା , ବଗିପଡ଼ା, କଉଡ଼ିଖୁଣିର କେତେକାଂଶ ଗ୍ରାମର ବନ୍ୟା ପୀଡ଼ିତଙ୍କୁ ଚୁଡ଼ା, ଚିନି, ପାଉଁରୁଟି, ମାସାଧୂପ ଓ ମଶାରୀ ବଣ୍ଟନ କରାଯାଇଥିଲା । ଏହି ଅବସରରେ ଯୁବ ନେତା କାମାକ୍ଷା ପ୍ରଧାନ ବନ୍ୟା ପ୍ରଭାବିତ ଗ୍ରାମ ଗୁଡ଼ିକ ବୁଲି ଲୋକଙ୍କ ସହିତ ସମସ୍ୟା ବିଷୟରେ ଆଲୋଚନା ଆଲୋଚନା କରିଥିଲେ ।

## ବାଲିପାଟଣା ପ୍ରେସ କ୍ଲବ ସମ୍ମାନିତ



ବାଲିପାଟଣା,(ସବ୍ୟୁ): ଦୈନିକ ଖବରକାଗଜ ସମୀକ୍ଷାର ବାର୍ଷିକ ଉତ୍ସବ ଅବସରରେ ଶନିବାର ପୂର୍ବାହ୍ନରେ ରାଜ୍ୟ ସୂଚନା ଭବନ ଠାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ବାଲିପାଟଣା ପ୍ରେସ କ୍ଲବକୁ ସମ୍ବର୍ଦ୍ଧନା କରାଯାଇଛି ।ସମ୍ପାଦକ ଡ, ମହେଶ୍ୱରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ, ଜଗଦାନନ୍ଦ ଓ ଅନ୍ୟାନ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ,କଳିଙ୍ଗ ମିଡିଆ ସର୍ଭିସେସ ସଭାପତି ଗୋକୁଳାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରେସ କ୍ଲବ ତରଫରୁ ସଭାପତି ଦିଲ୍ଲୀପ କୁମାର ଓଝା,ସମ୍ପାଦକ ସୁରେଶ ସ୍ୱାଇଁ,ସଭ୍ୟ ଅଭିମନ୍ୟୁ ନାୟକ,ଅରୁଣ ଶତପଥୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ମାନପତ୍ର ଓ ଉତ୍ତରୀୟ ଗ୍ରହଣ କରିଥିଲେ।ପ୍ରେସ କ୍ଲବ ତରଫରୁ ସମୀକ୍ଷା ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଅଧା ରହିଲା ଜଗା ଦର୍ଶନ : ଶ୍ୱେତଗଙ୍ଗାରେ ବୁଡ଼ି ଯୁବକ ମୃତ

ବାଲିଅନ୍ତା : ପୁରୀ ଶ୍ୱେତଗଙ୍ଗା ପୁଷ୍କରିଣୀରେ ଗାଧେଇବା ସମୟରେ ଗୋଡ ଖସିଯିବାରୁ ବୁଡି ଜଣେ ଯୁବକଙ୍କ ମୃତ୍ୟ ହୋଇଛି ।ସାଙ୍ଗମାନଙ୍କ ସଙ୍ଗେ ପୁରୀ ବୁଲିବାକୁ ଯାଇ ପୁରୀ ସମୁଦ୍ରରେ ସ୍ନାନ କରି ପୁଷ୍କରିଣୀରେ ଗାଧେଇ ବା ପରେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ମନସ୍ଥ କରିଥିଲେ । ହେଲେ ଶ୍ୱେତ ଗଙ୍ଗା ପାଣିରେ ଗାଧେଇବା ସମୟରେ ଗୋଡ ଖସି ଯିବାରୁ ଯୁବକ ଜଣଙ୍କ ବୁଡ଼ି ଯାଇଥିଲେ । ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତର ଖାନାରେ ଭର୍ତ୍ତି କରିଥିଲା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ମୃତ ଯୁବକ ଜଣଙ୍କ ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ ଆନ୍ତର୍ଗତ ଗୋତଳ ଗ୍ରାମର ସମ୍ବିତ ପ୍ରଧାନ (୧୮) ଗ୍ରାମରେ ଏ ଖବର ପହଂଚିବାପାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି

## ବିଳମ୍ବିତ ରାତିରେ ଘରେ ବୁଲାଇଲେ କଳାକନା

ନିମାପଡ଼ା,(ସବ୍ୟୁ): ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ଆଳିପିଙ୍ଗଳ ଗ୍ରାମରେ ଗତ ଶୁକ୍ରବାର ରାତିରେ କେତେକ ଦୁର୍ବୃତ୍ତ ଜନୈକ ବ୍ୟକ୍ତିଙ୍କ ଘରେ ପଶି କଳାକନା ବୁଲାଇଛନ୍ତି । ଚୋରୀ ଯାଇଥିବା ସୁନା ଓ ରୂପା ଅଳଙ୍କାରର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଏ ସମ୍ପର୍କରେ ଶନିବାର ଦିନ ଗୃହକର୍ତ୍ତା ରାମଚନ୍ଦ୍ର ମିଶ୍ର ଥାନାରେ ଅଭିଯୋଗ କରିବାରୁ ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ରାତିରେ ଉକ୍ତ ଗ୍ରାମର ରାମଚନ୍ଦ୍ର ମିଶ୍ର ଓ ପରିବାର ସଦସ୍ୟ ଘରେ ଶୋଇଥିବା ବେଳେ ଘର ଭିତରେ ଶବ୍ଦ ଶୁଣାଯାଇଥିଲା। ରାମଚନ୍ଦ୍ର ଓ ପରିବାର ଲୋକେ ଉଠି ଦେଖନ୍ତି ୩ ଜଣ ଦୁର୍ବୃତ୍ତ ଘର ଭିତରେ ରହିଛନ୍ତି। ପରିବାର ଲୋକ ଚିତ୍କାର କରିବାରୁ ଦୁର୍ବୃତ୍ତ ମାନେ ଘର ଭିତରୁ ବାହାରି ଦୌଡ଼ି ପଳାଇଥିଲେ। ଘରେ ଥିବା ଆଲମିରା ଭଙ୍ଗାଯାଇ ସେଥିରୁ ୨ଟି ସୁନା ହାର, ଗୋଟିଏ ସୁନା ଚେନ, ଦୁଇ ହଳ କାନଫୁଲ, ୮ଟି ସୁନା ମୁଦି ଆଦି ବିଭିନ୍ନ ସୁନାର ଓ ରୂପା ଅଳଙ୍କାର ସହିତ ମନିପସରେ ଥିବା ୧୦ ହଜାର ଟଙ୍କା ଚୋରୀ କରିନେଇଯାଇଛନ୍ତି । ଚୋରୀ ଯାଇଥିବା ସୁନା ଓ ରୂପା ଅଳଙ୍କାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଥାନରେ ହୋଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଦୁର୍ବୃତ୍ତମାନେ ସାଥିରେ ଆଣିଥିବା ଏକ ଟର୍ଚ୍ଚ ଲାଇଟ ଘରେ ଛାଡି ଚାଲି ଯାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି।

## ଆତ୍ମନିର୍ଭର ମେଡଟେକ୍ : ସୁଲଭ ସ୍ୱାସ୍ଥ୍ୟସେବା, ବିକଶିତ ଭାରତର ଆଧାର



ଶ୍ରୀ ଜଗତ ପ୍ରକାଶ ନଡ୍ଡା

ଗତ ଏକ ଦଶନ୍ଧି ମଧ୍ୟରେ ଭାରତରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିର ଅଭୂତପୂର୍ବ ପ୍ରସାର ଦେଖାଯାଇଛି । ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ହସ୍ପିଟାଲ, ଜନ ସ୍ୱାସ୍ଥ୍ୟ କେନ୍ଦ୍ର (ପି.ଏଚ.ସି.), ଡାଇଗ୍ନୋଷ୍ଟିକ୍ ସେଣ୍ଟର, ମେଡିକାଲ କଲେଜର ସଂଖ୍ୟାରେ ଦ୍ରୁତ ବୃଦ୍ଧି ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଭାରତ ସରକାରଙ୍କ ନାଗରିକ କୈନ୍ଦ୍ରିକ ନୀତିର ପ୍ରମାଣ ପ୍ରଦାନ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ସରକାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁଲଭ ଭାବରେ ଉପଲବ୍ଧ କରିବା ଦିଗରେ କାର୍ଯ୍ୟ କରିଆସୁଛନ୍ତି। ଏହି ଅକ୍ଲାନ୍ତ ପ୍ରତିବଦ୍ଧତା ଗତ କିଛି ବର୍ଷ ମଧ୍ୟରେ ଦେଶରେ ସ୍ୱାସ୍ଥ୍ୟସେବା ପାଇଁ ପକେଟରୁ ହେଉଥିବା ଖର୍ଚ୍ଚ ୬୫ ପ୍ରତିଶତରୁ ୪୩ ପ୍ରତିଶତକୁ ହ୍ରାସ ପାଇଛି।

ଜିଲ୍ଲା ହସ୍ପିଟାଲରେ ନବଜାତ ଶିଶୁଙ୍କ ଠାରୁ ଆରମ୍ଭ କରି ତୃତୀୟ ସ୍ତରୀୟ ଚିକିତ୍ସା କେନ୍ଦ୍ରରେ କର୍କଟ ରୋଗୀଙ୍କ ନିମନ୍ତେ ଚିକିତ୍ସା ସେବା ପର୍ଯ୍ୟନ୍ତ, ନିର୍ଭରଯୋଗ୍ୟ, ଉଚ୍ଚ– ଗୁଣବତ୍ତାଯୁକ୍ତ କିନ୍ତୁ ସୁଲଭ ଚିକିତ୍ସା ଉପକରଣ ଆଧୁନିକ ସ୍ୱାସ୍ଥ୍ୟସେବା ପାଇଁ ଅପରିହାର୍ଯ୍ୟ ହୋଇସାରିଛି। ପ୍ରଧାନମନ୍ତ୍ରୀ– ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ–ଏବିଏଚଆଇଏମ୍) ଅଧୀନରେ ପରୀକ୍ଷାଗାର ଗୁଡ଼ିକର ଉନ୍ନତୀକରଣ, ଗୁରୁତର ଚିକିତ୍ସା ଭିତ୍ତିଭୂମି, ରୋଗ ନିରୀକ୍ଷଣ ବ୍ୟବସ୍ଥା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାରେ ନିବେଶ ମାଧ୍ୟମରେ ସରକାର ଉଭୟ ଗ୍ରାମୀଣ ଓ ସହରାଞ୍ଚଳର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି। ଭାରତ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଆଡକୁ ଅଗ୍ରସର ହେଉଥିବାରୁ, ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ, ସୁଗମ ଏବଂ ସ୍ଥିର କରିବା ପାଇଁ ଏକ ଆତ୍ମନିର୍ଭର ମେଡଟେକ୍ ଇକୋସିଷ୍ଟମ ନିର୍ମାଣ ଉପରେ ସମ୍ପ୍ରତି ଧ୍ୟାନ ଦିଆଯାଉଛି । ଐତିହାସିକ ଭାବରେ, ଭାରତ ଅନେକ ଅତ୍ୟାଧୁନିକ ଚିକିତ୍ସା ଉପକରଣ ପାଇଁ ପୂର୍ବରୁ ଆମଦାନୀ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭର କରୁଥିଲା । ଯଦିଓ ଏହି ପ୍ରଯୁକ୍ତିଗୁଡ଼ିକ ସ୍ୱାସ୍ଥ୍ୟସେବାର ମାନକୁ ଉନ୍ନତ କରିଥିଲା, ତଥାପି ଏହା ଚିକିତ୍ସା ଖର୍ଚ୍ଚ ବୃଦ୍ଧି, ଯୋଗାଣ ଶୃଙ୍ଖଳାର ଦୁର୍ବଳତା ଏବଂ ଏହି ଉପକରଣ ଗୁଡ଼ିକର ସୀମିତ ଉପଲବ୍ଧତା ଭଳି ସମସ୍ୟା ସୃଷ୍ଟି କରିଥିଲା। ଏହାକୁ ସ୍ୱୀକାର କରି, ଜାତୀୟ ଚିକିତ୍ସା ଉପକରଣ ନୀତି ୨୦୨୩ ନୂତନ ପ୍ରଯୁକ୍ତିବିଦ୍ୟା ପାଇଁ ଘରୋଇ ଉତ୍ପାଦନ କ୍ଷମତା ଏବଂ କ୍ଷମତା ବୃଦ୍ଧି କରିବାକୁ ବାଧ୍ୟତାମୂଳକ କରିଛି । ଯାହା ଦ୍ୱାରା ଚିକିତ୍ସା ଉପକରଣଗୁଡ଼ିକୁ ସୁଲଭ କରାଯାଇ ପାରିବ ଏବଂ ଏହା ଦ୍ୱାରା ନିଦାନ ଖର୍ଚ୍ଚ ହ୍ରାସ କରାଯାଇ ପାରିବ। ସରକାର ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପି.ଏଲ.ଆଇ.) ଯୋଜନା, ମେଡିକାଲ ଡିଭାଇସ୍ ପାର୍କ ଏବଂ ଫାର୍ମା–ମେଡଟେକ୍ (ପି.ଆର.ଆଇ.ପି.) ଯୋଜନା ଭଳି ପଦକ୍ଷେପ ମାଧ୍ୟମରେ ମେଡିକାଲ ଡିଭାଇସ୍ ଇକୋସିଷ୍ଟମକୁ ମଜବୁତ କରିବା ପାଇଁ ଏକ ବ୍ୟାପକ ରଣନୀତି ଗ୍ରହଣ କରିଛନ୍ତି। ଏହି ପଦକ୍ଷେପଗୁଡ଼ିକ ଉତ୍ପାଦନ, ନବସୃଜନ, ନିବେଶ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ପାଇଁ ଏକ ସକ୍ଷମ ଇକୋସିଷ୍ଟମ ସୃଷ୍ଟି କରୁଛି। ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ । ପି.ଏଲ.ଆଇ. ଯୋଜନା ଅଧୀନରେ ୫୦ରୁ ଅଧିକ ଉଚ୍ଚମାନର ଚିକିତ୍ସା ଉପକରଣର ଉତ୍ପାଦନ ଆରମ୍ଭ ହୋଇଛି । ଭାରତ ଉପରେ ବିଶ୍ୱ ନିବେଶକଙ୍କ ବୃଦ୍ଧି ପାଉଥିବା ବିଶ୍ୱାସ ମଧ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, ଯାହା ଏହି କ୍ଷେତ୍ରରେ ନିରନ୍ତର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶରେ ପ୍ରତିଫଳିତ ହୁଏ । ଏହି ସଫଳତାଗୁଡ଼ିକ ଦର୍ଶାଉଛି ଯେ ଭାରତ ବିଶ୍ୱ ମେଡଟେକ୍ ମୂଲ୍ୟ ଶୃଙ୍ଖଳରେ ଏକ ବିଶ୍ୱସ୍ତ ଅଂଶୀଦାର ଭାବରେ ସ୍ଥିର ଭାବରେ ଉଭା ହେଉଛି।

ଏକ ଉତ୍ପାଦନ କେନ୍ଦ୍ର ହେବା ବ୍ୟତୀତ, ଭାରତ ନାଗରିକଙ୍କ ଜୀବନକୁ ଉନ୍ନତ କରିବା ପାଇଁ ଚିକିତ୍ସା ପ୍ରଯୁକ୍ତିବିଦ୍ୟାର ଉନ୍ନତିକୁ ମଧ ଦ୍ରୁତ ଗତିରେ ଗ୍ରହଣ କରୁଛି। ଉନ୍ନତ ନିଦାନ ବ୍ୟବସ୍ଥା, ଇମେଜିଂ ସିଷ୍ଟମ, ଇମ୍ପ୍ଲାଣ୍ଟ, ଇଣ୍ଟେନ୍ସିଭ୍ କେୟାର ଉପକରଣ ଏବଂ ଡିଜିଟାଲ ସ୍ୱାସ୍ଥ୍ୟ ସମାଧାନର ସୁଲଭ ଉପଲବ୍ଧତା ରୋଗୀମାନଙ୍କ ଉପରେ ଥିବା ଆର୍ଥିକ ବୋଝକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ଚିକିତ୍ସାର ଗୁଣବତ୍ତା ଓ ସମୟୋପଯୋଗିତାକୁ ମଧ ବୃଦ୍ଧି କରୁଛି। ଘରୋଇ ଉତ୍ପାଦନ ଏହି ଲକ୍ଷ୍ୟକୁ ସିଧାସଳଖ ଭାବେ ସାକାର କରିବାରେ ସହାୟକ ହେଉଛି। ଏହା ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା, ଯୋଗାଣ ଶୃଙ୍ଖଳାର ସ୍ଥିରତା ଓ ସହନଶୀଳତା ବୃଦ୍ଧି କରିବା ସହିତ ଖର୍ଚ୍ଚ ହ୍ରାସ ଓ ଦକ୍ଷତା ବୃଦ୍ଧି ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି।

ଭାରତର ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ଔଷଧ ଶିଳ୍ପ, ସୁଦୃଢ଼ ଇଞ୍ଜିନିୟରିଂ କ୍ଷମତା, ଦ୍ରୁତଗତିରେ ବିକଶିତ ହେଉଥିବା ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି, ସକ୍ରିୟ ଷ୍ଟାର୍ଟଅପ୍ ପରିବେଶ ଏବଂ ଦକ୍ଷ ମାନବ ସମ୍ବଳ ଭବିଷ୍ୟତ ପିଢ଼ିର ଚିକିତ୍ସା ପ୍ରଯୁକ୍ତି ବିକାଶ ପାଇଁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ଚିକିତ୍ସା ଉପକରଣ ଭାବେ ସଫ୍ଟୱେର (ଏସ.ଏ.ଏମ.ଡି.), ପରସ୍ପର ସଂଯୁକ୍ତ ଚିକିତ୍ସା ଉପକରଣ, ରୋବୋଟିକ୍ସ ଏବଂ ଦୂରସ୍ଥ ନିଦାନ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକ ଭାରତକୁ ଦେଶୀୟ ତଥା ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ପୂରଣ ପାଇଁ ନୂତନ ଉଦଭାବନ କରିବାର ସୁଯୋଗ ଦେଉଛି ।

ଭାରତୀୟ ନିର୍ମାତାମାନେ ବିଶ୍ୱ ସ୍ତରରେ ବିଶ୍ୱସନୀୟତା ବିସ୍ତାର କରୁଥିବାରୁ, ଗୁଣବତ୍ତା ମଧ ବ୍ରାଣ୍ଡ ଇଣ୍ଡିଆ ମେଡ୍‌ଟେକର ଏକ ପରିଭାଷିତ ବୈଶିଷ୍ଟ୍ୟ ହୋଇପଡୁଛି । ସରକାର ନିୟାମକ ପ୍ରଣାଳୀକୁ ସୁଦୃଢ଼ କରିବା, ସ୍ୱୀକୃତିପ୍ରାପ୍ତ ପରୀକ୍ଷଣ ଭିତ୍ତିଭୂମିକୁ ବିସ୍ତାର କରିବା, କ୍ଲିନିକାଲ୍ ପ୍ରମାଣ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଏବଂ ରୋଗୀ ସୁରକ୍ଷା ଏବଂ ବିଶ୍ୱ ପ୍ରତିଯୋଗିତାମୂଳ ଭାବନାକୁ ବୃଦ୍ଧି କରିବା ପାଇଁ ଅନ୍ତର୍ଜାତୀୟ ମାନଦଣ୍ଡ ସହିତ ସମନ୍ୱୟ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ବିଶ୍ୱସ୍ତରରେ ପ୍ରତିଯୋଗିତାମୂଳକ ମେଡଟେକ୍ ଇକୋସିଷ୍ଟମ ଗଠନ କରିବା ପାଇଁ ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଷ୍ଟାର୍ଟ– ଅପ୍ ଏବଂ ନିବେଶକମାନଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ରକ୍ଷା ଏକାନ୍ତ ଆବଶ୍ୟକ । ଯେତେବେଳେ ଚିନ୍ତାଧାରା ପରୀକ୍ଷାଗାରରୁ ଉତ୍ପାଦନ ସୁବିଧା ଏବଂ ଶେଷରେ ରୋଗୀଙ୍କ ନିକଟକୁ ସୁଗମ ଭାବରେ ସ୍ଥାନାନ୍ତରିତ ହୁଏ, ସେତେବେଳେ ନବସୃଜନ ତା'ର ଲକ୍ଷ୍ୟ ହାସଲ କରିଛି ବୋଲି ହୃଦବୋଧ ହୁଏ । ଏଥି ନିମନ୍ତେ ସରକାର ଏକ ସ୍ଥିର ଏବଂ ସ୍ୱଚ୍ଛ ନୀତି ବାତାବରଣ ପ୍ରଦାନ କରିବାକୁ ପ୍ରତିବଦ୍ଧ ଯାହା ଗବେଷଣା, ପୁଞ୍ଜି ନିବେଶ, ପ୍ରଯୁକ୍ତିବିଦ୍ୟା ସହଭାଗୀତା ଏବଂ ବ୍ୟବସାୟ କରିବାର ସହଜତାକୁ ଉତ୍ସାହିତ କରେ। ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେବା ସହିତ, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧି ପରସ୍ପରକୁ ଅଧିକ ସୁଦୃଢ଼ କରିବ । ଏକ ଦୃଢ଼ ଚିକିତ୍ସା ଉପକରଣ କ୍ଷେତ୍ର ଉଚ୍ଚ– ମୂଲ୍ୟର ଉତ୍ପାଦନ, କୁଶଳୀ ନିଯୁକ୍ତି, ରପ୍ତାନି ଏବଂ ପ୍ରଯୁକ୍ତିଗତ କ୍ଷମତା ସୃଷ୍ଟି କରେ ଏବଂ ଏକାସଙ୍ଗେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ, ସୁଗମ ଏବଂ ସୁଦୃଢ଼ କରିଥାଏ ।

ଭାରତର ମେଡଟେକ୍ କ୍ଷେତ୍ର ଏସିଆର ଚତୁର୍ଥ ବୃହତ୍ତମ ବଜାର ହୋଇଥିବା ବେଳେ, ବିଶ୍ୱସ୍ତରରେ ଶୀର୍ଷ ୨୦ଟି ବଜାର ମଧ୍ୟରେ ସ୍ଥାନ ପାଇଛି। ବର୍ତ୍ତମାନ ୧୫ରୁ ୧୬ ବିଲିୟନ ଡଲାର ମୂଲ୍ୟର ଏହି ବଜାର ପ୍ରାୟ ୧୨ ପ୍ରତିଶତ ସି.ଏ.ଜି.ଆର. ହିସାବରେ ବୃଦ୍ଧି ପାଇଚାଲିଛି। ଏହାକୁ ଦେଶର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଉତ୍ପାଦନ କ୍ଷେତ୍ର ମଧ୍ୟରୁ ଅନ୍ୟତ୍ର ଭାବରେ ପରିଚିତ କରିଛି । ବିକଶିତ ଭାରତର ଦୃଷ୍ଟିକୋଣ ଗୁଣବତ୍ତା, ନବସୃଜନ ଏବଂ ସମାଯୋଜନରେ ନିହିତ ବିଶ୍ୱ ନେତୃତ୍ୱ ନିର୍ମାଣ ଉପରେ ଅଧିକ ଗୁରୁତ୍ୱାରୋପ କରେ । ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ଠାରୁ ଅଣ– ସଂକ୍ରାମକ ରୋଗ, ଜରୁରୀକାଳୀନ ଚିକିତ୍ସା, କର୍କଟ, ହୃଦରୋଗ ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରଦାନ ପର୍ଯ୍ୟନ୍ତ ଭାରତର ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରାଥମିକତାକୁ ପୂରଣ କରିବା ପାଇଁ ସରକାର ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ଭାରତ ସ୍ଥିର ଭାବରେ ଏକ ଆତ୍ମନିର୍ଭର ମେଡଟେକ୍ ଇକୋସିଷ୍ଟମ ନିର୍ମାଣ କରୁଛି । ଏହା କେବଳ ଭାରତରେ ଚିକିତ୍ସା ଉପକରଣ ଉତ୍ପାଦନ କରିବାର ବିଷୟ ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କୁ ସମୟୋପଯୋଗୀ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସୁବିଧା ପ୍ରଦାନ, ସ୍ୱାସ୍ଥ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ମାନବଜାତିର ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଭାରତକୁ ଏକ ବିଶ୍ୱସନୀୟ ବିଶ୍ୱସ୍ତରୀୟ ଅଂଶୀଦାର ଭାବେ ପ୍ରତିଷ୍ଠିତ କରିବାର ଏକ ବ୍ୟାପକ ଲକ୍ଷ୍ୟ।

## କବିତା ଏକ ଉଚ୍ଚକୋଟୀର ସାହିତ୍ୟ



ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା ଭୁବନେଶ୍ୱରର ଅଗଷ୍ଟ–୨୬ ମାସିକ ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୟୁନିଟ ୩,ଭୁବନେଶ୍ୱର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦର ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ତଥା କବି ଡକ୍ଟର ରାମ ଚନ୍ଦ୍ର ମହାନ୍ତି ଯୋଗଦେଇ ତାଙ୍କ ବକ୍ତ୍ୟରେ କବିତା ଏକ ଉଚ୍ଚକୋଟୀର ସାହିତ୍ୟ ଏବଂ କଳା ଯାହା ସବୁଠାରୁ ଭିନ୍ନ। କବି ଯାହା ଭାବିଥାଏ ଯଥାର୍ଥ ଶବ୍ଦ ପ୍ରୟୋଗ ମାଧ୍ୟମରେ ଜଟିଳ ନକରି ପାଠକ ନିକଟରେ ଉପସ୍ଥାପିତ କରିପାରିଲେ ଗ୍ରହଣୀୟ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ନିରୁପମା ମଙ୍ଗରାଜ ଯୋଗ ଦେଇଥିଲେ। ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସତ୍ୟବାଦୀ ଯୁଗରେ ପ୍ରତିଟି ରଚନା ଯଥା ଗୋପବନ୍ଧୁଙ୍କ'ଧର୍ମପଦ', ଗୋଦାବରୀଶ ମିଶ୍ରଙ୍କ 'ଦୁଃଖିଧନ', ଅଭିରାମ ସିଂହଙ୍କ 'ଗାଳମାଧବ' ଇତ୍ୟାଦି କବିତାରେ ଜାତିପ୍ରୀତିର ନିଛକ ପ୍ରତିଛବି ପ୍ରତିଫଳିତ ବୋଲି ମତପ୍ରକାଶ କରିଥିଲେ। ପରେ ବିଶିଷ୍ଟ କବି ତଥା କଣ୍ଠଶିଳ୍ପୀ ଯୋଗେନ୍ଦ୍ର କୁମାର ନାୟକ, ସୌଦାମିନୀ ସାମନ୍ତରାୟ ଓ କବୟିତ୍ରୀଶ୍ରୀମତୀ ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ସର୍ବଶ୍ରୀ ରଜନୀକାନ୍ତ ପଟ୍ଟନାୟକ, ଇତିଶ୍ରୀ ପତି, ଶରତ ସାହୁ, ସନ୍ତୋଷ କୁମାର ଦାସ, ବୀଣାପାଣି ମିଶ୍ର, ରଶ୍ମି କର,ଶାନ୍ତି ଲତା ଦେବୀ, ପ୍ରିୟ ରଞ୍ଜନ ସାହୁ, ଚିତ୍ତରଞ୍ଜନ ନନ୍ଦ, ଇଂ ଲଡୁକିଶୋର ପଡିଆରୀ, ନିରଞ୍ଜନ ମିଶ୍ର, ଶ୍ରୀମନ୍ତ ନନ୍ଦ, ଭାରତୀ ଭୂଷଣ ପଟ୍ଟନାୟକ, ନିରୁପମା ରଥ, ଅନୁସୟା ବାରିକ, ମିହିର କୁମାର ରଥ ଶର୍ମା, ଅନନ୍ତ ଚରଣ ସାହୁ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ସବିତା ଶତପଥୀ, ବିରଞ୍ଚି ନାରାୟଣ ଶତପଥୀ, ବାସନ୍ତୀ ତ୍ରିପାଠୀ, ମୀନାକ୍ଷୀ ସିଂହ, ବିଷ୍ଣୁ ପ୍ରିୟା ଜେନା, ଜଗନ୍ନାଥ ନାୟକ ଓ ଦେବରାଜ ନାୟକ ଶ୍ରୁତିମଧୁର କବିତା ପାଠ କରିଥିଲେ। ଉପ ସଭାପତି ଶ୍ରୀ ନିଖିଳ କୁମାର ବଳବନ୍ତ ରାୟ ଆସର ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟ ସଞ୍ଚାଳକ ଶ୍ରୀ ନିରଞ୍ଜନ ଚନ୍ଦ୍ର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ ।

## ଖରିଫ ଧାନ କିଣା ଚାଷୀ ପଞ୍ଜିକରଣ ପ୍ରଶିକ୍ଷଣ ଶିବିର

ଆଠଗଡ଼,(ସବ୍ୟୁ): ଆଠଗଡ଼ ଉପଖଣ୍ଡ ଟିଗିରିଆ, ବଡ଼ମ୍ବା, ନରସିଂହପୁର ର ୭୬ ସେବା ସମବାୟ ସମିତି ମାଧ୍ୟମରେ ଚଳିତ ଖରିଫ ଋତୁରେ ଧାନ କିଣା ପାଇଁ ଏକ ପ୍ରଶିକ୍ଷଣ ଶିବିର ଆଠଗଡ଼ ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଜିକରଣ ଅଗଷ୍ଟ ମାସ ୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ତାଲିକା ଚାଷୀ ନିକଟସ୍ଥ ସମବାୟ ସମିତିରୁ ଫର୍ମ ନେଇ ଆଧାର କାର୍ଡ, ଜମିପଟ୍ଟା, ମୋବାଇଲ ନମ୍ବର, ସହିତ ଜରୁରୀ ବୋଲି କୁହାଯାଇଛି। ଚାଷୀ ଧାନ ବିକ୍ରି କଲାବେଳେ କେଉଁ ମାସରେ ବିକିବାକୁ ଚାହୁଁଛନ୍ତି ତାହା ପଞ୍ଜିକରଣ ଫର୍ମ ରେ ଉଲ୍ଲେଖ କରିବେ। ଭାଗଚାଷୀମାନେ ପୂର୍ବ ବର୍ଷ ପରି ଏ ବର୍ଷ ମଧ ସେମାନଙ୍କର ଜମି ମାଲିକ ଙ୍କ ସହମତି ପତ୍ର ପଞ୍ଜିକରଣ ସମୟରେ ଦାଖଲ କରିବା ସହିତ ଜମି ମାଲିକ ଉପସ୍ଥିତ ରହି ବାଧ୍ୟତାମୂଳକ ଅଟେ। ଚାଷୀ ପଞ୍ଜିକରଣ ସ୍ୱଚ୍ଛତା ସହ ସମ୍ପାଦନା କରିବା ପାଇଁ ସମସ୍ତ ସମିତି ମାନଙ୍କରେ ପଞ୍ଜିକରଣ ପାଇଁ ଆସୁଥିବା ଚାଷୀମାନେ ବସିବାର ବ୍ୟବସ୍ଥା ପାଇଁ ସ୍ଥିର ହୋଇଛି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର ଆଲୋକପାତ କରିଥିଲେ।ଧାନ ବିକ୍ରି କଲାବେଳେ ଏଗ୍ରି ଷ୍ଟାଟ ଆଇଡି ନମ୍ବର ବାଧ୍ୟତାମୂଳକ। ରାଜ୍ୟ କୃଷି ବିଭାଗ ତଥ୍ୟ ମୁତାବକ ୪୦ ଶତକଡା ଚାଷୀ ପଞ୍ଜିକୃତ କରିଛନ୍ତି। ଆଜିର ପ୍ରଶିକ୍ଷଣ ଶିବିରରେ କଟକ ଜିଲ୍ଲା ଯୋଗାଣ ବିଭାଗ ମୁଖ୍ୟ ଅଧିକାରୀ ସୁଗୁଡା ମୁର୍ମୁ, ଜିଲ୍ଲା ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଦିପକ ରଞ୍ଜନ ବେହେରା, ଆଠଗଡ଼ ସହକାରୀ ନିବନ୍ଧକ ଯଦୁମଣି ନାଏକ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରାମନାରାୟଣ ମଲ୍ଲିକ, ସହାୟକ ଯୋଗାଣ ଅଧିକାରୀ ବିଷ୍ଣୁ ଚରଣ ପରିଡ଼ା, କମ୍ପ୍ୟୁଟର ପୋଗ୍ରାମର ଯାମିନୀ କାନ୍ତ ମହାପାତ୍ର ପ୍ରମୁଖ ସମସ୍ତ ଅଧିକାରୀ ଉପସ୍ଥିତ ରହି କିପରି ପି, ପାସ ମାଧ୍ୟମରେ ଚାଷୀ ପଞ୍ଜିକରଣ କରିପାରିବେ ଏହା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ମା' ଉଗ୍ରତାରା ପାଲା ଗାୟକ ମଣ୍ଡଳ'ର ଶ୍ରଦ୍ଧାଞ୍ଜଳି ସଭା

ନିରାକାରପୁର (ସବ୍ୟୁ): ସ୍ଥାନୀୟ ଶ୍ରୀରାମ ଦୟା ପରିଷଦ ପ୍ରାଙ୍ଗଣରେ 'ମା' ଉଗ୍ରତାରା ପାଲା ଗାୟକ ମଣ୍ଡଳ' ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ବରିଷ୍ଠ ପାଲା ସାଧକ, ଗାୟକ ସମ୍ରାଟ ପଣ୍ଡିତ ଅଭୟ ଚରଣ ସ୍ୱାଇଁ ଏବଂ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଏହି ଶ୍ରଦ୍ଧାଞ୍ଜଳି ସଭା ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବହୁ ବିଶିଷ୍ଟ ପାଲା ସାଧକ ଓ ଅତିଥି ଯୋଗଦେଇ ଦ୍ୱୟ ଦିବଂଗତ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସେମାନଙ୍କ ସ୍ମୃତି ଚାରଣ କରିଥିଲେ।

## ହୃଦଘାତରେ ଯୁବକଙ୍କ ମୃତ୍ୟୁ



ଖଣ୍ଡପଡ଼ା, (ସବ୍ୟୁ): ଖଣ୍ଡପଡ଼ା ସହରାଞ୍ଚଳର ୬ ନମ୍ବର ୱାର୍ଡ ବଜାର ସାହିର ବାସିନ୍ଦା ତଥା ଜଣେ ଶିକ୍ଷକ, ସ୍ୱେଚ୍ଛାସେବୀ ଭାବେ ପରିଚିତ ବିନାୟକ ସାହୁ (୪୭)ଙ୍କର ହୃଦଘାତରେ ଅକାଳ ମୃତ୍ୟୁ ହୋଇଛି । ତାଙ୍କ ମୃତ୍ୟୁରେ ସ୍ଥା ନୀୟ ଞ୍ଚଳରେ ଶୋକର ଲହରୀ ଖେଳି ଯାଇଥିବା ଜଣାଯାଇଛି। ଗୁରୁବାର ପୂର୍ବାହ୍ନରେ ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସ୍ଥାନୀୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଡାକ୍ତର ତାଙ୍କୁ ଭୁବନେଶ୍ୱରରେ ଦେଖାଇବା ପାଇଁ ପରାମର୍ଶ ଦେଇଥିଲେ। ଅପରାହ୍ନରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ନେଉଥିବା ସମୟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ରାତିରେ ତାଙ୍କର ମରଶରୀର ଖଣ୍ଡପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଥିଲା। ଖବର ପ୍ରଚାରିତ ହେବା ପରେ ସେଠାରେ ତାଙ୍କର ଛାତ୍ର, ଛାତ୍ରୀ, ଜନସାଧାରଣ ଭିଡ଼ ଜମାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ଶବ ବ୍ୟବଚ୍ଛେଦ ହେବା ପରେ ଏକ ଶୋଭାଯାତ୍ରାରେ ସହରାଞ୍ଚଳ ପରିକ୍ରମା କରାଯାଇଥିଲା। ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ମାଣ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ବନ୍ଧୁ ବାନ୍ଧବଙ୍କ ସହ ସ୍ଥାନୀୟ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିଥିଲେ।ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ସୟଂ ପ୍ରକାଶ ମୁଖାଗ୍ନି ପ୍ରଦାନ କରିଥିଲେ।

# ଶିଳାପଦ୍ମ : ଯେତେବେଳେ ପଥର କଥା କହେ



ଭାସ୍କର ପରିଚ୍ଛା

ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଲେଖିକା ଡ. ପ୍ରତିଭା ରାୟଙ୍କ ଶିଳାପଦ୍ମ ଇତିହାସ, ଲୋକକଥା, ପ୍ରେମ ଓ ଦାର୍ଶନିକ ଚିନ୍ତନର ଏକ ମନୋମୁଗ୍ଧକର ସମନ୍ୱୟ ।

ତ୍ରୟୋଦଶ ଶତାବ୍ଦୀର ମହିମାମୟ କୋଣାର୍କ ସୂର୍ଯ୍ୟମନ୍ଦିରକୁ ପୃଷ୍ଠଭୂମି କରି ରଚିତ ଏହି ଉପନ୍ୟାସରେ ପଥର କେବଳ ସ୍ଥାପତ୍ୟର ଉପାଦାନ ନୁହେଁ ତାହା ସ୍ମୃତି, ଆକାଂକ୍ଷା, ବେଦନା ଓ ମାନବୀୟ ସୃଜନଶୀଳତାର ଏକ ଜୀବନ୍ତ ଭଣ୍ଡାର । କୋଣାର୍କକୁ ଲେଖିକା ଏପରି ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିଛନ୍ତି, ଯେଉଁଠି ବର୍ତ୍ତମାନ ଓ ଅତୀତ ପରସ୍ପର ସହିତ ମିଶିଯାଏ ।

ଉପନ୍ୟାସର ଆରମ୍ଭ ଆଧୁନିକ ଓଡ଼ିଶାରୁ । ବିଦେଶୀ ଗବେଷକ ଚାର୍ଲସ ତାଙ୍କ ବାଗ୍‌ଦତ୍ତାଙ୍କ ସହ କୋଣାର୍କ ଅଞ୍ଚଳକୁ ଆସେ । କୋଣାର୍କର ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ଅଧ୍ୟୟନ କରିବା ତା'ର ଉଦ୍ଦେଶ୍ୟ । କିନ୍ତୁ ତା'ର ଗବେଷଣା ଧୀରେ ଧୀରେ ଏକ ରହସ୍ୟମୟ ଅନୁଭୂତିରେ ପରିଣତ ହୁଏ । ତାଳପତ୍ର ପୋଥି, ପୁରୁଣା ଦଲିଲ ଏବଂ ପିଢ଼ି ପରେ ପିଢ଼ି ମୁଖେ ମୁଖେ ଚାଲିଆସିଥିବା କାହାଣୀ ତା'କୁ ଏକ ଅନ୍ୟ ଯୁଗର ଦ୍ୱାର ଖୋଲିଦିଏ । ବିଶେଷକରି ଜଣେ ନାରୀଙ୍କ ମୂର୍ତ୍ତି ତା'କୁ ଅଦ୍ଭୁତ ଭାବେ ଆକର୍ଷିତ ଓ ବିଚଳିତ କରେ । ଶେଷରେ ସେ ଏପରି ଏକ ଅନୁଭବ ମଧ୍ୟରେ ପ୍ରବେଶ କରେ, ଯେଉଁଠି ଅତୀତ ଓ ବର୍ତ୍ତମାନର ସୀମା ଧୀରେ ଧୀରେ ଅଦୃଶ୍ୟ ହୋଇଯାଏ ।

କାହାଣୀ ତା'ପରେ ଦୁଇଟି ସମୟଧାରାରେ ଆଗକୁ ବଢ଼େ । ତ୍ରୟୋଦଶ ଶତାବ୍ଦୀର କୋଣାର୍କ ନିର୍ମାଣ ସମୟର ପ୍ରେମକାହାଣୀ ଓ ମାନବୀୟ ସମ୍ପର୍କର ଅନ୍ତରାଳରୁ ଅନେକ ଅକୁହା କଥା ଉଜାଗର ହୁଏ । ଏଥି ସହିତ ଚାର୍ଲସଙ୍କ ବର୍ତ୍ତମାନ

ଧାରଣ କରିଛି କୋଣାର୍କ । ସେହି ଦୃଷ୍ଟିରୁ ଦେଖିଲେ କୋଣାର୍କ ଉପନ୍ୟାସର ଏକ ନିରବ କିନ୍ତୁ ଅତ୍ୟନ୍ତ ପ୍ରଭାବଶାଳୀ ଚରିତ୍ର ।

ନାରୀ ଚରିତ୍ର ଓ ନାରୀ–ଅସ୍ତିତ୍ୱର ପ୍ରଶ୍ନ ମଧ୍ୟ ଉପନ୍ୟାସର ଏକ ମୁଖ୍ୟ ଦିଗ । ମନ୍ଦିରର ଗାତ୍ରରେ ଖୋଦିତ ନାରୀମୂର୍ତ୍ତିଗୁଡ଼ିକୁ ସାଧାରଣତଃ ସୌନ୍ଦର୍ଯ୍ୟ, ଲାବଣ୍ୟ ଓ କାମନାର ପ୍ରତୀକ ଭାବରେ ଦେଖାଯାଏ । ପ୍ରତିଭା ରାୟ ତା'ର ଅନ୍ତରାଳରେ ଲୁଚିଥିବା ନାରୀ ଜୀବନକୁ ଖୋଜିବାକୁ ମଧ୍ୟ ଚେଷ୍ଟା କରିଛନ୍ତି । ସେହି ପଥରର ନାରୀ କେବଳ ଏକ ଶିଳ୍ପକୃତି ନୁହେଁ ସେ ଏକ ନିରବ ଜୀବନ, ଏକ ଦମିତ ସ୍ୱର ଓ ନାରୀର ଅସ୍ତିତ୍ୱର ପ୍ରତୀକ । ଏହି ଦୃଷ୍ଟିରୁ ଉପନ୍ୟାସଟି ପିତୃତାନ୍ତ୍ରିକ ସମାଜରେ ନାରୀର ସ୍ଥାନକୁ ନେଇ ଏକ ଗଭୀର ପ୍ରଶ୍ନ ଉଠାଏ ।

ଲେଖିକାଙ୍କ ଗବେଷଣାର ଛାପ ସାରା ଉପନ୍ୟାସରେ ସ୍ପଷ୍ଟ । ଲୋକକଥା, କିମ୍ବଦନ୍ତୀ, ଇତିହାସ ଓ କୋଣାର୍କକୁ ଘେରି ରହିଥିବା




ସାଂସ୍କୃତିକ ସ୍ମୃତିକୁ ସେ କଳ୍ପନାର ସହିତ ଏପରି ଭାବେ ମିଶାଇଛନ୍ତି ଯେ ତାହା ଶୁଷ୍କ ଇତିହାସ ହୋଇ ରହିନାହିଁ । ବରଂ ଇତିହାସର ଆଧିକାରିକ ଦଲିଲ ଯାହା କହିପାରେ ନାହିଁ, ଲୋକସ୍ମୃତି ଓ ମିଥ୍ ତାହାକୁ କିପରି ସଂରକ୍ଷଣ କରିପାରେ–ଉପନ୍ୟାସଟି ତାହା ଦେଖାଇଥାଏ ।

## ପୁନରାବଲୋକନ–୨୪

ଜୀବନରେ ମଧ୍ୟ ଏକ ନୂଆ ପ୍ରେମର ଅଙ୍କୁରୋଦ୍‌ଗମ ହୁଏ । ଇତିହାସ ଓ କଳ୍ପନା, ବାସ୍ତବତା ଓ ରହସ୍ୟ–ସବୁକିଛିକୁ ଲେଖିକା ଏକାଠି କରି ପାରିଛନ୍ତି ।

ଶିଳାପଦ୍ମର ସବୁଠାରୁ ବଡ଼ ଆକର୍ଷଣ ହେଉଛି କୋଣାର୍କ ମନ୍ଦିରର ଉପସ୍ଥାପନା ।



ମନ୍ଦିରଟି ଏଠାରେ କେବଳ ଏକ ଐତିହାସିକ କୀର୍ତ୍ତି ନୁହେଁ ଏହା ଏକ ନିରବ ସାକ୍ଷୀ । ରାଜାଙ୍କ ସ୍ୱପ୍ନ, ଶିଳ୍ପୀଙ୍କ ସାଧନା, ମାନବୀୟ ପ୍ରେମ, ଆକାଂକ୍ଷା ଓ ବଳିଦାନ–ସବୁକିଛିକୁ ନିଜ ମଧ୍ୟରେ

ଶିଳାପଦ୍ମ ମୂଳତଃ ମାନବଜୀବନ ଓ କଳାର ଅମରତ୍ୱ ସମ୍ପର୍କରେ ଏକ ସାମଗ୍ରିକ ଚିନ୍ତନ । ମଣିଷ ମରିଯାଏ, ରାଜବଂଶ ଲୋପ ପାଏ, ସମୟ ଅନେକ ସ୍ମୃତିକୁ ମାଟି ତଳେ ପୋତିଦିଏ କିନ୍ତୁ କଳା ରହିଯାଏ ।

ତଥାପି ଏକ ମୌଳିକ ପ୍ରଶ୍ନ ଉଠେ–ସ୍ମାରକଗୁଡ଼ିକ କି ସତରେ ତାହାକୁ ସୃଷ୍ଟି କରିଥିବା ମଣିଷମାନଙ୍କୁ ସଂରକ୍ଷଣ କରନ୍ତି, ନା ପରବର୍ତ୍ତୀ ପିଢ଼ି ଯେଉଁ ଅର୍ଥ ଦେବାକୁ ଚାହେଁ, କେବଳ ସେହି ଅର୍ଥକୁ?

ଏହି କାରଣରୁ ଶିଳାପଦ୍ମ କେବଳ ଏକ ଐତିହାସିକ ପ୍ରେମ ଉପନ୍ୟାସ ନୁହେଁ । ଏହା ସ୍ମୃତି, ନାରୀ–ଅସ୍ତିତ୍ୱ, କଳା, ପ୍ରେମ ଓ ମାନବୀୟ ସୃଜନଶୀଳତାର ଏକ ଗଭୀର ଅନ୍ୱେଷଣ ।

ଚାର୍ଲସଙ୍କ ମାଧ୍ୟମରେ ପ୍ରତିଭା ରାୟ ବର୍ତ୍ତମାନକୁ ଅତୀତ ସହିତ ଯୋଡ଼ି ଦେଇଛନ୍ତି । ଶତାବ୍ଦୀ ପରେ ମଧ୍ୟ କୋଣାର୍କର ପଥର ଯେ ମଣିଷର ପ୍ରେମ, ବେଦନା ଓ ସ୍ୱପ୍ନର କଥା କହିପାରେ–ଶିଳାପଦ୍ମ ସେହି ଅନନ୍ତ ସଂଳାପର ଏକ ସୁନ୍ଦର ସାହିତ୍ୟିକ ରୂପ ।

ଆନନ୍ଦର କଥା ଯେ ଶିଳାପଦ୍ମ ଉପନ୍ୟାସ ଇଂରାଜୀରେ ଅନୁବାଦ ହୋଇଛି । Citadel of Love ଶୀର୍ଷକରେ ମୋନାଲିସା ଜେନା ଏହାର ଅନୁବାଦ କରିଛନ୍ତି ଓ ରୂପା ପବ୍ଲିକେସନ୍ସ ଏହାକୁ ପ୍ରକାଶ କରିଛନ୍ତି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର, ମୋ–୯୩୩୭୫୦୮୫୯୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# ବହ୍ନିକନ୍ୟା ସରଳା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି



ପ୍ରହଲାଦ କୁମାର ସିଂହ

୧୯୧୯ ଏପ୍ରିଲ ମାସରେ ପଞ୍ଜାବର ଜାଲିଆନାୱାଲାବାଗ୍‌ଠାରେ ବ୍ରିଟିଶ ସରକାର ଘଟାଇଥିବା ଗଣହତ୍ୟାର ପ୍ରତିବାଦ କରି କଟକ ସହରରେ ସେତେବେଳେ ହୋଇଥିବା ପ୍ରତିବାଦ ଶୋଭାଯାତ୍ରାର ଅଗ୍ରଭାଗରେ ଥିଲେ ଜଣେ ମାତ୍ର ଯୁବତୀ । ହାତରେ କଳାପତାକା ଧରି ବ୍ରିଟିଶ ସରକାର ବିରୋଧରେ ସ୍ଲୋଗାନ୍ ଦେଇ ଆଗେଇ ଚାଲିଥିବା ଏହି ସଦ୍ୟ ପରିଣିତା ଯୁବତୀଙ୍କ ବୟସ ପ୍ରାୟ ୧୫ ବର୍ଷ । ସେ ସମୟର ରକ୍ଷଣଶୀଳ ସମାଜର ଟାହିଟାପରାକୁ ଭ୍ରୂକ୍ଷେପ ନକରି ଆଗକୁ ଆଗକୁ ମାଡ଼ି ଚାଲିଥିବା ଏହି ଯୁବତୀ ହେଲେ ସତ୍ୟାଗ୍ରହ ସଂଗ୍ରାମରେ ଓଡ଼ିଶାର ପ୍ରଥମ ରାଜବନ୍ଦିନୀ ସରଳା ଦେବୀ, ଯାହାଙ୍କୁ ଏକଦା ନାରୀକବି ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ ସମ୍ବୋଧନ କରିଥିଲେ 'ବୀରବାଳା ମା' ସରଳା' ବୋଲି ।

୧୯୨୧ରେ ମହାତ୍ମା ଗାନ୍ଧିଙ୍କ ପ୍ରଥମ ଓଡ଼ିଶା ଗସ୍ତ ସମୟରେ ଆୟୋଜିତ ମହିଳା ସଭାରେ ବି ସରଳା ଦେବୀ ସାମ୍ନାକୁ ଆସି ଗାନ୍ଧିଜୀଙ୍କ ଭାଷଣର ଓଡ଼ିଆ ଅନୁବାଦ କରି ଶୁଣାଉଥିଲେ ଓଡ଼ିଆଣୀମାନଙ୍କୁ । ୧୯୨୪ରେ କାରାମୁକ୍ତ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ କଟକରେ ଅନୁଷ୍ଠିତ ଯେଉଁ ସଭାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଉତ୍କଳମଣି ବୋଲି ସମ୍ବୋଧନ କରିଥିଲେ ସେହି ସଭାରେ ମଧ୍ୟ ମଞ୍ଚ ଉପରକୁ ଯାଇ ସରଳା ଦେବୀ ଭାଷଣ ଦେବାରେ ରକ୍ଷଣଶୀଳ ସମାଜ ତାଙ୍କୁ ଅନେକ ସମାଲୋଚନା କରିଥିଲା । ଏହାକୁ ସେ ଭ୍ରୂକ୍ଷେପ ନକରି ଗାଁ ଗାଁରେ ବୁଲି ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରୁଥିଲେ । ଏମିତିକି ୧୯୩୧ରେ ଅନୁଷ୍ଠିତ କରାଚି କଂଗ୍ରେସ ଅଧିବେଶନ ମଞ୍ଚରୁ ପ୍ରତିନିଧିମାନଙ୍କୁ ମଧ୍ୟ ସେ ଭାଷଣ ଦେଇଥିଲେ । ପରିଣାମକୁ ଖାତିର ନକରି ବ୍ରହ୍ମପୁରରେ ଉଦ୍‌ଯୋଗ ମନ୍ଦିର ଗଢ଼ି ସେ ଗାଁ ଗାଁରେ ବୁଲି ସତ୍ୟାଗ୍ରହୀ ସଂଗ୍ରହ କଲେ । ତାଙ୍କ ଯୋଗଦାନ ଫଳରେ ଶୋଭାବତୀ ପଣ୍ଡା, ହେମଲତା ଦେବୀଙ୍କ ସମେତ ବହୁ ମହିଳା ମୁକ୍ତି ଆନ୍ଦୋଳନରେ ସାମିଲ ହୋଇଥିଲେ । ୧୯୩୦ର ଲବଣ ସତ୍ୟାଗ୍ରହ ବେଳେ ସେ ଅଭୂତପୂର୍ବ ସାହସିକତାର ପ୍ରମାଣ ଦେଇଥିଲେ । ତାଙ୍କୁ ଜବତ କରିବା ପାଇଁ ବ୍ରିଟିଶ ପୁଲିସ ସେ ଯାଉଥିବା ମାନ୍ଦ୍ରାଜ୍ ମେଲ୍ ରେଳଗାଡ଼ିକୁ ବାଟରେ ଅଟକାଇ ଗିରଫ କରିଥିଲା । କେବଳ ସେତିକି ନୁହେଁ, ତାଙ୍କୁ ଭେଲୋର୍ ଜେଲ୍‌ରେ ଅଟକ ରଖାଯାଇଥିଲା ।

ଜେଲ୍‌ରେ ତାଙ୍କୁ ଯେତେ ନିର୍ଯାତନା ଦିଆଗଲେ ବି ସେ ଦବି ନଥିଲେ । ମାଟି ପିଣ୍ଡି ଉପରେ ବିନା ତକିଆରେ ଶୋଇବାକୁ ଦିଆଯାଉଥିଲା । ଶାଢ଼ି ବଦଳରେ ଜେଲ୍ ପୋଷାକ ପିନ୍ଧିବାକୁ ବାଧ କରାଯିବା ସଂଗେ ସଂଗେ ତାଙ୍କ ହାତରୁ ଚୁଡ଼ି କାଢ଼ି ନିଆଯାଇଥିଲା । ଭେଲୋର୍ ଜେଲ୍‌ରେ ତାଙ୍କର ସହବନ୍ଦିନୀ ଥିଲେ ପ୍ରଫେସର ଏନ୍.ଜି. ରଙ୍ଗାଙ୍କ ପତ୍ନୀ ପଦ୍ମାବତୀ ଶୁଭଦ୍ରାମା ଓ ଦୁର୍ଗାବାଇ ଦେଶମୁଖ ପ୍ରମୁଖ । ଭେଲୋର୍ ଜେଲ୍‌ରୁ ଖଲାସ ହେବା ପରେ ତାଙ୍କୁ ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କଟକରେ ସରଳାଙ୍କୁ ସ୍ୱାଗତ କରିବା ପାଇଁ ବୀଣାପାଣି ଦେବୀଙ୍କ ପୌରୋହିତ୍ୟରେ ଯେଉଁ ସଭା ଅନୁଷ୍ଠିତ ହୋଇଥିଲା, ସେଥିରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରଚିତ ଏକ ସଂଗୀତ ବୋଲା ଯାଇଥିଲା ଯେଉଁଥିରେ ବୀରବାଳା ମା ସରଳା ବୋଲି ସମ୍ବୋଧନ କରାଯାଇଥିଲା । କୁନ୍ତଳା କୁମାରୀଙ୍କ ଆହ୍ୱାନ–'ଆମ୍ଭେ ନାରୀଗଣ କୋଣରୁ ବାହାରି / ଧରିବୁ ଅସହଯୋଗ ତରବାରୀ / ଅହିଂସା ଅସହଯୋଗ ରଣାଙ୍ଗନେ / କର୍ମୀ ହୋଇ ବାହାରିବୁ ଜଣେ ଜଣେ/ ମହାତ୍ମା ଆହ୍ୱାନ ଦେଇଛନ୍ତି ଆଜି / ଆସ ମୋ ଭଉଣୀ ଦୁର୍ଗାବେଶ ସାଜି' । ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା ।

୧୯୩୨ରେ ଜାହ୍ନବୀ ଦେବୀ, କୋକିଳା ଦେବୀ ଆଦିଙ୍କ ଉଦ୍ୟମରେ ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିଲା ବିଶାଳ ମହିଳା ସମ୍ମିଳନୀ । ଏଥିରେ ସଭାପତିତ୍ୱ କରିଥିଲେ କୁନ୍ତଳା କୁମାରୀ ସାବତ । ରମାଦେବୀ, ସରଳା ଦେବୀ, ପୁରୁବାଈଙ୍କ ଭଳି ଅଗ୍ରଗଣ୍ୟାମାନେ ଏହି ସମ୍ମିଳନୀକୁ ସଫଳ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୂର୍ବରୁ ସରଳା ଦେବୀଙ୍କ ଉଦ୍ୟମରେ ଗଞ୍ଜାମ, କଟକ, ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ମହିଳା ସମ୍ମିଳନୀମାନ ହୋଇଥିଲା । ସେ ବହୁବାର ସପରିବାର କାରାବରଣ କରିଥିଲେ । ସରଳା ଦେବୀ କିମ୍ବା ଭାଗୀରଥି ମହାପାତ୍ରଙ୍କ ଭଳି ପୁତ୍ର ଅମିତାଭ ମଧ୍ୟ ଜେଲ୍ ଯାଇଥିଲେ । ଆନ୍ଦୋଳନ କାଳରେ ଗାଁ ଗାଁ ବୁଲି ସେ ଗାଉଥିଲେ, 'ନ ଜାଗିଲେ ଆଉ ଭାରତ ରମଣୀ / ଜାଗିବ ନାହିଁଟି ଏ ଭାରତ ପୁଣି / ଜାଗ ମାତା ଜାଗ କନ୍ୟା ଓ ଭଗିନୀ / ହୁଅ ବୀରଜାୟା ବୀରର ଜନନୀ ।'

ମାତ୍ର ୧୭ ବର୍ଷ ବୟସ୍କା ସରଳା ଦେବୀ ଲେଖିଥିବା ଏକ ଚିଠି ଗାନ୍ଧିଜୀ 'ୟଙ୍ଗ୍ ଇଣ୍ଡିଆ'ରେ ୧୯୨୧ ଜୁଲାଇ ୨୧ ତାରିଖରେ ଛପାଇଥିଲେ । ଏହି ଚିଠିରେ ସରଳା ଦେବୀ ପ୍ରଶ୍ନ କରିଥିଲେ, ଆପଣ କଣ ସ୍ୱୀକାର କରନ୍ତି ନାହିଁ ଯେ ସ୍ତ୍ରୀ ଲୋକମାନଙ୍କ ପ୍ରତି ହେଉଥିବା ଦୁର୍ବ୍ୟବହାର ଅସ୍ପୃଶ୍ୟତା ପରି ଭୟଙ୍କର ରୋଗ ବୋଲି? ମୁଁ ଯେଉଁ ଜାତୀୟତାବାଦୀ ଯୁବକମାନଙ୍କ ସଂପର୍କରେ ଆସିଛି ସେମାନଙ୍କ ଭିତରୁ ଶତକଡ଼ା ୯୦ ଜଣଙ୍କର ଦୃଷ୍ଟିକୋଣ ଏ ସମ୍ବନ୍ଧରେ ପଶୁବତ୍ ଥିବା ଲକ୍ଷ୍ୟ କରିଛି । ଭାରତରେ କେତେଜଣ ଅସହଯୋଗୀ ଅଛନ୍ତି, ଯେଉଁମାନେ ମହିଳାମାନଙ୍କୁ କେବଳ ଭୋଗ୍ୟ ବସ୍ତୁ ବୋଲି ନଭାବନ୍ତି ? ମହିଳାମାନଙ୍କ ପ୍ରତି ନିଜର ଦୃଷ୍ଟିକୋଣ ସମ୍ବନ୍ଧରେ ପରିବର୍ତ୍ତନ ନକରି ଏମାନେ କଣ ସଫଳତାର ଆବଶ୍ୟକ ସର୍ତ୍ତ ଆତ୍ମଶୁଦ୍ଧିକୁ ସମ୍ଭବ କରିପାରିବେ ? ସରଳାଙ୍କ ଦୀର୍ଘ ଇଂରାଜୀ ପତ୍ରଟି ଛପାଇ ଗାନ୍ଧିଜୀ ତାଙ୍କ ମନ୍ତବ୍ୟରେ ଲେଖିଥିଲେ, ଏଠାରେ ମୁଁ କହି ରଖୁଛି ଯେ ପ୍ରକୃତ ସ୍ୱରାଜ ପାଇଁ ଉପଯୁକ୍ତ ହେବାକୁ ହେଲେ ନାରୀ ଓ ନାରୀଜାତିର ପବିତ୍ରତା ପ୍ରତି ପୁରୁଷଙ୍କୁ ଅଧିକ ସମ୍ମାନ ପ୍ରଦର୍ଶନ କରିବାକୁ ପଡ଼ିବ ।

ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବାଲିକୁଦା ଥାନାର ନରିଲୋ ଗାଁର ବାସୁଦେବ କାନୁନ୍‌ଗୋ ଓ ପଦ୍ମାବତୀ ଦେବୀଙ୍କ ଔରସରୁ ସେ ଜନ୍ମ ହୋଇଥିଲେ ୧୯୦୪ ମସିହାର ଆଜିର ଦିବସରେ । ବାସୁଦେବଙ୍କ ସାନଭାଇ ବାଳମୁକୁନ୍ଦ କାନୁନ୍‌ଗୋଙ୍କ ପତ୍ନୀ ହେମନ୍ତ କୁମାରୀ ତାଙ୍କୁ ଜନ୍ମପରଠାରୁ ପାଳିଥିଲେ । ହେମନ୍ତ କୁମାରୀଙ୍କ ବାପା ନନ୍ଦକିଶୋର ଦାସ ଓ ଭାଇ ରାଜକିଶୋର ଦାସ ଇଂରେଜ ରାଜୁତି କାଳରେ ଥିଲେ ଉଚ୍ଚପଦସ୍ଥ ଅଧିକାରୀ । ନନ୍ଦକିଶୋରଙ୍କ ଅନ୍ୟଜଣେ କନ୍ୟା ବସନ୍ତ କୁମାରୀ ବିବାହ କରିଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳ ବଲ୍ଲଭ ଦାସଙ୍କୁ । ଗୋପାଳ ବଲ୍ଲଭ ଓ ବସନ୍ତ କୁମାରୀଙ୍କ ସୁପୁତ୍ରୀ ହେଉଛନ୍ତି ରମାଦେବୀ । ସରଳାଙ୍କଠାରୁ ବୟସରେ ସେ ପ୍ରାୟ ୫ବର୍ଷ ବଡ଼ । ସଂପର୍କରେ ରମାଦେବୀ ଓ ସରଳା ଦେବୀ ଦୁଇ ଭଉଣୀ ।



ଭର୍ଣ୍ଣାକୁଲାର୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା ପରେ ସେତେବେଳର ଚଳଣୀ ଓ କଟକଣା ଯୋଗୁ ସରଳାଙ୍କ ସ୍କୁଲ ଶିକ୍ଷାରେ ଡୋରି ବନ୍ଧା ଯାଇଥିଲା । କିନ୍ତୁ ତାଙ୍କ ମା' ହେମନ୍ତ କୁମାରୀ ଗୃହ ଶିକ୍ଷୟିତ୍ରୀ ନିଯୁକ୍ତ କରି ତାଙ୍କୁ ଇଂରାଜୀ, ବଙ୍ଗଳା, ହିନ୍ଦୀ, ଓଡ଼ିଆ ଆଦି ବିଷୟ ପଢ଼ାଇଥିଲେ । ପିଲାଦିନୁ ସରଳା ଜାତିପ୍ରଥାର ବିରୋଧୀ ଥିଲେ ଏବଂ ଝିଅମାନଙ୍କ ପ୍ରତି ସମାଜ ଲଗାଇଥିବା କଟକଣା ବିରୋଧରେ ବିଦ୍ରୋହ କରୁଥିଲେ । ବିଭିନ୍ନ ଭାଷାର ବହି ପଢ଼ି ସେ ନିଜ ଜ୍ଞାନ ବଢ଼ାଇବା ସହ ଦେଶର ସ୍ୱାଧୀନତା ଓ ସମାଜ ସଂସ୍କାର ପାଇଁ ପିଲାଦିନୁ ସଂକଳ୍ପ କରିଥିଲେ ।

**ଛଅ ଦଶନ୍ଧିରୁ ଅଧିକ କାଳ ଧରି ଦେଶ ମାତୃକାର ସେବା କରିଥିବା ବହ୍ନିକନ୍ୟା ସରଳା ଦେବୀଙ୍କର ଦେହାବସାନ ଘଟିଲା ୧୯୮୬ ଅକ୍ଟୋବର ୪ ତାରିଖରେ ୮୨ ବର୍ଷ ବୟସରେ । ସ୍ୱାଧୀନତା ଦିବସ ଅବସରରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ବେଳେ କେତେଜଣ ମନେ ରଖିଛନ୍ତି ସରଳା ଦେବୀ, ରମାଦେବୀ, କୁନ୍ତଳାକୁମାରୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁନାମଣି ଦେବୀ, ମାଳତୀ ଦେବୀ, ପ୍ରଭାବତୀ ଦେବୀ ଆଦିଙ୍କ ଭଳି ଅଗ୍ରଗଣ୍ୟାମାନଙ୍କର ସେବା, ସଂଗ୍ରାମ ଓ ତ୍ୟାଗକୁ?**

ସାବାଳିକା ହେବା ପୂର୍ବରୁ ତାଙ୍କୁ ବିବାହ କରି ଦିଆଯାଇଥିଲା ଜଗତସିଂହପୁର ଅନ୍ତର୍ଗତ ଚାଟରା ଜମିଦାର ପରିବାରର ଭାଗୀରଥି ମହାପାତ୍ରଙ୍କ ସହ । ଖେରସ ଜମିଦାର ପରିବାର ଥିଲା ଏହି ସଂପର୍କରେ ଭାଗୀରଥିଙ୍କ ମାମୁ ଘର । ଖେରସ ଜମିଦାର ପରିବାରର ଗୋକୁଳାନନ୍ଦ ଚୌଧୁରୀଙ୍କ ବଡ଼ପୁଅ ଗୋପବନ୍ଧୁ ଚୌଧୁରୀ ବିବାହ କରିଥିଲେ ରମାଦେବୀଙ୍କୁ । ଏଭଳି ପାରିବାରିକ ସଂପର୍କରେ ଭାଗୀରଥି ଓ ସରଳା ଛନ୍ଦି ହୋଇଯାଇଥିଲେ ଉତ୍କଳ ଗୌରବ ମଧୁସୂଦନ ଓ ଚୌଧୁରୀ ବିରାଦରି ସହିତ ।

ଭାଗୀରଥି ମହାପାତ୍ର ଆଇନ୍ ଡିଗ୍ରୀ ହାସଲ କରିବା ପରେ ଉତ୍କଳ ଗୌରବ ମଧୁସୂଦନଙ୍କ ନିକଟ ବଳୟରେ ଆସି କଟକରେ ଜଣେ ପ୍ରତିଷ୍ଠିତ ଓକିଲ ଭାବେ ନାମ କମାଇଥିଲେ । ଭାଗୀରଥି ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସତୀର୍ଥ । ୧୯୨୦ ମସିହାରେ ମହାତ୍ମା ଗାନ୍ଧି ଅସଯୋଗ ଆନ୍ଦୋଳନ ଡାକରା ଦେବା ପରେ ଗୋପବନ୍ଧୁ, ଭାଗୀରଥି ଆଦି ଓକିଲାତି ଛାଡ଼ିଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ ଭାଗୀରଥି ମଧ୍ୟ ବେଶ୍ ସକ୍ରିୟ ଥିଲେ । ସ୍ୱାଧୀନତା ଚେତା ଭାଗୀରଥି ସରଳାଙ୍କ ଆତ୍ମିକ ବିକାଶରେ ବାଧକ ନହୋଇ ସାଧକ ହେଉଥିଲେ । ୧୯୨୦ ନାଗପୁର କଂଗ୍ରେସ ଅଧିବେଶନରେ ସେତେବେଳେ ଓଡ଼ିଶାରୁ ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଯେଉଁ ଅଳ୍ପ କେତେଜଣ ପ୍ରତିନିଧି ଯୋଗ ଦେଇଥିଲେ ସେମାନଙ୍କ ଭିତରେ ଥିଲେ ଏକମାତ୍ର ମହିଳା ପ୍ରତିନିଧି ସରଳା ଦେବୀ । ୧୯୨୧ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରଥମ ଉତ୍କଳ କଂଗ୍ରେସ କମିଟିର ଭାଗୀରଥି ଥିଲେ ଅନ୍ୟତମ କାର୍ଯ୍ୟକର୍ତ୍ତା ।।

୧୯୨୨ରେ ଜଗତସିଂହପୁରଠାରେ ପ୍ରତିଷ୍ଠା କରାଗଲା ଅଳକା ଆଶ୍ରମ। ଏହି ଆଶ୍ରମ ପରିଚାଳନାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେବେଠାରୁ ସରଳା ଦେବୀ ଆଉ କେବେ ପଛକୁ ଚାହିଁ ନାହାନ୍ତି । ସତ୍ୟାଗ୍ରହ ମାର୍ଗରେ ଯେଉଁ ପାଦ ଥରେ ଆଗକୁ ବଢ଼ିଥିଲା ତାହା ପୁଣି ମାଡ଼ିମାଡ଼ି ଚାଲିଲା । ବିଦେଶୀ ବସ୍ତ୍ର ବର୍ଜନ, ନିଶା ନିବାରଣ, ନାରୀ ଶିକ୍ଷା, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଖଦି, କୁଟୀରଶିଳ୍ପ, ସମବାୟ ଆନ୍ଦୋଳନ, ସାହିତ୍ୟ ସାଧନା ଆଦି ବିଭିନ୍ନ କାମରେ ସରଳା ଦେବୀ ମନୋନିବେଶ କରିବା ସହିତ ଅଧିକରୁ ଅଧିକ ସଂଖ୍ୟକ ମହିଳା କିଭଳି କଂଗ୍ରେସର ସଦସ୍ୟ ହେବେ ଏବଂ ସତ୍ୟାଗ୍ରହ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିବେ, ସେହି କାମରେ ମାତିଲେ । ୧୯୨୨ରେ ଗୋପବନ୍ଧୁ ଦାସଙ୍କ ସହ ଭାଗୀରଥି ମହାପାତ୍ର କାରାଦଣ୍ଡ ଭୋଗିଲେ ହଜାରିବାଗ ଜେଲ୍‌ରେ । ଏଥିରେ ଭାଙ୍ଗିପଡ଼ିବା ପରିବର୍ତ୍ତେ ସରଳା ଦେବୀ ଅଧିକ ଉତ୍ସାହ ପାଇଲେ ।

୧୯୩୭ରେ ହୋଇଥିବା ଓଡ଼ିଶା ବିଧାନସଭାର ପ୍ରଥମ ନିର୍ବାଚନରେ ଦୁଇଜଣ ମହିଳା ନିର୍ବାଚିତ ମନୋନୀତ ହୋଇଥିଲେ, ସେମାନେ ହେଲେ ଯଥାକ୍ରମେ ସରଳା ଦେବୀ ଓ ଏ. ଲକ୍ଷ୍ମୀବାଈ । ଓଡ଼ିଶା ବିଧାନସଭାରେ ପୌରୋହିତ୍ୟ କରିବା କ୍ଷେତ୍ରରେ ମଧ୍ୟ ସେ ଥିଲେ ପ୍ରଥମ ମହିଳା । କେବଳ ସେତିକି ନୁହେଁ, ଯେଉଁଦିନ ସରଳା ଦେବୀ ବିଧାନସଭାରେ କାମଚଳା ବାଚସ୍ପତି ଭାବରେ ପୌରୋହିତ୍ୟ କରିବାର ସୁଯୋଗ ପାଇଲେ ସେଦିନ ସେ ବ୍ରିଟିଶ ସରକାରଙ୍କ ପରମ୍ପରାକୁ ଭାଙ୍ଗି ଓଡ଼ିଆ ଭାଷାରେ ବିଧାନସଭାରେ ବକ୍ତବ୍ୟ ରଖିବା ଲାଗି ସଦସ୍ୟମାନଙ୍କୁ ସୁଯୋଗ ଦେଇଥିଲେ । ଉତ୍କଳ ସାହିତ୍ୟ ସମାଜର ସଂପାଦିକା ହେବା କ୍ଷେତ୍ରରେ ମଧ୍ୟ ସେ ଥିଲେ ପ୍ରଥମ ମହିଳା । ସଂପତ୍ତି ଉପରେ ନାରୀର ଅଧିକାର, ପୋଇଲି ପ୍ରଥାର ବିଲୋପ, ଓଡ଼ିଶାରେ ହାଇକୋର୍ଟ ପ୍ରତିଷ୍ଠା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଗଠନ ପଛରେ ସରଳା ଦେବୀଙ୍କର ଅବଦାନ ରହିଛି। ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତି ଚୌଧୁରୀ ଆଦି ଗଢ଼ିଥିବା ଉତ୍କଳ କଂଗ୍ରେସ ସାମ୍ୟବାଦୀ ସଂଘରେ ସରଳା ଦେବୀ ସକ୍ରିୟ ଭୂମିକା ଗ୍ରହଣ କରି ଚାଷୀମାନଙ୍କୁ ସଂଗଠିତ କରିବା ସହିତ ସେମାନଙ୍କ ସମସ୍ୟା ଦୃଢ଼ ଭାବେ ଉଠାଉଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ସଭାପତି ଥିବାବେଳେ ପଣ୍ଡିତ ଜବାହରଲାଲ ନେହରୁଙ୍କ ଅଧ୍ୟକ୍ଷତାରେ ଗଢ଼ାଯାଇଥିବା ଜାତୀୟ ଯୋଜନା କମିଟିରେ ସେ ଥିଲେ ଜଣେ ଆଗଧାଡ଼ିର ସଦସ୍ୟା ।

ଛଅ ଦଶନ୍ଧିରୁ ଅଧିକ କାଳ ଧରି ଦେଶ ମାତୃକାର ସେବା କରିଥିବା ବହ୍ନିକନ୍ୟା ସରଳା ଦେବୀଙ୍କର ଦେହାବସାନ ଘଟିଲା ୧୯୮୬ ଅକ୍ଟୋବର ୪ ତାରିଖରେ ୮୨ ବର୍ଷ ବୟସରେ । ସ୍ୱାଧୀନତା ଦିବସ ଅବସରରେ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ବେଳେ କେତେଜଣ ମନେ ରଖିଛନ୍ତି ସରଳା ଦେବୀ, ରମାଦେବୀ, କୁନ୍ତଳାକୁମାରୀ, ଜାହ୍ନବୀ ଦେବୀ, କୋକିଳା ଦେବୀ, ସୁନାମଣି ଦେବୀ, ମାଳତୀ ଦେବୀ, ପ୍ରଭାବତୀ ଦେବୀ ଆଦିଙ୍କ ଭଳି ଅଗ୍ରଗଣ୍ୟାମାନଙ୍କର ସେବା, ସଂଗ୍ରାମ ଓ ତ୍ୟାଗକୁ?

**E-mail: prahalladsinha@gmail.com**
**ମୋ–୯୪୩୭୦୧୭୩୯୫**
**(ଶ୍ରୀ ସିଂହ ଜଣେ ଗାନ୍ଧିବାଦୀ ଓ ବିଶିଷ୍ଟ ଲେଖକ)**

# ପ୍ରକୃତିର କବି ଗଙ୍ଗାଧର ମେହେର



ଡ଼ଃ. ଚନ୍ଦ୍ରକଳା ନାୟକ

ସ୍ୱଭାବ କବି ଗଙ୍ଗାଧର ମେହର ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବରେ ନିଜର ଲେଖନୀ ଚାଳନା କରି ଓଡ଼ିଆ ପ୍ରାଣରେ ଅମୃତୋପଲବ୍ଧ ଆଣି ଦେଇଛନ୍ତି । ତାଙ୍କର କବିତା ଆଜି ନୁହେଁ ବରଂ ଯୁଗ ଯୁଗ ଧରି ଓଡ଼ିଆ ସାହିତ୍ୟ ଜଗତକୁ ପୁଷ୍ପିତ ଓ ଫଳପ୍ରସୁ କରିବା ସହ ଗର୍ବିତ କରୁଥିବ । ସେ ସମୟରେ ପ୍ରତିଷ୍ଠିତ କବି ମାନଙ୍କ ସଂଖ୍ୟା ଥିଲା ବେଶ ସ୍ୱଳ୍ପ ଓ ସୀମିତ । ସେମାନଙ୍କ ମଧ୍ୟରେ ଗଙ୍ଗାଧର ଥିଲେ ଅନ୍ୟତମ ଶ୍ରେଷ୍ଠ କବି ।

ସ୍ୱଭାବ କବିଙ୍କର ଜୀବନଯାତ୍ରାର ସ୍ୱତନ୍ତ୍ରତା ରହିଛି । ତାଙ୍କ ପାଖରେ ସାହିତ୍ୟ ପାଇଁ ନଥିଲା ଅଭିଜ୍ଞତା । ପ୍ରତିକୂଳ ପରିସ୍ଥିତିରେ ଜୀବନ ଯାତ୍ରାର ସମସ୍ତ ପ୍ରକାର ପ୍ରତିରୋଧକୁ ସାମନା କରିଥିଲେ । ଏହାସତ୍ତ୍ୱେ ସାହିତ୍ୟ ପାଇଁ କେବଳ ନିଜର ପ୍ରଚଣ୍ଡ ଇଚ୍ଛାଶକ୍ତି ଓ କଠିନ ଅଧ୍ୟବସାୟ ନିକଟରେ ଜୀବନର ସବୁ ଜଟିଳତା ହାର ମାନିଥିଲା । ସୁନାକୁ ଯେତେ ନିଆଁରେ ପକାଇ ଆଉଟିଲେ ଏବଂ ପିଟିଲେ ତାହା ଅଧିକ ଉଜ୍ଜ୍ୱଳ ହେବାପରି ଦୁଃଖ ବିରୋଧରେ ତାଙ୍କର ଅନ୍ତରାତ୍ମାର ସଂଘର୍ଷ ପାଇଁ ପ୍ରେରଣା ହିଁ ତାଙ୍କୁ ସ୍ୱାଭାବକବିର ମର୍ଯ୍ୟାଦା ଦେଇଥିଲା । ତାଙ୍କର ସାହିତ୍ୟ ସୃଷ୍ଟିର ପ୍ରେରଣା ଥିଲା ଦୃଢ ଇଚ୍ଛାଶକ୍ତିରୁ ପ୍ରାପ୍ତ ବିଭୁକୃପା । ଏହି ବିଭୁକୃପାରୁ ତାଙ୍କ ଭିତରେ ସୃଷ୍ଟି ହୋଇଥିଲା ବିଶ୍ୱ ଭାବନା, ଜାତୀୟ ପ୍ରୀତି, ପ୍ରକୃତି ପ୍ରତି ଅତୁଟ ମୋହ ଓ ରସଘନ ସାହିତ୍ୟିକ ଅଭିବ୍ୟକ୍ତି । ସମାଲୋଚକ ବୈଷ୍ଣବ ସାମଲଙ୍କ ମତରେ–ପ୍ରାଚୀନ ଭାରତୀୟ ସାଂସ୍କୃତିକ ଆଦର୍ଶକୁ ସେ ନବଯୁଗରେ ରୁଚିର ଅନୁକୂଳ କରି ନୂତନ ଭାବରେ କାବ୍ୟ ରଚନା କରିଛନ୍ତି ।

ପ୍ରକୃତି କବି ଗଙ୍ଗାଧର ସାହିତ୍ୟର ଏକ ସ୍ୱତନ୍ତ୍ର ଆସନର ଅଧିକାରୀ । ପ୍ରକୃତି ସହ ନିଜର ଗଭୀର ଆନ୍ତରିକ ଭାବ ପ୍ରତିଷ୍ଠା କରି ପ୍ରକୃତିକୁ ଏକ ନୂତନ ରୂପ ପ୍ରଦାନ କରିଛନ୍ତି ସେ । ପ୍ରକୃତି ହିଁ କବିଙ୍କର ପ୍ରେରଣାର ଉତ୍ସ । ପ୍ରକୃତି ସହ କବିଙ୍କର ଏକ ନୂତନ ସମ୍ବନ୍ଧ ଗଢି ଉଠିଛି । ମନୁଷ୍ୟ ଓ ଜୀବ ଜଗତ ତିଷ୍ଠି ରହିବା ପାଇଁ ପ୍ରକୃତିର ସ୍ଥିତି ସହ ସମୃଦ୍ଧି ଅତ୍ୟାବଶ୍ୟକ। ପ୍ରକୃତିକୁ ବାଦ ଦେଇ ଜୀବ ଜଗତ ଓ ମାନବ ସମାଜ ଦଣ୍ଡେ ନିମିଷେ ବଞ୍ଚିବା ଅସମ୍ଭବ । ଜୀବନର ଆନନ୍ଦ–ଯନ୍ତ୍ରଣା, ପ୍ରେମ–ବିରହ ପରି ପ୍ରତ୍ୟେକ ଅନୁଭବରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରକୃତିର ଉପସ୍ଥିତି ରହିଥାଏ । ଝରଣାର କୁଳୁକୁଳୁ ନାଦ, କୋଇଲିରମଧୁର ସ୍ୱର, ବନଲତାର ନୀଳ ସବୁଜିମା ଓ ମୃଦୁ ମଳୟ ଆଦି ମଣିଷକୁ ଅପାର ଆନନ୍ଦ ପ୍ରଦାନ କରେ । ଶାନ୍ତିର ନିଃଶ୍ୱାସଟିକେ ତ ପ୍ରକୃତିରୁ ହିଁ ମିଳିଥାଏ । ବାସ୍ତବରେ ପ୍ରକୃତି ବିନା ମଣିଷ ଜୀବନର ଗତି ପରିକଳ୍ପନା କରାଯାଇ ନପାରେ । ଏହାକୁ ସ୍ୱଭାବ କବି ନିବିଡ ଭାବେ ବୁଝିଥିଲେ ।


**ସେଥିପାଇଁ ସ୍ୱଭାବକବିଙ୍କ କାବ୍ୟରେ ପ୍ରକୃତି ସର୍ବଦା ସୌନ୍ଦର୍ଯ୍ୟ ଓ ବୈଚିତ୍ର୍ୟମୟ । କେତେବେଳେ ଶାନ୍ତ, ସୁନ୍ଦର, ଆନନ୍ଦମୟ ତ ପୁଣି କେତେବେଳେ ଅଶାନ୍ତ, ରୌଦ୍ର ଓ ପ୍ରଚଣ୍ଡ ହୋଇ ଉଠିଛି । ଗଙ୍ଗାଧରଙ୍କ ଦୃଷ୍ଟିରେ ମାଧୁର୍ଯ୍ୟ ମଣ୍ଡିତ ପ୍ରକୃତି ସୁନ୍ଦରୀ ଅପରୂପ ବ୍ୟକ୍ତିତ୍ୱର ଅଧିକାରିଣୀ । ଆଧୁନିକ ଯୁଗରେ ଗଙ୍ଗାଧର ଏକମାତ୍ର କବି ଯିଏ, ପ୍ରକୃତି ମଧ୍ୟରେ ବ୍ୟକ୍ତିତ୍ୱମୟୀ ରୂପ ସନ୍ଦର୍ଶନ କରିଥିଲେ ।**

ଗଙ୍ଗାଧର ମେହରଙ୍କସାହିତ୍ୟରେ ପ୍ରକୃତି କେବଳ ସହଯୋଗୀ ଉପାଦାନ ହୋଇ ପାରିଲା ନାହିଁ । ପ୍ରକୃତି ତାର ସ୍ୱାଧୀନ ସ୍ଥିତି ପାଇଲା । ମାନବୀୟ ଗୁଣରେ ଭୂଷିତ ହୋଇ ସେ ହୋଇଗଲେ ଜୀବନ୍ତ । ସଂସ୍କୃତି ସାହିତ୍ୟରେ ପାଣ୍ଡିତ୍ୟ ତାଙ୍କୁ ସଂସ୍କୃତ କବି କାଳିଦାସଙ୍କୁ ଅନୁକରଣ କରିବାକୁ ଅଧିକ ଉତ୍ସାହିତ କରିଥିଲା । କାଳିଦାସୀୟ ଶୈଳୀରେ ସ୍ପଷ୍ଟ ପ୍ରତିଫଳନ ତାଙ୍କ ପ୍ରକୃତି ଚିତ୍ରରେ ଦେଖିବାକୁ ମିଳିଥିଲା । କାଳିଦାସୀୟ ପ୍ରକୃତି ଚିତ୍ରଣକୁ ଅନୁସରଣ କରି କବି ଗଙ୍ଗାଧର ନିଜର କବିତାକୁ ଯେଭଳି ସମ୍ବେଦନଶୀଳ କରାଇଛନ୍ତି, ତାହା ଓଡ଼ିଆ ସାହିତ୍ୟର ବିରଳ । ନିର୍ବାସିତା ସୀତାଙ୍କ ଦୁଃଖରେ ସମଦୁଃଖିନୀ ହୋଇ ସମଗ୍ର ବନଭୂମି କାନ୍ଦି ଉଠିଛି । ଯାହା କାଳିଦାସଙ୍କ ବର୍ଣ୍ଣନାରେ ଜୀବନ୍ତ ଭାବେ ପ୍ରକାଶ ପାଇଛି । ତାହା ମଧ୍ୟ ସ୍ୱାଭବକବିଙ୍କ ତପସ୍ୱିନୀ କାବ୍ୟରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । କବି ଗଙ୍ଗାଧରଙ୍କ କାବ୍ୟରେ ମୟୂରମାନେ ଦୁଃଖରେ ନୃତ୍ୟ ତ୍ୟାଗ କରୁଛନ୍ତି । ବୃକ୍ଷମାନେ ପୁଷ୍ପ ବର୍ଷା ଛଳରେ ଅଶ୍ରୁମୋଚନ କରୁଛନ୍ତି ।

ଗଙ୍ଗାଧରଙ୍କ ପ୍ରକୃତିଧର୍ମୀ କାବ୍ୟ କେବଳ ପ୍ରକୃତି ପାଇଁ ରଚିତ ନୁହେଁ । ବରଂ କବିଙ୍କ ଲେଖନୀରେ ଅମୃତମୟ ସ୍ପର୍ଶରେ ପ୍ରକୃତି ମାନବୀୟ ଗୁଣ ବହନ କରି ଏକ ସମ୍ବେଦନଶୀଳ ଚରିତ୍ର ଭାବେ ଆତ୍ମପ୍ରକାଶ କରିଛି । ମଣିଷର ସୁଖ, ଦୁଃଖ, ଚିନ୍ତା ଓ ଚେତନାରେ ନିଜକୁ ସମଭାଗୀ କରିଛି । ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ଏକ ଉପାଦାନ ନୁହେଁ ବରଂ ନିଜକୁ ବିରାଟ ସଂସାରରେ ଏକ ଉପାଦାନ ଭାବେ ସ୍ୱୀକାର କରିଛନ୍ତି । କବି ଲେଖିଛନ୍ତି–

*'କ୍ରମେ ବୃଦ୍ଧ ହେଲା ଶିଶିର ଶରୀର, ହୋଇଗଲା ବଳହୀନ । ଶଶିକଳା ମତ ବଢିଲା ବସନ୍ତ, ନରମେ ହେଲା ପ୍ରବୀଣ ।'*

ପ୍ରକୃତିର ଏପରି ମାନବୀୟ ଅଭିନୟ କେବଳ ଐଶ୍ୱରିକ ପ୍ରତିଭା ଯୋଗୁଁ ହିଁ ସମ୍ଭବ ହୋଇଛି । ପ୍ରଭାତ ସତୀ ସୀତାଙ୍କୁ ଦର୍ଶନ ନିମନ୍ତେ ଶିଶିର ମୁକ୍ତା ଉପହାର ନେଇ ଉଭା ହୁଏ । ଶାରିକା ହୁଳହୁଳି ପକାଏ । ଦିବଙ୍ଗନାମାନେ ନୂତନ ବସ୍ତ୍ରରେ ନିଜକୁ ବିମଣ୍ଡିତ କରାନ୍ତି । କପୋତ କଣ୍ଠରେ ଶୁଭେ ବିଳାପର ରାଗିଣୀ । ସମୀର ଦୂତ କାର୍ଯ୍ୟ କରି ବୋହିଆଣେ ସୁରଭିର ସୁଗନ୍ଧିତ ସୁବାସ । ଏହିପରି ପ୍ରକୃତିର ଚଳଚଞ୍ଚଳମୟ ଜୀବନ୍ତ ସଂସାର ମଧ୍ୟରେ ଗଙ୍ଗାଧର ବର୍ଣ୍ଣନା ଶୈଳୀଟି ବେଶ ସ୍ୱତନ୍ତ୍ରତା ବଜାୟ



ରଖିଛି । ଯେପରି କବି ଲେଖିଛନ୍ତି–'ମଙ୍ଗଳେ ଅଇଲା ଉଷା, ବିକଚ–ରାଜୀବ–ଦୃଶା, ଜାନକୀ–ଦର୍ଶନ–ତୃଷା, ହୃଦୟେ ବହି,କର–ପଲ୍ଲବେ ନୀହାର–ମୁକ୍ତା ଧରି ଉପହାର, ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି କଳକଣ୍ଠ–କଣ୍ଠେ କହିଲା,
ଦରଶନ ଦିଅ ସତି! ରାତି ପାହିଲା।। ୧।।'

ମନୁଷ୍ୟ ସହ ସମ୍ବନ୍ଧ ସ୍ଥାପନ ହିଁ କବିଙ୍କ ପ୍ରକୃତିର ଏକ ବିରାଟ ଦିଗ । ରାମ, ସୀତା, କୀଚକ. ଦ୍ରୌପଦୀ ଆଦି ଚରିତ୍ର ପରି ଆମେ ଏଠାରେ ପ୍ରକୃତିକୁ ମଧ୍ୟ ଏକ ଚରିତ୍ର ରୂପେ ପାଇଥାଏ । ପ୍ରକୃତି ମନୁଷ୍ୟ ପରି ସର୍ବଦା ପ୍ରତିକ୍ରିୟାଶୀଳ ।

ସତୀ ସୀତାଙ୍କ ନିର୍ବାସିତା ହେବା ଦୁଃଖରେ ପ୍ରକୃତି ସମବେଦନା ଜଣାଇବା ସହ ନିୟତି ବିରୋଧରେ ମୁହାଁମୁହିଁ ସଂଘର୍ଷ କରିବାକୁ ପଛାଇ ନାହିଁ । ଯେପରି–

'କରିବାକୁ ନିୟତିର ସହିତ ସମର
ଭୃଙ୍ଗରାଜ ଖଡ୍‌ଗ– କରେ ଗର୍ଜିଲା ପ୍ରଖର
ବାୟାବସା ତୃଣୀରକୁ ଝାଡି ବାରମ୍ବାର
ପଙ୍କ କଙ୍କ ପତ୍ର କଲ କି ଅବା ବାହାର ।'

ସ୍ୱଭାବ କବିଙ୍କ ଲେଖନୀରେ ପ୍ରକୃତି କେତେବେଳେ ସଖୀ, ଧାତ୍ରୀ, ମାତା, ଗୁରୁ, ବନ୍ଧୁ, ସହୋଦର ରୂପେ ବିଭିନ୍ନ ସମୟରେ ମନୁଷ୍ୟର ସୁଖ ଦୁଃଖ, ହସ ବିଷାଦରେ ସମ୍ବେଦନଶୀଳ ହୋଇ ଆତ୍ମୀୟତା ପ୍ରକାଶ କରିଛି । ମନୁଷ୍ୟ ସହ ପ୍ରକୃତି ଏପରି ଏକାକାର ହୋଇ ଉଠିଛି, ଯେମିତି ମନୁଷ୍ୟ ସହିତ ସୁଖରେ ହସିଛି ଓ ଦୁଃଖରେ ଅଶ୍ରୁ ନିଗାଡିଛି । ଆବଶ୍ୟକ ସ୍ଥଳେ ଗଙ୍ଗାଧରଙ୍କ ପ୍ରକୃତି ମନୁଷ୍ୟକୁ ସମବେଦନା ଜ୍ଞାପନ କରି ଆଶ୍ୱାସନା ପ୍ରଦାନ କରି ତାକୁ ଉତ୍ସାହିତ ମଧ୍ୟ କରିଛି । ଗଙ୍ଗାଧରଙ୍କ ପ୍ରକୃତି ମାନବକୁ ଏକ ନୂତନ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ କରିଛି ।

ଗଙ୍ଗାଧରଙ୍କ ପ୍ରକୃତି ସତ୍ତ୍ୱ–ରଜ–ତମ ଗୁଣରେ ମଣ୍ଡିତ ହୋଇ ବିବିଧ ରୂପରେ ବର୍ଣ୍ଣିତ ହେଲେ ମଧ୍ୟ ନିଜର ଅତୀତ ଆଦର୍ଶକୁ ଜାବୋଡି ଧରିନାହିଁ । ପାପୀ, ଉଦ୍ଧତଙ୍କର ବିନାଶ ପରେ ବିରାଟ ଦେଶକୁ ଉଷାର କିରଣ ଆସିବାକୁ କବି ଲେଖିଛନ୍ତି–

*'ଆଇଲା ଉଷା ଯୋଷିତ, କୁସୁମେ ହୋଇ ଭୂଷିତ*
*ଭ୍ରମର ଅନାମୃତ ପଦ୍ମନୟନା*
*ବିହଙ୍ଗସ୍ୱନ କିଙ୍କିଣ, ନିକ୍ୱଳିଲା କଣି କିଣି*
*ଜୀବଚିତ୍ତ ନେଲା କିଣି କୁନ୍ଦ ଦଶନା*
*ଅରୁଣ ଚରଣ ସୁନ୍ଦର*
*ପ୍ରଭାତୀ ତାରକା ମଥାମଣି ଭାସ୍ୱରା ।'*

ଏଠାରେ ଉଷା ଏକ ନାରୀ । ପାପୀ କିଚକର ମୃତ୍ୟୁରେ ଶାନ୍ତି ଲାଭ କରି ପ୍ରକୃତି ତୃପ୍ତ ହୋଇଛି। ପାପକର୍ମ ଓ ନୀତିହୀନ କାର୍ଯ୍ୟ ପାଇଁ ପ୍ରକୃତି ଏଠି କ୍ରୂର ଓ ନିର୍ମମ ହୋଇଛି । ସେହିପରି ତପସ୍ୱନୀ କାବ୍ୟରେ ସତୀଙ୍କ ଦର୍ଶନ ନିମନ୍ତେ ଉଷା ଯୋଗେଶ୍ୱରୀ ରୂପରେ ବିରାଜିତା ହୋଇଛି । ଯେପରି–'ଅରୁଣ କଷାୟ ବାସ କୁସୁମ କାନ୍ତି ବିକାଶ
ପ୍ରଶାନ୍ତ ରୂପ ବିଶ୍ୱାସ ଦିଅନ୍ତି ମନେ
ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦଃଖରାଶି ଉପଶମନେ
ଦେବା ପାଇଁ ନବଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୂବନ ।'

କବି ଗଙ୍ଗାଧରଙ୍କ ଅର୍ଘ୍ୟଥାଳୀରେ ବିଶ୍ୱ ହୋଇ ଉଠିଛି ତାଙ୍କ ନିକଟରେ ଅମୃତମୟ । ଜୀବନକୁ ସେ ଅମୃତ ସାଗରର ବିନ୍ଦୁ ରୂପେ କଳନା କରିଛନ୍ତି । ଫୁଲର ମହକ, ସୁବାସିତ ସୁଗନ୍ଧ, ଶିଶୁର ହସ, ଆଲୋକ ଓ ଚନ୍ଦ୍ରର ସ୍ନିଗ୍ଧତା ପରି ପୃଥିବୀର ପ୍ରତିଟି ବିନ୍ଦୁରେ କବି ଅମୃତର ସନ୍ଧାନ ପାଇଛନ୍ତି । କବିଙ୍କର ମଧୁମୟ କବିତାରେ ମଧ୍ୟ ପ୍ରକୃତିର ଅମୃତ ଝରଣା ମଧୁର ହୋଇ ଉଠିଛି । କବି ଦେଖିଛନ୍ତି ବିଶ୍ୱର ମଧୁମୟ ରୂପଶ୍ରୀ, ଜୀବନ ତାଙ୍କ ନିକଟରେ ଗିରିଲତା, ଆଲୋକ ସବୁକିଛି ମଧୁଭରା । ସର୍ବତ୍ର ମଧୁମୟର ସଙ୍କେତ ।

ପ୍ରକୃତିର ଏକ ଅନ୍ତରଙ୍ଗ ରୂପ ଚିତ୍ରଣରେ କବି ଗଙ୍ଗାଧର ଥିଲେ ସିଦ୍ଧହସ୍ତ । କବି ଗଙ୍ଗାଧରଙ୍କ ସମ୍ପର୍କରେ କବିବର ରାଧାନାଥ ଲେଖିଥିଲେ, 'ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି। କି ବର୍ହିଃ ପ୍ରକୃତି, କି ଅନ୍ତଃ ପ୍ରକୃତି ଉଭୟର ଯଥାଯଥ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ ।' ସ୍ୱଭାବ କବି ଯାହା ଲେଖନ୍ତି ତାହା କେବଳ ପ୍ରକୃତିକୁ ସ୍ୱଚକ୍ଷୁରେ ଦେଖି ଲେଖନ୍ତି । ରସୋତୀର୍ଣ୍ଣ ବର୍ଣ୍ଣନାଭଙ୍ଗୀ ମାଧ୍ୟମରେ, ଯେଣୁ ପ୍ରକୃତିପ୍ରୀତି ତାଙ୍କର ସହଜାତ । ଏହି ପ୍ରକୃତି ହିଁ ତାଙ୍କ ଲେଖନୀକୁ ଜ୍ୟୋତିର୍ମୟ, ଚିରଭାସ୍ୱର କରିପାରିଛି। କବିଙ୍କର ପ୍ରକୃତିପ୍ରୀତି ଅସୀମ, ତାହା ପୁଣି ନିଷ୍କାମ। ପ୍ରକୃତି ସହ ଆନ୍ତରିକତା ହିଁ ତାଙ୍କ ଲେଖନୀର ମୂଳ ଉତ୍ସ। ପ୍ରକୃତିରେ ଅଛି କେବଳ ହୃଦୟର ନିବିଡତା, ନିଷ୍କାମତା ଓ ସରଳତା । ସ୍ୱଭାବକବିଙ୍କ ପ୍ରକୃତିର ସ୍ୱତନ୍ତ୍ର ବର୍ଣ୍ଣନା ଚିରଦିନ ପାଇଁ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ଆସନର ଅଧିକାରୀ କରି ରଖିବ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋ–୯୪୩୭୯୫୭୬୧୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୮ ଏମ୍ଓୟୁ...

ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ।

ଏହି ଦୁଇ ଦିନିଆ ଶିଳ୍ପ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଏବଂ ପୂର୍ବ ଭାରତର ଦ୍ରୁତ ବିକାଶର ଆଭିମୁଖ୍ୟ ଅନୁଯାୟୀ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସର ଏକ ଅଂଶ । ଉତ୍ପାଦନ, ପୁଞ୍ଜିନିବେଶ ଏବଂ ନିଯୁକ୍ତି-ଭିତ୍ତିକ ଅଭିବୃଦ୍ଧି ପାଇଁ ଓଡିଶାକୁ ଏକ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ତା'ର ଉଦ୍ୟମକୁ ତ୍ୱରାନ୍ୱିତ କରୁଛି ।

ହାୟର୍ ଉତ୍ପାଦନ କେନ୍ଦ୍ର ପରିଦର୍ଶନ ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଂଜିନିଅର ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ ।

ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟ-ଆଡିସନ୍ ହୋଇପାରିବ । ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା । ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ ।" ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ ।

ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା । ନୋଏଡ଼ା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡ଼ା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ନାଲ୍‌କୋର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍ଏସ୍ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

ଏହି ଦୁଇ ଦିନିଆ ଅଭିଯାନର ଫଳସ୍ୱରୂପ ଏକାଧିକ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି । ମୋଟ ପୁଞ୍ଜିନିବେଶ ପ୍ରସ୍ତାବ ୬୬,୩୯୨ କୋଟି ଟଙ୍କା ଥିବାବେଳେ, ୫୪,୧୩୫ଟି ସମ୍ଭାବ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ।

ଏହି ଅବସରରେ ମୋଟ ୩୮ ଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ଏହାଦ୍ୱାରା ୬୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ସହିତ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୬୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଫଳାଫଳଗୁଡ଼ିକ ଓଡ଼ିଶା ପ୍ରତି ଶିଳ୍ପଜଗତର ବଢୁଥିବା ଭରସାକୁ ପ୍ରତିଫଳିତ କରୁଛି । ରାଜ୍ୟରେ ଏକ ଶକ୍ତିଶାଳୀ ଶିଳ୍ପ ପରିବେଶ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ବ୍ୟାପକ ସଫଳତା ହାସଲ କରିଛି । ଏହି ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, "ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ ।"

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, "ଦିଲ୍ଲୀ-ଏନ୍‌ସିଆର୍‌ରେ ଶିଳ୍ପଗୁଡ଼ିକରୁ ମିଳିଥିବା ପ୍ରତିକ୍ରିୟା ଓଡ଼ିଶାର ନିବେଶ ବାତାବରଣ ପ୍ରତି ବର୍ଦ୍ଧିତ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରୁଛି । ଆମର ପ୍ରାଥମିକତା ହେଉଛି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବା, କ୍ଷେତ୍ର-ନିର୍ଦ୍ଦିଷ୍ଟ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ଏହି ଆଲୋଚନା ମାଧ୍ୟମରେ ସୃଷ୍ଟି ହୋଇଥିବା ନିବେଶ ଆଗ୍ରହକୁ ଯେପରିଜମିରେ ପ୍ରକଳ୍ପରେ ପରିଣତ କରାଯାଇପାରିବ ଏବଂ ରାଜ୍ୟର ଦୀର୍ଘକାଳୀନ ଶିଳ୍ପ ଅଭିବୃଦ୍ଧିରେ ଅବଦାନ ରଖିପାରିବ, ସେଥିପାଇଁ ଆମେ କାର୍ଯ୍ୟ କରୁଛୁ ।"ଦିଲ୍ଲୀ-ଏନ୍‌ସିଆର ରେ ଦୁଇ ଦିନିଆ ସଫଳ କାର୍ଯ୍ୟକ୍ରମ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାୟନ ପ୍ରକ୍ରିୟାକୁ ଆହୁରି ମଜବୁତ କରିଛି । ଏଥିରେ 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬' ରୋଡ୍‌ସୋ ବ୍ୟତୀତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ୪୬ଟି ଉଚ୍ଚସ୍ତରୀୟ ବୈଠକ ଏବଂ ମୋଟ ୨୦୮ ଟି ଶିଳ୍ପ ଆଲୋଚନା ଅନ୍ତର୍ଭୁକ୍ତ ରହିଛି ।

## ପାଣି...

ଭଦ୍ରକ ଜିଲ୍ଲା ବେଶୀ ପ୍ରଭାବିତ ହୋଇଥିବା ବେଳେ ୨୩ ଟି ଜିଲ୍ଲା ଆଂଶିକ ଭାବେ ବନ୍ୟା କବଳିତ କରିଥିଲା । ବର୍ତ୍ତମାନ ସୁଦ୍ଧା ବନ୍ୟା କ୍ଷତିକ୍ଷତି ରିପୋର୍ଟ ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଦେଇନଥିବା ବେଳେ ପୁଣି ବନ୍ୟା ଭୟ ଘାରିଛି ଲୋକଙ୍କୁ । ନଦୀଗୁଡିକର ଅବବାହିକାରେ ଜଳସ୍ତର ବଢିଛି । ଯଦି ପୁଣି ବଡ ବର୍ଷା ଆସେ, ତାହା ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ।

ଶନିବାର ସକାଳ ସାଢେ ୮ ଟା ସୁଦ୍ଧା ନୟାଗଡ ଜିଲ୍ଲାର ଖଣ୍ଡପଡାରେ ୧୨୪.୬ ମିମି ବର୍ଷା ହୋଇଥିବା ବେଳେ ସମ୍ବଲପୁରର କୁଚିଣ୍ଡାରେ ୧୧୫ ମିମି, କେନ୍ଦ୍ରାପଡାରେ ୧୧୦ ମିମି, ଡେରାବିଶରେ ୧୦୮ ମିମି, ରାଜକନିକାରେ ୧୦୨ ମିମି, ନବରଙ୍ଗପୁରରେ ୧୦୧ ମିମି, ରିଆମାଳରେ ୯୩ ମିମି. ଘସିପୁରାରେ ୯୦ ମିମି, ନାଟିଦେଉଳରେ ୮୨ ମିମି, ପୁରୀରେ ୮୦ ମିମି, ପଟ୍ଟାମୁଣ୍ଡାଇରେ ୮୦ ମିମି, ହୀରାକୁଦରେ ୪୩ ମିମି, ଦେବଗଡରେ ୬୬ ମିମି ଓ ଭୁବନେଶ୍ୱରରେ ୨୮ ମିମି ବର୍ଷା ରେକର୍ଡ କରାଯାଇଛି । ଶନିବାର ସକାଳ ସାଢେ ୮ ଟାରୁ ସନ୍ଧ୍ୟା ୫.୩୦ ସୁଦ୍ଧା ରାୟଗଡାରେ ୨୫ ମିମି, ନବରଙ୍ଗପୁରରେ ୨୪.୫ ମିମି, ଭବାନୀପାଟଣାରେ ୨୬ ମିମି, ଅନୁଗୋଳରେ ୧୯ ମିମି, ନୟାଗଡରେ ୧୭ ମିମି, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ୧୨ ମିମି ବର୍ଷା ହୋଇଥିବା ଜଣାପଡିଛି ।

ଆସନ୍ତାକାଲି (ରବିବାର) ସୁନ୍ଦରଗଡା, ଝାରସୁଗୁଡା, ବରଗଡ ଓ ସମ୍ବଲପୁର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ନେଇ ୟୋଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହା ସହ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଆଦି ଜିଲ୍ଲା ଘଡଘଡି ସହ ବର୍ଷା ଲାଗି ରହିବାର ସମ୍ଭାବନା ଅଛି ।

## ଆଜିଠୁ...

ପାଳନ କରାଯିବ । ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି ।

ଚଳିମାସ ୯ ତାରିଖ ଅର୍ଥାତ ରବିବାର କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ରାଜ୍ୟ ସ୍ତରୀୟ ତ୍ରିରଙ୍ଗା ରାଲି ଆୟୋଜନହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ହେବ । ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ । ଶନିବାର ମଧ୍ୟାହ୍ନ ସୁଦ୍ଧା ପ୍ରାୟ ୪୫ ଲକ୍ଷ ୪୦ ହଜାର ପତାକା ପ୍ରସ୍ତୁତ ହୋଇସାରିଛି । ପତାକା ତିଆରି ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ଆର୍ଥିକ ରାଶି ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଛି । ଓଡ଼ିଶାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପତାକା ଓଡ଼ିଶାର ଘରେ ଘରେ ପହଞ୍ଚିବ ।

ଚଳିତମାସ୧୪ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ । ଅଗଷ୍ଟ ୧୫ ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବିନ୍ଦ୍ର ମଣ୍ଡପରେ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଭାରତୀୟମ୍‌ର ଆୟୋଜନ କରାଯିବ । ଏଥିସହ ବନ୍ଦେ ମାତରମ୍‌ର ୧୫୦ ତମ ବର୍ଷ ପୂର୍ତ୍ତି ଅବସରରେ କନସର୍ଟର ଆୟୋଜନ କରାଯିବ । ବାଲୁକା କଳା, ବିଶାଳ ରଙ୍ଗୋଲି ପ୍ରଦର୍ଶନୀ ସହ ସେଲ୍ଫି ୱିଥ୍ ତ୍ରିରଙ୍ଗା ବୁଥ୍ ସ୍ଥାପନ କରାଯିବ ।

ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ନିଜର ସେଲ୍ଫି ଉଠାଇ ନିଜର ଫଟୋକୁ ହରଘର ତ୍ରିରଙ୍ଗା ଡ଼ଟ କମ୍ ୱେବସାଇଟରେ ଅପଲୋଡ଼ କରି ନିଜର ଡିଜିଟାଲ ସାର୍ଟିଫିକେଟ ଡ଼ାଉନଲୋଡ଼ କରିପାରିବେ । ଏଥିସହ ମାଇଁ ଜିଓଭି ପୋର୍ଟାଲରେ ମଧ୍ୟ ଅନଲାଇନ୍ କୁଇଜ ପ୍ରତିଯୋଗିତାର ଆୟୋଜନ କରାଯିବ । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଘରେ ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ସହ ଅନଲାଇନ କୁଇଜ୍‌ରେ ଅଂଶଗ୍ରହଣ କରିବେ । ସାମ୍ବାଦିକ ସମ୍ମିଳନୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଡ଼. ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜୟଙ୍କ...

ସବୁ ସାଂସଦମାନଙ୍କର ବୈଠକ ଡାକିଥିଲେ । ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌ରେ ତାମିଲନାଡୁର ଅଧିକା ଯେଭଳି ସାବ୍ୟସ୍ତ ରହିବ ତାହା ଉପରେ ଆଲୋଚନା କରିବାର ଉଦ୍ଦେଶ୍ୟ ଥିଲା । ତେବେ ଜନସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ କଂଗ୍ରେସର ୧୨ ଜଣ ସାଂସଦ ଉପସ୍ଥିତ ଥିବାବେଳେ ଭିସିକେ, ସିପିଆଇ, ସିପିଏମ୍‌ର ଦୁଇଜଣ ଲେଖାଏଁ ଓ ଏମ୍‌ଡିଏମ୍‌କେ, ଆଇୟୁଏମ୍ଏଲ୍‌ର ଜଣେ ଲେଖାଏଁ ସାଂସଦ ଉପସ୍ଥିତ ଥିଲେ । ଏଆଇଡିଏମ୍‌କେର ୪ ସାଂସଦ ଅଛନ୍ତି । ସେମାନେ ଏଥିରେ ସାମିଲ ହୋଇନ୍ଥଲେ । ପିଏମ୍‌କେ, ଏମ୍ଏନ୍ଏମ୍ ଓ ଡିଏମ୍‌ଡିକେର ସାଂସଦମାନେ ବୟକଟ କରିଥିଲେ । ବୟକଟ କରିଥିବା ସାଂସଦମାନଙ୍କର ଅଭିଯୋଗ ହେଉଛି ଯେ କାବେରୀ ଜଳବିବାଦ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏଭଳି କରାଯାଉଛି । ମୌସୁମୀ ଅଧିବେଶନରେ ସରକାର ଏହି ବିଲ୍ ପାରିତ କରିବାକୁ ଯୋଜନା କରିଥିବାରୁ ଏହି ବୈଠକ ଡକାଯାଇଛି ବୋଲି ଟିଭିକେ ପକ୍ଷରୁ କୁହାଯାଇଥିଲା । ଡିଏମ୍‌କେ ପକ୍ଷରୁ କୁହାଯାଇଛି ଯେ ତାଙ୍କ ଦଳ ସୀମା ପୁନଃ ନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରିବ ।

## ଅନୀତା...

ନ୍ୟାସ ପକ୍ଷରୁ ୪ ର୍ଥ ସରଳା ଦେବୀ ପୁରସ୍କାର ପାଇଁ ଏଥର ବିଶିଷ୍ଟ ଭାରତୀୟ ସାହିତ୍ୟିକା ତଥା ଅବସରପ୍ରାପ୍ତ ପ୍ରଶାସିକା ଅନୀତା ଅଗ୍ନିହୋତ୍ରୀ ପାଇବେ ବୋଲି ସ୍ଥିର ହୋଇଛି । ପୂର୍ବାହ୍ନ ୧୧ ଘଟିକାରେ ମା ସରଳା ଦେବୀଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ ହେଉଛି । ଏହି ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଏବଂ ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁଥିବା ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ଅପରାହ୍ଣ ୩ ଘଟିକାରେ ଜୟଦେବ ଭବନରେ ଓଡ଼ିଶା ରାଜନୀତିରେ ମହିଳାମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ରରେ ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣ କରିବେ । ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ସୀତା ସାହୁ, ଜଗଦ୍ଦୀଶ ଚନ୍ଦ୍ର କାନୁନଗୋ, ଅନୀତା ମହାନ୍ତି, ପ୍ରହଲ୍ଲାଦ ସିଂ, ଭାସ୍କର ପରିଡା, ପିତାମ୍ବର ବାରିକ, ସୁଶ୍ରୀ ବୈଶାଳୀ ମହାନ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯିବ । ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କ ମଧ୍ୟ ସମ୍ମାନିତ କରାଯିବ ।

# ବଢୁଛି ବେତରଣୀ: ପୁଣି ସାଳନ୍ଦୀରେ ବନ୍ୟା ଭୟ, ବୁଡ଼ିଲା ରାଜମୁକୁନ୍ଦପୁର ପୋଲ

ଭଦ୍ରକ (ସବ୍ୟୁ): ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭଦ୍ରକ ରାଜଘାଟ ପୋଲ ନିକଟରେ ସାଳନ୍ଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି । ଏଠାରେ ବିପଦ ସଙ୍କେତ ୧୭ ଫୁଟ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୧୬.୮୦ ଫୁଟ ଉପରେ ପ୍ରବାହିତ ହେଉଥିଲା । ସାଳନ୍ଦୀ ଓ ଶାଖା ନାଳିଆ ନଦୀରୁ ବନ୍ୟାଜଳ ମା ଫଳରେ ଭଦ୍ରକ ବ୍ଲକ ଅନ୍ତର୍ଗତ ଅର୍ଣ୍ଣପାଳ ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ରାଜମୁକୁନ୍ଦପୁରଠାରେ ଥିବା ପକ୍କା ପୋଲ ସହିତ ଶହଶହ ହେକଟର ଚାଷଜମି ବୁ ହଦଗଡ଼ ଡ୍ୟାମ୍ରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନାଳିଆ ନଦୀର ଉଛୁଳା ପାଣି ଧାମନଗର ବ୍ଲକ୍ର ଇଟାପାଳଠାରେ କୂଳବନ୍ଧ ଡେଇଁ ଗାଁକୁ ପଶିବା ଆରମ୍ଭ କରିଛି । ଗ୍ରାମବାସୀ ବନ୍ଧରେ ବାଲି ବସ୍ତା ପକାଇ ଜଗି ରହିଥିବା ଦେଖିବାକୁ ମିଳିଛି । ରାସ୍ତା, ପୋଲ ଉପରେ ୩ ଫୁଟର ପାଣିଇଟାପାଳ ନିକଟସ୍ଥ ନଦୀବନ୍ଧରେ ପାଖାପାଖି ୧୫ ଫୁଟ ଲମ୍ବର ଘାଇ ସୃଷ୍ଟି ହୋଇଛି । ଭଦ୍ରକ ବ୍ଲକ୍ର ହରିପୁର ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପାଣି ଘେରରେ ରହିଛି । ବିଷ୍ଣୁପୁରବିନ୍ଧା-ଗୁଜିଦର ରାସ୍ତା ଏବଂ ରାଜମୁକୁନ୍ଦପୁର ପୋଲ ଉପରେ ୩ ଫୁଟ ଉଚ୍ଚର ପାଣି ଚାଲୁଛି । ଭଦ୍ରକ ସହରର ବାଉଦପୁର, କୁଆଁଶ, ଅସ୍ତଳ, ମଠସାହି, ପୁରୁଣାବଜାର, ଧନାଟୋଲା ଆଦି ଅଞ୍ଚଳ ସମେତ ସହରତଳି ଅଞ୍ଚଳ ଜଳମୟ ହୋଇଯାଇଛି । ବନ୍ୟା ପରେ ବିପନ୍ନ ଏବେ ଘର ସଜା ଏପରି ସ୍ଥିତିରେ ପୁଣି ବନ୍ୟାପାଣି ଆସି ଘରେ ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ଅନ୍ୟପଟେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଛୁଇଁବାକୁ ଯାଉଛି । ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୮୬ ମିଟର ଥିବାବେଳେ ଏଠାରେ ୧୮.୮୭ ମିଟରରେ ପ୍ରବାହିତ ହେଉଛି ।ନାଳିଆ, ଗେଙ୍ଗୁଟି ଓ ଏହାର ଶାଖା ନଦୀ ନଦୀଗୁ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ବନ୍ୟା ପ୍ରଖର ସ୍ରୋତରେ ଧୋଇଗଲା ସଂଯୋଗ ରାସ୍ତା : ଯାତାୟାତ ଠପ୍



ନୀଳଗିରି,(ସବ୍ୟୁ): ନୀଳଗିରି ବ୍ଲକର ସଜନାଗଡ ପଞ୍ଚାୟତର ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ସଂଯୋଗ କରୁଥିବା ଏକ ପୋଲର ଓ୍ୱାଲ ଏବଂ ରାସ୍ତା ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି । ଯାହା ଫଳରେ ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୋଲକୁ ସଂଯୋଗ କରୁଥିବା ଓ୍ୱାଲ ଏବଂ ରାସ୍ତା ଗତ ତିନି ମାସ ତଳେ ନୀଳଗିରି ଆଇ.ଟି.ଡି.ଏ. ପକ୍ଷରୁ ନିର୍ମାଣ କରାଯାଇଥିଲା । ସୂଚନା ଥାଉକି ସେଠାରେ ଏକ ପୁରୁଣା ପୋଲଟି ଭାଙ୍ଗି ଯାଇଥିବା ବେଳେ ସେଠାରେ ଆଇ.ଟି. ଡି.ଏ. ପକ୍ଷରୁ ଜୈନିକ ଠିକାଦାର ନୂତନ ପୋଲ ନିର୍ମାଣ କରୁଥିବା ବେଳେ ପୁରୁଣା ପୋଲ ଠାରୁ ନୂତନ ପୋଲ ଅଣଓସାରିଆ କରି ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ଅଣଓସାରିଆ ପୋଲରେ ପାହାଡ ପାଣି ପାରେଇ ପାରିବନି ବିଷୟରେ ଅଭିଯୋଗ କରିଥିଲେ, ହେଲେ ଠିକାଦାର ଯନ୍ତ୍ରୀ ଏହି ବିଷୟକୁ କେହି ଶୁଣି ନଥିଲେ । ଫଳରେ ୩ମାସ ଭିତରେ ଓ୍ୱାଲ ଏବଂ ରାସ୍ତା ଧୋଇ ଯାଇଛି ତାହା ଏବେ ଆଇ.ଟି.ଡି.ଏ. ର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଓ୍ୱାଲ ଏବଂ ରାସ୍ତା ଧୋଇ ଯାଇଥିବାରୁ ଦୁଇ ଗ୍ରାମ ବାସୀ ଏବେ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏପରିକି ଏହି ରାସ୍ତା ଦେଇ ସ୍କୁଲ, ସେବାଶ୍ରମ ରହୁଥିବା ଯୋଗୁଁ ପିଲାମାନେ ପାଠପଢ଼ାରୁ ମଧ୍ୟ ହଇରାଣ ହରକତ ହେଉଛନ୍ତି । ଏହା ଜାଣିବା ପରେ ନୀଳଗିରି ପୂର୍ବତନ ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ ଶନିବାର ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ପରେ ନୀଳଗିରି (ଆଇ.ଟି.ଡି.ଏ, ର ପି.ଏ.) ନୀଳଗିରି ଉପ-ଜିଲ୍ଲାପାଳ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ଯାତାୟତ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ମାଟି ପକାଯାଇ ଯାତାୟାତ ପାଇଁ ସୁବିଧା କରିବାପାଇଁ ଆଲୋଚନା ହୋଇଛି । ତେବେ ତକାଳ ଯିବା ଆସିବା କରିବା ପାଇଁ ଅସ୍ଥାୟୀ ଭାବେ ବାଉଁଶପୋଲ କରିବାପାଇଁ କିଛି ଅର୍ଥରାଶି ଗ୍ରାମବାଶସୀ ଙ୍କୁ ପୂର୍ବତନ ବିଧାୟକ ଶ୍ରୀ ନାୟକ ପ୍ରଦାନ କରିଛନ୍ତି ।

# ଯୁବକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ଅଭିଯୋଗ

ବଣାଇଁଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଗଣିଘଷା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ଆସିଛି । ଏହି ଘଟଣାକୁ ନେଇ ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି ।

ସୂଚନା ଅନୁଯାୟୀ, ଗଣିଘଷା ଗ୍ରାମର କାହ୍ନୁ ଚରଣ ମହାନ୍ତ ଶନିବାର ସକାଳେ ଶୌଚ ପାଇଁ ନିକଟସ୍ଥ ନାଳକୁ ଯାଉଥିବା ବେଳେ ଚାରିଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିବା ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ତାଙ୍କ ଉପରେ ପେଟ୍ରୋଲ ଢାଳିବା ସହ ନିଆଁ ଲଗାଇ ଦେଇଥିବା କୁହାଯାଉଛି । କାହ୍ନୁଚରଣଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଲହୁଣୀପଡ଼ା ଡାକ୍ତରଖାନାକୁ ନିଆଯାଇଥିଲା । ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ଆଇଜିଏଚକୁ ସ୍ଥାନାନ୍ତର କରାଯାଇଛି ।

ଜମିଜମା ବିବାଦକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ପରିବାରର ଅଭିଯୋଗ ଅନୁସାରେ, ନିଜ ଜମିରେ ବିନା ଅନୁମତିରେ ପରିବାରର କିଛି ସଦସ୍ୟ ଲିଜ୍ ରେ ପେଟ୍ରୋଲ ପମ୍ପ ଦେଇଥିବା ନେଇ କାହ୍ନୁଚରଣ ଆରଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ । ଏହାକୁ ନେଇ ବିବାଦ ଉପୁଜିଥିବା ଏବଂ ସେହି କାରଣରୁ ତାଙ୍କ ଉପରେ ଆକ୍ରମଣ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରୁ ମାଚିସ, ପେଟ୍ରୋଲ ଥିବା ଏକ ବୋତଲ ଓ ଚପଲ ଜବତ କରିଛି ପୁଲିସ । ତେବେ ଏହି ଆକ୍ରମଣ ପଛରେ କିଏ ଏବଂ ପ୍ରକୃତ କାରଣ କ'ଣ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି ।

# ଲଘୁଚାପରେ ଠାକୁରମୁଣ୍ଡାରେ ୧୫୬ ମିମି ବର୍ଷା

ଠାକୁରମୁଣ୍ଡା,(ସବ୍ୟୁ): ଚଳିତ ଲଘୁଚାପରେ ଠାକୁରମୁଣ୍ଡାରେ ୧୫୬ ମିମି ବର୍ଷା ହୋଇଛି । ୭ ତାରିଖ ରାତିରୁ ୮ ତାରିଖ ମଧ୍ୟରେ ହୋଇଥିବା ବର୍ଷା ଭେଜିଡିହା ସ୍ଥିତ ଶାଳନ୍ଦୀ ନଦୀ କୂଳରେ ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହା ରେକର୍ଡ କରାଯାଇଛି । ସେହିପରି ଗତ ୨୭/୨୮ ରେ ୨୦୬ ମିମି ଏବଂ ଜୁଲାଇ ୫ ଓ ୬ ତାରିଖରେ ୧୫୧ ମିମି ବର୍ଷା ରେକର୍ଡ କରାଯାଇଥିଲା । ଜମି ବାଡ଼ି ବୁଡି ରହିଥିବା ବେଳେ ପରିବା ଚାଷ ପ୍ରାୟ ଉଜୁଡି ଯାଇଛି । ବର୍ଷା ଧାନ ଚାଷ ପାଇଁ ଅନୁକୂଳ ରହିଥିବା ଚାଷୀ ପ୍ରକାଶ କରିଛନ୍ତି ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଦୋଷୀକୁ ୧୦ ବର୍ଷ କାରାଦଣ୍ଡ

ନବରଙ୍ଗପୁର, (ସବ୍ୟୁ) : ନାବାଳିକାକୁ ଅପହରଣ ଓ ଦୁଷ୍କର୍ମମାମଲାର ବିଚାର କରି ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଦେରାଜଜ ତଥା ପକ୍ସୋ କୋର୍ଟର ବିଚାରପତି ବାସୁଦେବ ଆଚାର୍ଯ୍ୟ ବଡ ରାୟ ଶୁଣାଇଛନ୍ତି । ଅଦାଲତ ଦୋଷୀକୁ ୧୦ବର୍ଷ ସଶ୍ରମକାରାଦଣ୍ଡ ସହ ୩୦ହଜାର ଟଙ୍କାର ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଆଉ ଅଧିକା କାରାଦଣ୍ଡ ଭୋଗିବାକୁ ପଡିବ । ଏହା ସହ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଉକ୍ତ ନାବାଳିକାକୁ ଅନୁକମ୍ପାମୂଳକ ସହାୟତା ୭ଲକ୍ଷ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁଯାୟୀ, ଗତ ୨୦୧୩ମସିହା ଅକ୍ଟୋବର ୧୩ ତାରିଖ ଦିନ ଚନ୍ଦାହାଣ୍ଡି ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ଦୁଷ୍କନ୍ତ ବାଘ ଓରଫ ଦୁର୍ଲ୍ଲବ ବାଘ ଏଭଳି କରିଥିବା ନେଇ ଚନ୍ଦାହାଣ୍ଡି ଥାନାରେ ପରିବାରବର୍ଗ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଓ ପିଡୀତା ନାବାଳିକାଙ୍କର ଡାକ୍ତରୀ ମାଇନା ପୁଲିସ କରାଇଥିଲେ । ଅଭିଯୁକ୍ତ କିଛି ଦିନ ଫେରାର ହୋଇ ପରେ କୋର୍ଟରେ ଆତ୍ମସର୍ମପଣ କରିଥିଲେ । ଏହି ମାମଲାର ବିଚାର ଚାଳିଥିବା ବେଳେ ୧୮ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ କରାଯାଇଥିଲା । ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ମୃତ୍ୟୁଞ୍ଜୟ ମହାରାଣା ମାମଲା ପରିଚାଳନା କରୁଥିଲେ ।

# ୧୦ କୋଟି ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ



ଭୁବନେଶ୍ୱର : (ସ.ବ୍ୟୁ) : ଭୁବନେଶ୍ୱର ପାଣ୍ଡରା ଛକ ନିକଟ କନିକା କନଭେନସନ୍ ଠାରେ ବ୍ରହ୍ମାକୁମାରୀ ପ୍ରଜାପିତା ଈଶ୍ୱରିୟ ବିଶ୍ୱବିଦ୍ୟାଳୟ ଜଗନ୍ନାଥ ନଗର ଶାଖା ତରଫରୁ ନିଶାମୁକ୍ତି ପ୍ରତିଜ୍ଞା ମହାଅଭିଯାନ ଶପଥପାଠ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ମଞ୍ଚେଶ୍ୱର ଥାନା ଅଧିକାରିଣୀ ଝୁନୁବାଳା ଶାସମଲ, ରବିନ୍ଦ୍ର ଜଗଦେବ, ପ୍ରଶାନ୍ତ ଶ୍ରୀଚନ୍ଦନରାଏ, ଜଳନ୍ଧର ସୁବୁଦ୍ଧି, ଏକାଦଶୀ ବେହେରା ଓ ଭାଇଭଉଣୀମାନେ ଯୋଗଦାନ କରିଥିଲେ । ସମାଜସେବୀ ନିଲୁ ଖୁଣ୍ଟିଆ ସଭା ପରିଚାଳନା କରିଥିଲେ ।

# ବରଣ୍ଡୁଆ, ସୁଦର୍ଶନପୁରରେ ତୃତୀୟ ବନ୍ୟା

ବାସୁଦେବପୁର ,(ସବ୍ୟୁ): ଉପର ମୁଣ୍ଡର ବର୍ଷା ପାଣି ଗଡୁଥିବାରୁ ବାସୁଦେବପୁର ବ୍ଲକର ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଶନିବାର ଦିନଦି ତୃତୀୟ ବନ୍ୟା ଦେଖା ଦେଇଛି । ସମଗ୍ର ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ପାଖାପାଖି ଏକ ମାସ ଧରି ପ୍ରତିଦିନ ବର୍ଷା ଲାଗି ରହିଛି । କାହାର ଘରକୁ ପାଣି ପସିଲାଣି ତ କାହା ଘରେ ଫୁଟେ ପାଣି । କାଦୁଅ ଚପ ଚପ ଘର ମଧ୍ୟରେ ବିତୁଛି ଜୀବନ । ଗରିବ ଲୋକମାନଙ୍କ ପାଇଁ ଉଠା ଚୁଲି ସାହା ଭରଷା ପାଲଟିଛି । ଶୁଖିଲା ପତର କୁଟା କାଠି ଅଣ୍ଡାଳି ସାଉଁଟି ଆଣି ଥରେ ରୋଷେଇ କଲେ ଦୁଇ ତିନି ଧରି ପଖାଳ ଖାଇ ଦିନ କାଟୁଛନ୍ତି । ଉପାସରେ ଦିନ କାଟୁଛନ୍ତି ବନ୍ୟା ପ୍ରଭାବିତ ଜନସାଧାରଣ । ପ୍ରଶାସନ ଥରେ ବାସ୍ତବ ଚିତ୍ର ନଦେଖିଲେ ଆଶୁ ସମାଧାନ ବାଟ ଫିଟିବ ନାହିଁ । ପୁଣି ଖସୁଛି ଉପର ମୁଣ୍ଡର ବର୍ଷା ପାଣି । ତଳ ମୁଣ୍ଡର ତୃତୀୟ ଥର ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତରେଚାଷ ଜମିର ତିନିରୁ ପାଞ୍ଚ ଫୁଟ ଉଚ୍ଚତାର ପାଣି ଲହରୀ ଭାଙ୍ଗୁଛି । ଉପର ମୁଣ୍ଡର ବନ୍ୟା ଜଳ ତଳକୁ ଗଡିବାରୁ ଫୁଲୁଛି କାଂଶବାଂଶ ଓ ଗମେଇ ନଦୀ । ଆଖପାଖ ଚାଷ ଜମି ସମୁଦ୍ର ଭ୍ରମ ସୃଷ୍ଟି କରିଛି । ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ, ବରଣ୍ଡୁଆ ଅଞ୍ଚଳର ଚାଷ ଜମି ବୁଡିଥିବା ବେଳେ ସୁଦର୍ଶନପୁର ପଞ୍ଚାୟତର ସୁଆଁ ଓ ସୁଦର୍ଶନପୁର ଅଞ୍ଚଳର ତଳିଆ ଚାଷ ଜମି ବୁଡି ରହିଛି । ଗମେଇ ନଦୀର ତଳ ମୁଣ୍ଡ ପୋତି ଯାଇ ଥିବାରୁ ଜଳନିଷ୍କାସନ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉଛି । ବରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତର ଅଧିକାଂଶ ତଳିଆ ଘର ଜଳ ବନ୍ଦୀ ହୋଇ ପଡିଲେଣି । ତଳି ଓ ବୁଣା ପଚି ଗଲାଣି । ଏଥର ଚାଷୀଙ୍କ ମୁଣ୍ଡରେ ପଡିଛି ଚଡକ । ଉଜୁଡି ଯିବାକୁ ବସିଛି ବର୍ଷକର ଭାତ ହାଣ୍ଡି । ପ୍ରତିବର୍ଷ ବନ୍ୟା ଦେଖା ଦେଉଥିବାରୁ ସ୍ଥାୟୀ ପ୍ରତିକାର ପାଇଁ ଦାବୀ କରୁଛି ଚାଷୀମାନେ ।

9001/115/2627

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୧୦.୦୮.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0056

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## କିଟ୍‌ରେ ଜାତୀୟ ମାନବ ସମ୍ବଳ ସମ୍ମିଳନୀ

# ମଣିଷ ଓ ଏଆଇ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ: ସଞ୍ଜୀବ ଅଗ୍ରୱାଲ

ଭୁବନେଶ୍ୱର, (ସବ୍ୟୁ): ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ମଣିଷ ଓ ପ୍ରଯୁକ୍ତି ମଧ୍ୟରେ ସହଯୋଗ ଉପରେ ନିର୍ଭରଶୀଳ। ଏହା 'ମଣିଷ ବନାମ ଏଆଇ' ନୁହେଁ, ବରଂ 'ମଣିଷ ଓ ଏଆଇ'ର ସମନ୍ୱୟ ବୋଲି କହିଛନ୍ତି ମଧ୍ୟପ୍ରାଚ୍ୟ ଓ ଭାରତ ପାଇଁ ପ୍ରୋଟିଭିଟି ମେମ୍ବର ଫାର୍ମର ସିଇଓ ସଞ୍ଜୀବ ଅଗ୍ରୱାଲ। କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ୧୭ତମ ଜାତୀୟ ମାନବ ସମ୍ବଳ ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। 'ଦି ଇକ୍ୱାଲାଇଜିଂ ଇଫେକ୍ଟ ଅଫ୍ ଜେନେରେଟିଭ୍ ଏଆଇ: ବ୍ରିଜିଂ ଦି ସ୍କିଲ୍ସ ଗ୍ୟାପ୍' ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ବକ୍ତବ୍ୟ ପ୍ରଦାନ କରି ଶ୍ରୀ ଅଗ୍ରୱାଲ କହିଲେ, ଜେନେରେଟିଭ୍ ଏଆଇ ମାନବ ସମ୍ବଳ ନିଯୁକ୍ତି, କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପରିଚାଳନା ଏବଂ କର୍ମଶକ୍ତିର ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣୁଛି। ଏଆଇ ଜ୍ଞାନ ଓ ଶିକ୍ଷଣ ସମ୍ବନ୍ଧୀୟ ସାଧନଗୁଡ଼ିକର




ସୁଯୋଗକୁ ଗଣତାନ୍ତ୍ରିକ କରିବାର ସାମର୍ଥ୍ୟ ରଖିଛି। ଫଳରେ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ଥିବା ଦକ୍ଷତାର ଅଭାବକୁ ଦୂର କରିବାରେ ଏହା ସହାୟକ ହୋଇପାରିବ। ସଂଗଠନଗୁଡ଼ିକ ଦିନକୁ ଦିନ ଅଧିକ ପ୍ରଯୁକ୍ତିନିର୍ଭର ହେଉଥିବାରୁ ମାନବ ସମ୍ବଳ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ପହଞ୍ଚିଛି ବୋଲି ସେ କହିଥିଲେ।

କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସମ୍ମିଳନୀର ଔପଚାରିକ ଉଦ୍‌ଘାଟନ କରି ଏଆଇକୁ ଦାୟିତ୍ୱପୂର୍ଣ୍ଣ ଏବଂ ମାନବକୈନ୍ଦ୍ରିକ ଢଙ୍ଗରେ ବ୍ୟବହାର କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଦକ୍ଷତାର ଅଭାବ ଦୂର କରିବାରେ ଏଆଇର ଭୂମିକାକୁ ସ୍ୱୀକାର କରିବା ସହ ସେ ଏହାର ବ୍ୟବହାରରେ ସମାବେଶୀକରଣ ଏବଂ ନୈତିକ ନିଷ୍ପତ୍ତି ଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

କିଟ୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ବକ୍ତା ସଞ୍ଜୀବ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସମ୍ମିଳନୀ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସମ୍ମିଳନୀରେ 'ଏଆଇ ସମସ୍ତଙ୍କ ପାଇଁ ନା କେବଳ କିଛି ଲୋକଙ୍କ ପାଇଁ ଦକ୍ଷତା ସମାନୀକରଣର ବାସ୍ତବତା' ଶୀର୍ଷକରେ ଦୁଇଟି ସମାନ୍ତରାଳ ପ୍ୟାନେଲ୍ ଆଲୋଚନା ଆୟୋଜିତ ହୋଇଥିଲା। ଏଥିରେ ଏଆଇ ପ୍ରକୃତରେ ସୁଯୋଗରେ ଥିବା ଅସମାନତାକୁ ଦୂର କରୁଛି କି ନୂଆ ବିଭେଦ ସୃଷ୍ଟି କରୁଛି, ସେନେଇ ବିଶେଷଜ୍ଞମାନେ ମତ ବିନିମୟ କରିଥିଲେ। ଡିଜିଟାଲ୍ ସୁବିଧାରେ ସମାନ ପ୍ରବେଶ, ଆଲଗୋରିଦମ୍‌ରେ ଥିବା ପକ୍ଷପାତ ଏବଂ ସମାବେଶୀ ଶିକ୍ଷଣ ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ଶୁଭାରମ୍ଭ ହେଲା କଂଗ୍ରେସର ମହା ରିଲିଫ କାର୍ଯ୍ୟକ୍ରମ

ଭୁବନେଶ୍ୱର ,(ସବ୍ୟୁ): କଂଗ୍ରେସ ଭବନଠାରେ ବିଭିନ୍ନ ଜିଲ୍ଲାରେ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କ ପାଇଁ କଂଗ୍ରେସର ମହା ରିଲିଫ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଖାଦ୍ୟ ପ୍ୟାକେଟ ବୋଝେଇ ଟ୍ରକଗୁଡିକୁ ଓପିସିସି ସଭାପତି ଭକ୍ତ ଚରଣ ଦାସ ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ, ସହ ପ୍ରଭାରୀ ଜେଟ୍ଟୀ କୁସୁମ କୁମାର ଏବଂ ରିଲିଫ କମିଟି ଅଧ୍ୟକ୍ଷ ବିଧାୟକ ଅଶୋକ ଦାସ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ ।

ସଭାପତି ଶ୍ରୀ ଦାସ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ଯେ, ବିଗତ ପ୍ରବଳ ବର୍ଷାରେ ବୈତରଣୀ, ମହାନଦୀ ଆଦିରେ ବନ୍ୟା ସୃଷ୍ଟି ହୋଇ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର ଜିଲ୍ଲା ଓ କଟକର ବାଙ୍କୀ ଅଞ୍ଚଳର ହଜାର ହଜାର ଚାଷ ଜମି ଜଳମଗ୍ନ ହେବା ସହ ଶହ ଶହ ଗ୍ରାମରେ ବନ୍ୟାଜଳ ଘେରି ସୃଷ୍ଟି ହୋଇଥିଲା । ଫଳରେ ଲୋକେ ନିଜ ବାସସ୍ଥାନ ଛାଡି ଗଛମୂଳ, ସ୍କୁଲ ଆଦିରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଏହି ବିପର୍ଯ୍ୟୟକୁ ଆଖି ଆଗରେ ରଖି କଂଗ୍ରେସ ଦଳ ତତକ୍ଷଣାତ ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ବନ୍ୟା ଅନୁଧ୍ୟାନ ଓ ରିଲିଫ କମିଟି ଗଠନ କରି ବନ୍ୟାଞ୍ଚଳ ଗସ୍ତକରି ପ୍ରଭାବିତ ଅଞ୍ଚଳର କ୍ଷୟକ୍ଷତି




ଅନୁଧ୍ୟାନ କରିଥିଲା । କଂଗ୍ରେସ ଏହି ମହତ ମାନବୀୟ ସହାୟତା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି । ବିପନ୍ନଙ୍କୁ ଚୂଡ଼ା, ଗୁଡ଼, ବିସ୍କୁଟ ଓ ଜରିପାଲ ବଣ୍ଟନ କରାଯିବ । ପ୍ରଭାବିତ ଜିଲ୍ଲାଗୁଡିକୁ ରିଲିଫ ସାମଗ୍ରୀ ରବିବାର ଠାରୁ ପଠାଯିବାର କାର୍ଯ୍ୟକ୍ରମ ରହିଛି । ରିଲିଫ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ,ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ, ଶିବାନନ୍ଦ ରାୟ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାଶ, ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ହୁସେନ,ୟାଶୀର ନାୱାଜ, ହମିଦ ହୁସେନ, ଜୟଶ୍ରୀ ପାତ୍ର, ଜୟସ୍ମିତା ମହାନ୍ତି, ଅମିତା ବିଶ୍ୱାଳ, ମଧୁସ୍ମିତା ସେଠୀ, ଶ୍ରୀୟାସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ରେଭେନ୍ସା ବିବାଦ : ବିଧାୟକ ପ୍ରକାଶ ସେଠୀଙ୍କ କୁଶପୁତ୍ତଳିକା ଦାହକଲା ନଗର ଯୁବ କଂଗ୍ରେସ

କଟକ , (ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ପର୍କିତ ନିକଟତର ବିବାଦୀୟ ସମସ୍ୟାକୁ ନେଇ କଟକ ନଗର ଯୁବ କଂଗ୍ରେସ ଆନୁକୂଲ୍ୟରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ବିରୋଧରେ ଏକ ଜୋରଦାର ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗର ଯୁବ କଂଗ୍ରେସ ସଭାପତି ଆଇନଜୀବି ଡ଼ ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ସଂଗଠନର ଶତାଧିକ କର୍ମୀ ଓ ନେତୃବୃନ୍ଦ କଲେଜ ଛକସ୍ଥିତ ରେଭେନ୍ସା ୟୁନିଭର୍ସିଟି ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହୋଇ ବିଧାୟକଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାମ ଗୋଚ୍ଛାୟତ, ସଦର ବ୍ଲକ ସଭାପତି ସୀତାକାନ୍ତ ପଣ୍ଡା, ମହିଳା ଜିଲ୍ଲା ସଭାନେତ୍ରୀ ପ୍ରୀତିଛନ୍ଦା ନାୟକ,




ବରିଷ୍ଠ କଂଗ୍ରେସ ନେତା ଶିଶିର ରଥ, ରାଜେଶ ସ୍ୱାଇଁ, ମୁଖପାତ୍ର ଅଶୋକ କୁମାର ସ୍ୱାଇଁ,ତନ୍ମୟ ପାରିଜା ଓ ଚିରଞ୍ଜୀବ ମହାନ୍ତିଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ। ରେଭେନ୍ସା କ୍ୟାମ୍ପସରେ ଉପୁଜିଥିବା ପରିସ୍ଥିତିକୁ ନେଇ କଂଗ୍ରେସ ନେତୃବୃନ୍ଦ ବିଧାୟକଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲେ। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ତରଫରୁ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ଯୁବ ନେତା ବିପ୍ଳବ ଶିଳାଦିତ୍ୟ ଚେତାବନୀ ଦେଇଛନ୍ତି।

## ୫୦ ହଜାର ବଟି ନଦେବାରୁ କଟୁରି ଚୋଟ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୫୦ହଜାର ବଟି ନଦେବାରୁ କାଳିଆ ଗ୍ୟାଙ୍ଗ ଖଣ୍ଡଗିରି ଅଞ୍ଚଳର ଜଣେ ଓମ୍‌ଫେଡ୍ ବ୍ୟବସାୟୀଙ୍କୁ କଟୁରୀ ଚୋଟ ଦେବାରୁ ସେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି । ପୋଲିସ ଏତଲା ଆଧାରରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ବିଜୟ କୁମାର ସାହୁଙ୍କର ରମାମଣି ପେଟ୍ରୋଲ ପମ୍ପ ନିକଟରେ ଏକ ଓମ୍‌ଫେଡ ରହିଛି । ସେହି ଓମ୍‌ଫେଡ୍ ନିକଟରେ ବରବାଡ଼ିର କାଳିଆ ଗ୍ୟାଙ୍ଗ ଖଟି କରିବା ସହ ନିଶା ଦ୍ରବ୍ୟ ଖାଇଥାନ୍ତି । ସେମାନଙ୍କ ନିଶା ଖାଇବାକୁ ବିଜୟ ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ ଶତ୍ରୁତା ଉପୁଜିଥିଲା । ସେହି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାଳିଆ ଗ୍ୟାଙ୍ଗ ବିଜୟ ଓମ୍‌ଫେଡ୍ ଦୋକାନ ପାଖରେ ପହଞ୍ଚି ୫୦ ହଜାର ବଟି ମାଗିଥିଲେ । ସେ ଦେବନାହିଁ ବୋଲି ମନା କରିବାରୁ କଳି ଝଗଡ଼ା ହୋଇଥିଲା । କାଳିଆ ଉତ୍‌କ୍ଷିପ୍ତ ହୋଇ ପାଖରେ ରଖିଥିବା କଟୁରୀରେ ବିଜୟଙ୍କୁ ଶକ୍ତ ଚୋଟ ମାରିବାରୁ ସେ ସେଠାରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଯାଇଥିଲା । କାଳିଆ ଗ୍ୟାଙ୍ଗର ଗିରଫ ଅଭିଯୁକ୍ତମାନେ ମିଶି ଦୋକାନକୁ ଭଙ୍ଗାରୁଜା କରିବା ସହ ସେଠାରୁ ଖସି ପଳାଇଥିଲେ ।

### ଚାଷୀ ଓ ମହିଳାଙ୍କୁ ହତାଶ କରିଛି ସରକାରଙ୍କ ଖରିଫ ଧାନ କିଣା ବିଜ୍ଞପ୍ତି: ବିଜେଡି

# ରାଜ୍ୟର ଅର୍ଦ୍ଧାଧିକ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହେବେ

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବିରୋଧ କରିଛି ବିଜୁ ଜନତା ଦଳ । ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ଭାଗଚାଷୀ, କ୍ଷୁଦ୍ରଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ । ଏହାଛଡା, ରାଜ୍ୟର ମହିଳା ଏସଏଚଜି ମାନଙ୍କୁ ପୂର୍ବ ସରକାରଙ୍କ ଦ୍ୱାରା ଧାନ କ୍ରୟ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଥଲା, ଯାହାକୁ ରାଜ୍ୟ ବିଜେପି ସରକାର ଉଠାଇ ଦେଇଛନ୍ତି । ଏହି ନିଷ୍ପତ୍ତିକୁ ବିଜେଡି ତୀବ୍ର ନିନ୍ଦା କରିଛି । ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ସହିତ ଏହା ରାଜ୍ୟ ସରକାରଙ୍କର କୃଷକ ଓ ମହିଳା ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କହିଥିଲେ । ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ରାଜ୍ୟ ସରକାରଙ୍କର ସମବାୟ ଓ ଯୋଗାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟର ଭାଗଚାଷୀ ତଥା କ୍ଷୁଦ୍ର ଚାଷୀ ମାନଙ୍କୁ ପଞ୍ଜିକରଣ କରିବା ପାଇଁ ଜମିର ପ୍ରକୃତ ମାଲିକ ମାନଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବାକୁ ହେବ । ପୂର୍ବରୁ ସମବାୟ ବା ଯୋଗାଣ ଅଧିକାରୀ ମାନେ ଭାଗଚାଷୀ ମାନଙ୍କୁ ଚିହ୍ନଟ କରୁଥିଲେ, ଯାହା ମାଧ୍ୟମରେ ଭାଗଚାଷୀ ମାନେ ପଞ୍ଜିକରଣ କରୁଥିଲେ । ଚଳିତ ବର୍ଷ ପ୍ରକୃତ ମାଲିକଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ ହୋଇଥିବାରୁ ଅଧିକାଂଶ ଭାଗଚାଷୀ ମାନେ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ । ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସମୁଦାୟ ଚାଷୀ ସଂଖ୍ୟାର ଅଧାରୁ ଅଧିକ । ତେଣୁ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ଚଳିତ ବର୍ଷ ପଞ୍ଜିକରଣ କରିବାକୁ ସକ୍ଷମ ହେବେ ନାହିଁ । ଏହା ରାଜ୍ୟ ସରକାରଙ୍କର କୃଷକ ମାରଣ ନୀତିକୁ ଦର୍ଶାଉଛି । ଶ୍ରୀ ଦାସବର୍ମା ଆହୁରି କହିଥଲେ, ଏହି ବିଜ୍ଞପ୍ତିରେ ମହିଳା ଏସଏଚଜି ମାନଙ୍କୁ ଧାନ କିଣା ବିକା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯାଇଛି । ରାଜ୍ୟ ସରକାରଙ୍କର ଏହି ନିଷ୍ପତି ତାଙ୍କର ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ବିଜେଡି ଅଭିଯୋଗ କରିଛି । ଏହି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ଼ ବିରୋଧ କରୁଛି ଏବଂ ଆଗାମୀ ଦିନରେ ବିଧାନସଭା ଓ ରାଜରାସ୍ତାରେ ଏହାର ଦୃଢ଼ ବିରୋଧ କରାଯିବ ।

## ଓରାୟମ୍ ଗ୍ରୁପ୍ ପକ୍ଷରୁ ଓରାୟମ୍ ରିଅଲଟିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅର୍ଥନୈତିକ ଏବଂ ସହରୀ ଅଭିବୃଦ୍ଧି ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଓଡ଼ିଶାର ଅନ୍ୟତମ ପ୍ରମୁଖ ବିବିଧ ଶିଳ୍ପ ସଂସ୍ଥା ଓରିୟମ୍ ଗ୍ରୁପ୍ ଆଜି ନିଜର ସମର୍ପିତ ରିଅଲ୍ ଇଷ୍ଟେଟ୍ ଶାଖା ' ଓରାୟମ୍ ରିଅଲଟିର ଶୁଭାରମ୍ଭ ଘୋଷଣା କରିଛି। ଏହା ପ୍ରଥମେ ଭୁବନେଶ୍ୱର ଓ ରାଜ୍ୟର ଅନ୍ୟାନ୍ୟ ଉଦୀୟମାନ ବିକାଶ କରିଡରଗୁଡ଼ିକରେ ପ୍ରିମିୟମ୍ ଆବାସିକ, ଖୁଚୁରା, ବ୍ୟବସାୟିକ, ଆତିଥେୟତା ଓ ମିଶ୍ରିତ ବ୍ୟବହାର ପ୍ରକଳ୍ପଗୁଡ଼ିକର ବିକାଶ କରିବ। ରିଅଲ୍ ଇଷ୍ଟେଟ୍‌ରେ ଏହି ରଣନୈତିକ ପ୍ରବେଶ ଗ୍ରୁପ୍‌ର ୨୧ ବର୍ଷର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହା ଇସ୍ପାତ ଓ ଶକ୍ତି, ସ୍ପେଶାଲିଟି କେମିକାଲ୍ସ ଓ ରିଫ୍ରାକ୍ଟରିରେ ଶିଳ୍ପ ଦକ୍ଷତା ନିର୍ମାଣ କରିଛି। ଗ୍ରୁପ୍ ବିଶ୍ୱାସ କରେ ଯେ ଓଡ଼ିଶା ଭିତ୍ତିଭୂମି-ଚାଳିତ ଶିଳ୍ପାୟନ ଓ ସହରୀକରଣର ଏକ ପରିବର୍ତନକାରୀ ପର୍ଯ୍ୟାୟରେ ପ୍ରବେଶ କରୁଛି ଯାହା ସଂଗଠିତ ରିଅଲ୍ ଇଷ୍ଟେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସୁଯୋଗ




ସୃଷ୍ଟି କରୁଛି। ବର୍ଷ ବର୍ଷ ଧରି ଓରାୟମ୍ ଗ୍ରୁପ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରାଜେଶ ଅଗ୍ରୱାଲ, ନିର୍ଦ୍ଦେଶକ ଅନିଲ କେଡିଆ ଓ ଦୀପକ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ବିବିଧ ଶିଳ୍ପ ସଂସ୍ଥାରେ ପରିଣତ ହୋଇଛି। ଏହି ଶୁଭାରମ୍ଭ ବିଷୟରେ ଘୋଷଣା କରି ଓରାୟମ୍ ଗ୍ରୁପ୍‌ର ନିର୍ଦ୍ଦେଶକ ଦୀପକ ଅଗ୍ରୱାଲ କହିଛନ୍ତି ଯେ, "ବିଗତ ୨୧ ବର୍ଷ ଧରି ଓରାୟମ୍ ଗ୍ରୁପ ଓଡ଼ିଶାର ଶିଳ୍ପ ଅର୍ଥନୀତି ଗଠନରେ ଅଂଶଗ୍ରହଣ କରିଛି। ବର୍ତମାନ ଆମେ ବିଶ୍ୱାସ କରୁ ଯେ ରାଜ୍ୟ ନିଜର ପରବର୍ତୀ ନିର୍ଣ୍ଣାୟକ ଅଭିବୃଦ୍ଧି ଚକ୍ରରେ ପ୍ରବେଶ କରୁଛି ଯେଉଁଠାରେ ଶିଳ୍ପ ବିକାଶ ପ୍ରାକୃତିକ ଭାବରେ ଆଧୁନିକ ସହର, ଜୀବନ୍ତ ସମ୍ପ୍ରଦାୟ ଓ ଗୁଣାତ୍ମକ ରିଅଲ୍ ଇଷ୍ଟେଟ୍ ପାଇଁ ଚାହିଦା ସୃଷ୍ଟି କରିବ। ଓରାୟମ୍ ରିଅଲଟି କେବଳ ଏକ ବିବିଧକରଣ ନୁହେଁ; ଏହା ଏକ ଶକ୍ତିଶାଳୀ, ଅଧିକ ସମୃଦ୍ଧ ଓ ଆକାଂକ୍ଷୀ ଓଡ଼ିଶାର ସହରୀ ଭିତ୍ତିଭୂମି ନିର୍ମାଣରେ ଅଂଶଗ୍ରହଣ କରିବାର ଏକ ରଣନୈତିକ ଦୀର୍ଘକାଳୀନ ପ୍ରତିବଦ୍ଧତା।

## ଆଶୀର୍ବାଦ ଅଟାର ଗୁଣାତ୍ମକ ପରମ୍ପରା ପୁରୀରେ ରଥ ନିର୍ମାଣକୁ ଜୀବନ୍ତ କରି ଗଢିତୋଳିଲା

ଭୁବନେଶ୍ୱର (ସବ୍ୟୁ): ଆଇଟିସିର ଆଶୀର୍ବାଦ ଅଟ୍ଟା ପୁରୀ ରଥ ଯାତ୍ରାରେ ଶହ ଶହ ପୁରାତନ ରଥ ନିର୍ମାଣ ପରମ୍ପରାରେ ଅନୁପ୍ରେରିତ ହୋଇ ଭକ୍ତମାନଙ୍କୁ ଏହି ଧରଣର ପ୍ରଥମ କାର୍ଯ୍ୟକ୍ରମ ଯୋଗାଇଦେଇ ତାହାର "ଗୁଣାତ୍ମକ ପରମ୍ପରା" ପ୍ରଚାର ଅଭିଯାନକୁ ପରିସମାପ୍ତ କରିଛି। ଏହି ଅନନ୍ୟ କାର୍ଯ୍ୟକ୍ରମ ଜରିଆରେ ୧୩୭୫୦ରୁ ଅଧିକ ଭକ୍ତ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥ ଯାତ୍ରାର ଅଂଶବିଶେଷ ହୋଇଥିବାବେଳେ ପିଢି ପରେ ପିଢି ରଥ ନିର୍ମାଣର ପୂଜ୍ୟ ପରମ୍ପରାକୁ ସଂରକ୍ଷିତ କରି ରଖିଆସିଥିବା ବିଶ୍ୱକର୍ମା ମହରାଣା ସମୁଦାୟଙ୍କ ଉତ୍ସର୍ଗୀକୃତ କାରିଗରୀକୁ ପାଳନ କରିଥିଲେ। ଏହି ଅନୁଭୂତିର କେନ୍ଦ୍ରସ୍ଥଳରେ ଥିଲା ୩୬୦-ଡିଗ୍ରୀ ଗୋଲାର୍ଦ୍ଧ ଆକୃତିର ଗମ୍ବୁଜ, ଯେଉଁଥିରେ ବାସ୍ତବ ଓ ଡିଜିଟାଲ ପଥର ଚକ୍କି, ସୁଚାରୁରୂପେ ସଂଯୋଜିତ ରଥ ଚକ ଏବଂ ସେନ୍‌ସର ଭିତ୍ତିକ ପ୍ରଯୁକ୍ତି ସମନ୍ୱିତ ହୋଇଥିଲା। ଗୋଷ୍ଠୀରେ ବିଭକ୍ତ ହୋଇ ପ୍ରବେଶ କରୁଥିବା ଭକ୍ତଗଣ ୨୧୦ ସେକେଣ୍ଡ ଅବଧି ବିଶିଷ୍ଟ ରଥ ନିର୍ମାଣର ପବିତ୍ର ପଦ୍ଧତି ପୁନଃ ସୃଷ୍ଟିକରିବା ଏବଂ ତାହାପରେ ନୈସର୍ଗିକ ଦର୍ଶନ ଓ ରଥ ଯାତ୍ରା ଅନୁଭୂତି ନେବାର ତଲ୍ଲିନକାରୀ ଯାତ୍ରା ଅନାବରଣ କରିବାକୁ ଚକ୍କିଗୁଡିକୁ ସାମୂହିକ ଭାବରେ ଘୂରାଇଥିଲେ। ଚକ୍କିଗୁଡିକ ଘୂରିବା ସହିତ ଅଂଶଗ୍ରହଣକାରୀମାନେ ରଥ ନିର୍ମାଣର ଗାଥା, ବିଶ୍ୱକର୍ମା ମହରଣାମାନଙ୍କର କାରିଗରୀ ଏବଂ ବଡ ଦାଣ୍ଡରେ ମହାପ୍ରଭୁ ଜଗନ୍ନାଥଙ୍କ ଆଧ୍ୟାତ୍ମିକ ଯାତ୍ରାର ଅନୁଭୂତି ହାସଲ କରିଥିଲେ ଏବଂ ତାହା "ଜୟ ଜଗନ୍ନାଥ" ଉଚ୍ଚାରଣ ମଧ୍ୟରେ ମହାପ୍ରଭୁଙ୍କ ଚକ୍ଷୁର ନୈସର୍ଗିକ ଦର୍ଶନ କରିଥିଲେ। ଗୁଣାତ୍ମକ ପରମ୍ପରା ଜରିଆରେ ଆଶୀର୍ବାଦ ଅଟ୍ଟା ପବିତ୍ର ରଥ ନିର୍ମାଣ ଏବଂ ପ୍ରତ୍ୟେକ ପ୍ୟାକ୍ ଆଶୀର୍ବାଦ ଅଟ୍ଟା ପ୍ରସ୍ତୁତି କ୍ଷେତ୍ରରେ କେନ୍ଦ୍ର ସ୍ଥାନ ନେଉଥିବା ଯତ୍ନ, ନିଖୁଣତା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟକୁ ପାଳନ କରି 'କ୍ୱାଲିଟି କି ଗ୍ୟାରେଣ୍ଟିର ପ୍ରତିଶ୍ରୁତିକୁ ଜୀବନ୍ତ କରି ଗଢିତୋଳିଥିଲା।

### ସମାଜକୁ ପରିବର୍ତ୍ତନ କରୁଥିବା

## ଅଜଣା ନାୟକମାନଙ୍କୁ ମିଳିବ 'ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩'

ଭୁବନେଶ୍ୱର (ସବ୍ୟୁ): ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ନିସ୍ୱାର୍ଥ ଭାବେ କାର୍ଯ୍ୟ କରୁଥିବା ଅଜଣା ନାୟକମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବାର ଉଦ୍ଦେଶ୍ୟରେ ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍ସ (ଏସଡିଜି)ପ୍ରତି ସମର୍ପିତ ନୋଡାଲ୍ ସଂସ୍ଥା '୨୦୩୦ କା ଭାରତ' ପକ୍ଷରୁ ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩ (ଜିଆଇଏଏ-୩)ପାଇଁ ନିଃଶୁଳ୍କ ନାମାଙ୍କନ ଆମନ୍ତ୍ରଣ କରାଯାଇଛି। ଏହି ସମ୍ମାନ ମାଧ୍ୟମରେ କ୍ୱାଲିଟି ଏଜୁକେସନ୍, ଜିରୋ ହଙ୍ଗର୍ ଏବଂ ଅଫୋର୍ଡେବଲ୍ ଆଣ୍ଡ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ। ୨୦୩୦ କା ଭାରତ'ର ସଂସ୍ଥାପକ ଡ଼ଃ ଅତୁଲ୍ ମଲିକରାମ କହିଛନ୍ତି, "ଦେଶ କେବଳ ନୀତି ଓ ଯୋଜନା ଦ୍ୱାରା ପରିବର୍ତ୍ତନ ହୁଏ ନାହିଁ, ବରଂ ସେହି ଲୋକମାନଙ୍କ ଦ୍ୱାରା ପରିବର୍ତ୍ତନ ହୁଏ, ଯେଉଁମାନେ ଅନ୍ୟମାନଙ୍କ ଜୀବନରେ ଆଶା ଓ ପରିବର୍ତ୍ତନ ଆଣିବାର ସଂକଳ୍ପ ନେଇ କାର୍ଯ୍ୟ କରନ୍ତି। ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ ଏପରି ପ୍ରକୃତ ପରିବର୍ତ୍ତନକାରୀମାନଙ୍କୁ ସମ୍ମାନିତ କରିବା ସହ ତାଙ୍କର କାର୍ଯ୍ୟକୁ ସମାଜ ସମ୍ମୁଖରେ ଆଣିବାର ଏକ ପ୍ରୟାସ। ସେ କହିଛନ୍ତି ଯେ, ଏହା ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସର ତୃତୀୟ ସଂସ୍କରଣ। ଆୟୋଜନ କମିଟି ସମାଜର ସମସ୍ତ ନାଗରିକ, ସାମାଜିକ ସଂସ୍ଥା ଏବଂ ସଂଗଠନମାନଙ୍କୁ ଅନୁରୋଧ କରିଛି ଯେ, ଯଦି ସେମାନଙ୍କ ଜ୍ଞାନରେ ଏପରି କୌଣସି ବ୍ୟକ୍ତି ଅଛନ୍ତି, ଯିଏ କ୍ୱାଲିଟି ଏଜୁକେସନ୍, ଜିରୋ ହଙ୍ଗର୍ କିମ୍ବା ଅଫୋର୍ଡେବଲ୍ ଆଣ୍ଡ କ୍ଲିନ୍ ଏନର୍ଜି କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରୁଛନ୍ତି, ତେବେ ନିଶ୍ଚୟ ତାଙ୍କର ନାମାଙ୍କନ ପଠାନ୍ତୁ। ପ୍ରାପ୍ତ ନାମାଙ୍କନଗୁଡ଼ିକର ମୂଲ୍ୟାଙ୍କନ ବିଶେଷଜ୍ଞ କମିଟି ଦ୍ୱାରା କରାଯିବ ଏବଂ ଚୟନିତ ପରିବର୍ତ୍ତନକାରୀମାନଙ୍କୁ ଗୋଲ୍ଡେନ୍ ଇମ୍ପାକ୍ଟ ଅଚିଭର୍ ଆୱାର୍ଡ୍ସ-୩ ପ୍ରଦାନ କରାଯିବ।

## ସମ୍ ନର୍ସିଂ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ ସପ୍ତାହ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ (ଏସ୍ଏନ୍‌ସି) କ୍ୟାମ୍ପସ୍-୧୧ର ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ସ୍ତନ୍ୟପାନ




ସପ୍ତାହ ୨୦୨୬ ପରିପ୍ରେକ୍ଷୀରେ ଅଗଷ୍ଟ ୬ ଓ ୭ ତାରିଖ ଦୁଇ ଦିନ ଧରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ପ୍ରସଙ୍ଗ "ବ୍ରେଷ୍ଟଫିଡିଂ ଫର ଏ ସଷ୍ଟେନେବଲ ଷ୍ଟାର୍ଟ ଇନ୍ ଲାଇଫ୍: ଷ୍ଟ୍ରେନ୍‌ଦେନ୍ ହ୍ୱାଟ ୱାର୍କ୍ସ" କୁ ଆଧାର କରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନ ଅଗଷ୍ଟ ୬ ତାରିଖରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ ଅନ୍ତର୍ଗତ ଶିଶୁରୋଗ ବିଭାଗର ଓପିଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମା' ଓ ଶିଶୁମାନଙ୍କର ଯତ୍ନ ନେଉଥିବା ନର୍ସମାନଙ୍କୁ ସ୍ତନ୍ୟପାନର ଗୁରୁତ୍ୱ ଓ ଲାଭ ସଂପର୍କରେ ସଚେତନ କରାଯାଇଥିଲା।

ଦ୍ୱିତୀୟ ଦିନରେ ସମ୍ ନର୍ସିଂ କଲେଜରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍ଏନ୍‌ସି କ୍ୟାମ୍ପସ୍-୧୧ର ଡିନ୍ ପ୍ରଫେସର (ଡାକ୍ତର) ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ସ୍ୱାସ୍ଥ୍ୟ ନର୍ସିଂ ବିଭାଗର ଅସୋସିଏଟ୍ ପ୍ରଫେସର ଶ୍ରୀମତୀ ରୁବି ପ୍ରଧାନ ପ୍ରସଙ୍ଗ ସଂପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ତଥା ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଅରକ୍ଷିତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡାକ୍ତର ଆଦିତ୍ୟ ମହାପାତ୍ର ଏବଂ ଭୁବନେଶ୍ୱର ଏମ୍ସର ଶିଶୁରୋଗ ବିଭାଗର ମୁଖ୍ୟ ତଥା ପ୍ରଫେସର ଡାକ୍ତର ସମରେନ୍ଦ୍ର ମହାପାତ୍ର, ଯୋଗ ଦେଇଥିଲେ। ଏସ୍ଏନ୍‌ସିର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତୀ ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ। ଶିଶୁ ନର୍ସିଂ ବିଭାଗର ଅସିଷ୍ଟାଂଟ ପ୍ରଫେସର ଶ୍ରୀମତୀ ମନିଷା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପରବର୍ତୀ ପର୍ଯ୍ୟାୟରେ ଶିଶୁରୋଗ ଓ ନବଜାତ ଶିଶୁରୋଗ ବିଭାଗର ବିଶେଷଜ୍ଞମାନେ ଯୋଗ ଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ।

## ବିଧାୟକଙ୍କ ରେଭେନ୍ସାରେ ଅନଧିକୃତ ପ୍ରବେଶକୁ ନିନ୍ଦା କଲା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଜେପି ବିଧାୟକ ପ୍ରକାଶ ସେଠୀଙ୍କ ବେଆଇନ ଓ ଅନୈତିକ ପ୍ରବେଶ କରି ଦୂଷିତ ବାତାବରଣ ସୃଷ୍ଟି ଉଦ୍ୟମ କରିବାକୁ ନେଇ ଓପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ଏହି ଅନଧିକୃତ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ । ଶ୍ରୀ ମହାନ୍ତି କହିଥିଲେ ଯେ, ଏହା ଏକ ହଷ୍ଟେଲ ବିଷୟ, ବିଶବିଦ୍ୟାଳୟ ନୁହେଁ । ଏହା ଏକ ଶୃଙ୍ଖଳାଗତ ପ୍ରସଙ୍ଗ ଅନୁମତି ବିନା ସାଧାରଣ ରୁମ ବ୍ୟବହାର । ସିନେଟ ଏବଂ ଏହାର କ୍ଷମତା ନୀତିଗତ ବିଷୟ ଗୁଡିକରେ ସୀମିତ, ଶୃଙ୍ଖଳାଗତ କିମ୍ବା ହଷ୍ଟେଲ ନୁହେଁ । ନୂତନ ୨୪ ଆଇନ ଅନୁଯାୟୀ ୨୦୧୬ରେ ଶେଷ ଥର ପାଇଁ ବସିଥିବା ସିନେଟ ୨୦୨୦ରେ ଭାଙ୍ଗି ଯାଇଥିଲା ଏବଂ ଏପର୍ଯ୍ୟନ୍ତ କେବେ ପୂରଣ ହୋଇନାହିଁ । ସିନେଟ ସଦସ୍ୟ ହେବା ପାଇଁ ପ୍ରସ୍ତାବିତ ନାମ ସଦସ୍ୟ ଘୋଷଣା ନହେବା ପର୍ଯ୍ୟନ୍ତ କ୍ଷମତା ଗ୍ରହଣ କରେ ନାହିଁ । ସଦସ୍ୟଙ୍କ ଭୂମିକା କେବଳ ସିନେଟ ବଡି ପର୍ଯ୍ୟନ୍ତ ସୀମିତ ଏବଂ ୭୮ ସଦସ୍ୟ ବିଶିଷ୍ଟ ବଡିର ମୋଟ ସଂଖ୍ୟା ଗରିଷ୍ଠ ମତାମତ ବଡି ସିନେଟର ମତାମତ ହେବ ଯାହା କ୍ଷମତାରେ ପରାମର୍ଶଦାତା ବିଶେଷକରି ହଷ୍ଟେଲ ଏବଂ ଶୃଙ୍ଖଳା ପ୍ରସଙ୍ଗ ସେମାନଙ୍କ କ୍ଷେତ୍ରାଧିକାରର ଅଂଶ ନୁହେଁ । ଶିକ୍ଷାଦାନ ଅଧ୍ୟାପକମାନେ ବିଶବିଦ୍ୟାଳୟର କର୍ମଚାରୀ ଏବଂ ସରକାରଙ୍କ ନୁହେଁ ।

## ସ୍ୱର୍ଗତ ଓ. ପି. ଜିନ୍ଦଲଙ୍କ ଜୟନ୍ତୀ ଅବସରରେ ରକ୍ତଦାନ, ସାମୁଦାୟିକ ସେବା କାର୍ଯ୍ୟକ୍ରମ


ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ୍ ପ୍ରତିଷ୍ଠାତା ସ୍ୱର୍ଗତ ଓ. ପି. ଜିନ୍ଦଲଙ୍କ ଜୟନ୍ତୀକୁ କର୍ମଚାରୀମାନଙ୍କ ନେତୃତ୍ୱରେ ଆୟୋଜିତ ବିଭିନ୍ନ ସାମୁଦାୟିକ ସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରିଛି। ଏହି ପଦକ୍ଷେପଗୁଡ଼ିକ ତାଙ୍କର କରୁଣା, ସମୁହିକ ଉନ୍ନତି ଓ ଅନ୍ତର୍ଭୁକ୍ତିମୂଳକ ବିକାଶର ଦୂରଦର୍ଶୀ ଚିନ୍ତାଧାରାକୁ ପ୍ରତିଫଳିତ କରିଛି। ଏହି ଅବସରରେ କାରଖାନା ପରିସରସ୍ଥିତ ସ୍ୱର୍ଗତ ଓ. ପି. ଜିନ୍ଦଲଙ୍କ ପ୍ରତିମୂର୍ତି ନିକଟରେ ପୁଷ୍ପାଞ୍ଜଳି ଓ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିନ୍ଦଲ ଷ୍ଟେନଲେସର ଅଧ୍ୟକ୍ଷ ରତନ ଜିନ୍ଦଲ, ଯାଜପୁର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ, ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦିନବ୍ୟାପୀ କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଏବଂ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଯୋଗରେ ଆୟୋଜିତ ରକ୍ତଦାନ ଶିବିର। ଏଥିରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ଠିକାଦାରମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ଏବଂ ପ୍ରାୟ ୫୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା, ଯାହା ଅଂଚଳର ଜରୁରୀ ସ୍ୱାସ୍ଥ୍ୟସେବା ଆବଶ୍ୟକତା



ପୂରଣରେ ସହାୟକ ହେବ।

ଏହି ଅବସରରେ ସ୍ୱେଚ୍ଛାସେବକମାନେ ଦାନଗଦୀ ଏବଂ ଯାଜପୁର ରୋଡ୍ ସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟରରେ ଚିକିତ୍ସାଧୀନ ରୋଗୀମାନଙ୍କୁ ଫଳ ଟୋକେଇ ବଂଟନ କରିଥିଲେ। ସେହିପରି, ଦାନଗଦୀ କୁଷ୍ଠ କଲୋନୀର ବାସିନ୍ଦାମାନଙ୍କୁ ରାସନ କିଟ୍ ବଂଟନ କରାଯାଇଥିଲା। ବୃଦ୍ଧାଶ୍ରମ ଏବଂ ଶିଶୁ ନିବାସରେ ଭୋଜନ ବଂଟନ ମଧ୍ୟ କରାଯାଇଥିଲା। ଏହି ଅବସରରେ ଯାଜପୁର ୟୁନିଟ୍ ହେଡ୍ ଦୀପକ ଅଗ୍ରୱାଲ କହିଛନ୍ତି, ସ୍ୱର୍ଗତ ଓ. ପି. ଜିନ୍ଦଲ ସର୍ବଦା ବିଶ୍ୱାସ କରୁଥିଲେ ଯେ, ବ୍ୟବସାୟ କେବଳ ଆର୍ଥିକ ସଫଳତାରେ ସୀମିତ ନ ରହି ସମାଜ ପ୍ରତି ମଧ୍ୟ ଅର୍ଥପୂର୍ଣ୍ଣ ଅବଦାନ ରଖିବା ଉଚିତ। ତାଙ୍କ ସ୍ମୃତିକୁ ସମ୍ମାନ ଜଣାଇବା ସହିତ ଏହି କାର୍ଯ୍ୟକ୍ରମଗୁଡ଼ିକରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ସହଭାଗୀମାନଙ୍କର ଉତ୍ସାହଜନକ ଅଂଶଗ୍ରହଣ ଆମ ସଂସ୍ଥାର ମୂଲ୍ୟବୋଧକୁ ପ୍ରତିଫଳିତ କରିବା ସହ ଆମେ ସେବା କରୁଥିବା ସମୁଦାୟ ସହ ଆମର ସମ୍ପର୍କକୁ ଆହୁରି ମଜବୁତ କରୁଛି।

# ଜୀବନରେ ଜିଜ୍ଞାସାକୁ ଜୀବନ୍ତ ରଖନ୍ତୁ: ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଛନ୍ତି। ଏହି ଉତ୍ସବର ଗଭୀର ଭାବନାତ୍ମକ ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କ୍ୟାମ୍ପସର ଜୀବନ୍ତ ଓ ସ୍ୱପ୍ନଭରା ପରିବେଶକୁ ମନେ ପକାଇଥିଲେ। କୋଭିଡ୍ ମହାମାରୀ ସମୟରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା କଥା ସ୍ମରଣ କରି, ଗ୍ରାଜୁଏଟ୍ ହେଉଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଶାରୀରିକ ଭାବେ ଉପସ୍ଥିତ ରହିବା ନେଇ ସେ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, " ଏହି କ୍ୟାମ୍ପସରେ ଆପଣମାନଙ୍କ ସହ ଏହି ଅତୁଳନୀୟ ଅନୁଭୂତି ବାଣ୍ଟିବା ମୋ ପାଇଁ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ଐତିହାସିକ ଶୈକ୍ଷିକ ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କ ଡିଗ୍ରୀ କେବଳ ଶୈକ୍ଷିକ ସଫଳତାର ପ୍ରତୀକ ନୁହେଁ, ବରଂ ଦେଶ ପାଇଁ ଅବଦାନ ରଖିବାର ଏକ ଦାୟିତ୍ୱ ମଧ୍ୟ। ସେ ପଦକ ବିଜେତାମାନଙ୍କୁ ଅତ୍ୟନ୍ତ ପ୍ରଶଂସା କରିବା ସହ ପ୍ରତିଷ୍ଠାନରେ ନୂତନ ଏଆଇ ପଦକ୍ଷେପର ଶୁଭାରମ୍ଭକୁ ସ୍ୱାଗତ କରିଛନ୍ତି। "ଆପଣମାନେ ଦେଶ ପାଇଁ ବହୁତ କିଛି କରିବାର ସ୍ୱପ୍ନ ନେଇ ଏଠାରୁ ବାହାରକୁ ପାଦ ଦେଉଛନ୍ତି" ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଦ୍ରୁତ ଓ ରୋମାଞ୍ଚକର ଯାତ୍ରା ବିଷୟରେ ଦର୍ଶାଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଓରିଏଣ୍ଟେସନ୍ ଦିବସରୁ ସମାବର୍ତ୍ତନ ଦିବସ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରାକୁ ସ୍ପଷ୍ଟ ଭାବେ ସ୍ମରଣ କରିଛନ୍ତି। ପ୍ରଥମ ଦରମା ପାଇବା ଏବଂ ଷ୍ଟାର୍ଟଅପ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ ଆକାଂକ୍ଷା ସେମାନଙ୍କ ମନକୁ ପରିପୂର୍ଣ୍ଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। "ଏହି ଅସାଧାରଣ ଯାତ୍ରା ଏବଂ ଜୀବନର ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ କରିବାର ଉତ୍ସାହରୁ ଆପଣମାନେ ନିଶ୍ଚିତ ଭାବେ ଅପାର ସନ୍ତୋଷ ପାଇବେ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

ଆଇଆଇଟି ଡିଗ୍ରୀର ପ୍ରକୃତ ମୂଲ୍ୟକୁ ନୂଆ ଭାବେ ବ୍ୟାଖ୍ୟା କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ଯୋଗ୍ୟତା କେବଳ ଉଚ୍ଚ ସିଜିପିଏ କିମ୍ବା ଆକର୍ଷଣୀୟ ନିଯୁକ୍ତି ପ୍ରସ୍ତାବଠାରୁ ବହୁତ ଅଧିକ। ଏହା ଉନ୍ନତ ସମସ୍ୟା ସମାଧାନ କରିବାର ଦକ୍ଷତାର ଏକ ନିର୍ଣ୍ଣାୟକ ବିଶ୍ୱସ୍ତରୀୟ ପ୍ରମାଣପତ୍ର ଭାବେ କାର୍ଯ୍ୟ କରେ। "ଅତ୍ୟନ୍ତ ଜଟିଳ ସମସ୍ୟାର ସମାଧାନ କିପରି କରିବାକୁ ହୁଏ ତାହା ଆପଣମାନେ ସଠିକ୍ ଭାବେ ଜାଣନ୍ତି, ଏହା ଆପଣମାନଙ୍କ ଡିଗ୍ରୀ ସମଗ୍ର ବିଶ୍ୱକୁ ଦର୍ଶାଇଥାଏ" ବୋଲି ଶ୍ରୀ ମୋଦୀ କହିଛନ୍ତି। ଭବିଷ୍ୟତର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଧିପତ୍ୟର ସୀମାରେଖା ଆଙ୍କି, ପ୍ରଧାନମନ୍ତ୍ରୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା), ଡାଟା ସେଣ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଗଭୀର ସମୁଦ୍ର ଗବେଷଣା, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ଶକ୍ତି ସୁରକ୍ଷା ଭଳି ପ୍ରମୁଖ ଉଦୀୟମାନ କ୍ଷେତ୍ରଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଶ୍ରୀ ମୋଦୀ କହିଥିଲେ, "ଏହିଭଳି ଅନେକ ଅତ୍ୟାଧୁନିକ କ୍ଷେତ୍ର ଆପଣଙ୍କର ଅପାର ପ୍ରତିଭା, ନିର୍ଭୀକ ନବସୃଜନ ଏବଂ ସୁଦୃଢ଼ ନେତୃତ୍ୱକୁ ଆଗ୍ରହର ସହ ଅପେକ୍ଷା କରିଛନ୍ତି।"

ଉନ୍ନତ ଗବେଷଣା ଦିଗରେ ଦେଶର ବ୍ୟାପକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ପିଏମ୍ ଗବେଷଣା ଫେଲୋସିପ୍ ଏବଂ ଅନୁସନ୍ଧାନ ନ୍ୟାସନାଲ୍ ରିସର୍ଚ୍ଚ ଫାଉଣ୍ଡେସନ୍ ପ୍ରତିଷ୍ଠା ଭଳି ଦୃଢ଼ ସହାୟତା ବ୍ୟବସ୍ଥା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ଏକ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତର ଅଭୂତପୂର୍ବ ପାଣ୍ଠି ଲକ୍ଷ୍ୟ ରଖାଯାଇଛି। "ଆଜି ଦେଶକୁ ନୂଆ ଗବେଷଣାର ଅତ୍ୟନ୍ତ ଆବଶ୍ୟକତା ରହିଛି ଏବଂ ଆମର ପ୍ରଶାସନିକ ଧ୍ୟାନ ମଧ୍ୟ ସମାନ ଭାବେ ଦୃଢ଼ତାର ସହ ଗବେଷଣା ଉପରେ କେନ୍ଦ୍ରିତ ରହିଛି" ବୋଲି ଶ୍ରୀ ମୋଦୀ କହିଛନ୍ତି।

ସୋସିଆଲ୍ ମିଡିଆ ଯୁଗର ବିଭ୍ରାନ୍ତିକର ପ୍ରଭାବରୁ ସ୍ନାତକମାନଙ୍କୁ ସତର୍କ କରାଇ ପ୍ରଧାନମନ୍ତ୍ରୀ ସେମାନଙ୍କୁ ନିଜର ଦରମା, ନିଯୁକ୍ତି କିମ୍ବା ଷ୍ଟାର୍ଟଅପ୍ର ସଫଳତାକୁ ସହପାଠୀମାନଙ୍କ ସହ ତୁଳନା ନକରିବାକୁ ପରାମର୍ଶ ଦେଇଛନ୍ତି। ଏହା ବଦଳରେ ନିଜର ମାନସିକ ଓ ଶାରୀରିକ ସୁସ୍ଥତାକୁ ପ୍ରାଥମିକତା ଦେବା ସହ ନିଜକୁ ଉନ୍ନତ କରିବା ଉପରେ ଏକାଗ୍ର ରହିବାକୁ ସେ ପରାମର୍ଶ ଦେଇଛନ୍ତି। "ମନେ ରଖନ୍ତୁ, ଜୀବନ ଆଦୌ ଏକ ଲିଡରବୋର୍ଡ ନୁହେଁ; ଆପଣଙ୍କ ପ୍ରକୃତ ପ୍ରତିଯୋଗିତା ଅନ୍ୟ କାହା ସହିତ ନୁହେଁ, ବରଂ ନିଜ ସହିତ" ବୋଲି ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି।

# ଝାଡଖଣ୍ଡ ଛାତ୍ର ଆନ୍ଦୋଳନ: ସମାଧାନ ବାଟ ଖୋଜୁଛନ୍ତି ସରକାର



**ନୂଆଦିଲ୍ଲୀ:** ସରକାରଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ବି ଝାଡଖଣ୍ଡର ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇନାହିଁ। ଛାତ୍ର ଆନ୍ଦୋଳନ ନେଇ ଏବେ ବି ଅଚଳାବସ୍ଥା ଚାଲିଛି। ଆନ୍ଦୋଳନକାରୀ ଛାତ୍ରମାନେ ଜେପିଏସ୍‌ସି ଓ ଜେଏଏସି ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ନେଇ ବିକ୍ଷୋଭ କରୁଛନ୍ତି। ଏହି ପରୀକ୍ଷାକୁ ସେମାନେ ବାତିଲ କରିବା ଲାଗି ଦାବି ରଖିଛନ୍ତି।

ଝାଡଖଣ୍ଡ ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁ ଛାତ୍ରମାନଙ୍କ ସହ ଆଲୋଚନା କରିଛନ୍ତି ଓ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଝାଡଖଣ୍ଡ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଇ-ମେଲ୍ ଖୋଲାଯାଇ ଛାତ୍ର ଓ ଅନ୍ୟ ଅଂଶୀଦାରଙ୍କ ଠାରୁ ନୀତିରେ ସଂସ୍କାର ଲାଗି ମତାମତ ନିଆଯାଉଛି। ସରକାର ମଧ୍ୟ ଅନ୍ୟ ଛାତ୍ରଗୋଷ୍ଠୀଙ୍କ ସହ ଆଲୋଚନା କରିବାକୁ ଯୋଜନା କରିଛନ୍ତି। ୧୫ ଦିନ ହେବ ଛାତ୍ର ଆନ୍ଦୋଳନ ଚାଲିଛି। ତେବେ ଇତି ମଧ୍ୟରେ ସରକାର ଓ ଆନ୍ଦୋଳନକାରୀଙ୍କ ଭିତରେ ଆଲୋଚନା ଚାଲିଛି। ଶନିବାର ଦିନ ବିଭିନ୍ନ ଛାତ୍ର ସଂଗଠନ ସହ ପ୍ରଶ୍ନପତ୍ର ଲିକ୍ ନେଇ ସରକାର ଆଲୋଚନା କରିଛନ୍ତି। ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଏକ ପାଞ୍ଚ ଜଣିଆ ପ୍ରତିନିଧି ଦଳ ଜେଏଲ୍‌କେଏମ୍ ନେତା ଦେବେନ୍ଦ୍ର ନାଥ ମାହାତୋଙ୍କ ସହ ପ୍ରଥମେ ସାକ୍ଷାତ କରିଥିଲେ। ଏହାଛଡା ଏନ୍‌ଏସ୍‌ୟୁଆଇ, ଏସ୍‌ଇଏସ୍ ଓ ଜେସିଏମ୍‌ର ଛାତ୍ର ପ୍ରତିନିଧିଙ୍କ ସହ ଆଲୋଚନା କରାଯାଇଛି। ମନ୍ତ୍ରୀ ସଞ୍ଜୟ ପ୍ରସାଦ ଯାଦବ କହିଛନ୍ତି ଯେ ଛାତ୍ରଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯିବ। ସରକାର ଏକ ପ୍ୟାନେଲ୍ ଗଠନ କରି ନିୟମିତ କଥାବାର୍ତ୍ତା କରିବେ। ଏଆଇଏସ୍‌ଏର ଜାତୀୟ ସଭାପତି ନେହ ବୋରା ଅନ୍ୟ ଏକ ପ୍ଲାଟ୍‌ଫର୍ମରେ ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମ୍‌ରେ ଧାରଣା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଉପରକୁ ଗତକାଲି କାଳି ଫୋପଡା ଯାଇ ଟାର୍ଗେଟ କରାଯାଇଥିଲା। ମାତ୍ର ଏଥିରେ ସେ ଭୟଭୀତ ନୁହଁନ୍ତି।

# ପାର୍ବଣ ପୂର୍ବରୁ ଚିନ୍ତା ବଢ଼ାଇଲାଣି ଚିନି ଦର



**ନୂଆଦିଲ୍ଲୀ:** ପାର୍ବଣ ପୂର୍ବରୁ ଚିନି ଦର ଗ୍ରାହକଙ୍କ ଚିନ୍ତା ବଢ଼ାଇଲାଣି। ଗତ ଏକ ମାସ ମଧ୍ୟରେ ଚିନି ଦର କ୍ୱିଣ୍ଟାଲ ପିଛା ପ୍ରାୟ ୫୦୦ରୁ ୭୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଗଲାଣି। ଦିଲ୍ଲୀରେ କିଲୋଗ୍ରାମ ପିଛା ଚିନି ଦର ୪୯ ଟଙ୍କାରେ, ମୁମ୍ବାଇରେ ୫୨ ଟଙ୍କାରେ, ପଶ୍ଚିମବଙ୍ଗରେ ୫୫ ଟଙ୍କାରେ, ରାଞ୍ଚିରେ ୫୧ ଟଙ୍କାରେ ଏବଂ ଚେନ୍ନାଇରେ ୫୩ ଟଙ୍କାରେ ପହଞ୍ଚି ସାରିଛି। ଭୁବନେଶ୍ୱରରେ ପାଇକାରୀ ବଜାରରେ ଚିନି ଦର କ୍ୱିଣ୍ଟାଲ ପିଛା ୫୧୫୦ ଟଙ୍କା ଛୁଇଁଲାଣି। ଗତ ମାସକ ପୂର୍ବେ ଏହା ପ୍ରାୟ ୪୪୦୦ ଟଙ୍କା ରହିଥିଲା। ଅର୍ଥାତ୍ ଭୁବନେଶ୍ୱରର ପାଇକାରୀ ବଜାରରେ ଚିନି ମୂଲ୍ୟ ଗତ ମାସକ ମଧ୍ୟରେ ପାଖାପାଖି ୧୭ ପ୍ରତିଶତ ମହଙ୍ଗା ହୋଇଯାଇଛି। ଏଥିଯୋଗୁ ଖୁଚୁରା ବଜାରରେ ଚିନି କିଲୋଗ୍ରାମ ପିଛା ୫୫ ଟଙ୍କାରୁ ୬୦ ଟଙ୍କା ଭଳି ଦରରେ ବିକ୍ରି ହେଉଛି। ଦର ନିୟନ୍ତ୍ରଣ ପାଇଁ ସରକାର ଉଦ୍ୟମ ଚଳାଇଥିଲେ ମଧ୍ୟ ଏଥିରେ ସଫଳତା ଏପର୍ଯ୍ୟନ୍ତ ମିଳିନାହିଁ। ଚିନି ଦରବୃଦ୍ଧିର ମୁଖ୍ୟ କାରଣ ଉତ୍ପାଦନ କମ୍। ଦେଶରେ ଚିନି ଉତ୍ପାଦନ ହ୍ରାସ ପାଇଥିବାବେଳେ ଏଲ୍ନିନୋ କାରଣରୁ ଆଗାମୀ ଦିନରେ ଉତ୍ପାଦନ ମଧ୍ୟ କମିବା ଆଶଙ୍କା ରହିଛି। ଚିନି ଯୋଗାଣକୁ ସ୍ୱାଭାବିକ ରଖିବା ପାଇଁ ଚିନି କଳଗୁଡ଼ିକ ବଡ଼ ନିଷ୍ପତ୍ତି ବି ନେଇଛନ୍ତି। ଆଖୁ ପେଷିବା କାର୍ଯ୍ୟ ଧାର୍ଯ୍ୟ ସମୟର ୧୦ରୁ ୧୫ ଦିନ ପୂର୍ବରୁ କରିବାକୁ ଯାଉଛନ୍ତି। ଏଥିସହିତ ସରକାର ମଧ୍ୟ ମହଜୁଦକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବସାୟୀ ଓ ମିଲ୍ ଉପରେ ଷ୍ଟକ୍ ଲିମିଟ୍ ଲଗାଇ ଦେଇଛନ୍ତି। ମିଲ୍ଗୁଡ଼ିକରେ ଷ୍ଟକ୍ ଯାଞ୍ଚକୁ ମଧ୍ୟ ବଢ଼ାଇ ଦେଇଛନ୍ତି। ଯଦି ଦରବୃଦ୍ଧି ଜାରି ରହେ ତାହେଲେ ପାର୍ବଣରେ ବିଭିନ୍ନ ପ୍ରକାର ମିଠା ମୂଲ୍ୟ ବଢ଼ିଯାଇପାରେ।

# କୋଲୋରେକ୍ଟାଲ୍ କର୍କଟ ନେଇ ସଂସଦରେ ଚିନ୍ତା
## ସମୟ ଥାଉଣୁ ସଚେତନ ହେବାକୁ ଭର୍ତ୍ତୃହରିଙ୍କ ଆହ୍ୱାନ



**ନୂଆଦିଲ୍ଲୀ:** ଦେଶର ଯୁବ ଓ କାର୍ଯ୍ୟକ୍ଷମ ବର୍ଗଙ୍କ ମଧ୍ୟରେ କୋଲୋରେକ୍ଟାଲ୍ କର୍କଟ (ବୃହଦନ୍ତ୍ର କର୍କଟ)ର ପ୍ରାରମ୍ଭିକ ଲକ୍ଷଣକୁ ଅବହେଳା କରିବା ଏକ ଗମ୍ଭୀର ସମସ୍ୟା ଭାବେ ଉଭା ହୋଇଛି। ଲୋକସଭାରେ ନିୟମ ୩୭୭ ଅଧୀନରେ ଏହି ବିଷୟ ଉଠାଇ ବିଜେପି ସାଂସଦ ଭର୍ତ୍ତୃହରି ମହତାବ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ସେ ସାମ୍ନାକୁ ଆଣିଥିବା ଏକ ଜାତୀୟ ସର୍ଭେ ଅନୁଯାୟୀ, ୮୦ ପ୍ରତିଶତରୁ ଅଧିକ ଲୋକ ଝାଡ଼ାରେ ରକ୍ତ ପଡ଼ିବା ଭଳି ଗୁରୁତର ଲକ୍ଷଣକୁ ଗ୍ରହଣ କରୁନାହାନ୍ତି। ସେହିପରି ପ୍ରାୟ ୯୦ ପ୍ରତିଶତ ଲୋକ ଡାକ୍ତରଙ୍କ ପରାମର୍ଶ ନନେଇ ନିଜେ ଔଷଧ ଖାଇବା କିମ୍ବା ଘରୋଇ ଉପଚାର ଉପରେ ନିର୍ଭର କରୁଛନ୍ତି। ପେଟ ଫୁଲିବା, ପାଚନରେ ଅନିୟମିତତା କିମ୍ବା ଝାଡ଼ା ହେବା ଭଳି ସମସ୍ୟାକୁ ସାଧାରଣ ଭାବି ଏଡ଼ାଇ ଯିବା ଦ୍ୱାରା ଶେଷ ମୁହୂର୍ତ୍ତରେ ରୋଗ ଚିହ୍ନଟ ହେଉଛି, ଯାହା ଜୀବନ ବଞ୍ଚାଇବାର ସମ୍ଭାବନାକୁ ହ୍ରାସ କରୁଛି। ଏହି ରୋଗ କେବଳ ବୟସ୍କଙ୍କୁ ହୁଏ ବୋଲି ରହିଥିବା ଭୁଲ୍ ଧାରଣା ଏବଂ ପ୍ରସେସଡ୍ ଫୁଡ୍, ବ୍ୟାୟାମର ଅଭାବ ଓ ତମାଖୁ ସେବନ ଭଳି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଯୁବବର୍ଗଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସାଂସଦ ମହତାବ ସରକାରଙ୍କୁ ବ୍ୟାପକ ସଚେତନତା ଅଭିଯାନ ଚଲାଇବା ସହ ସୁଲଭ ନିଦାନ ସେବା ଯୋଗାଇଦେବାକୁ ଦାବି କରିଛନ୍ତି।

# ହନିଟ୍ରାପ୍: ଆଇଆଇଏଫ ୱିଙ୍ଗ କମାଣ୍ଡର ଗିରଫ



**ନୂଆଦିଲ୍ଲୀ:** ଭାରତୀୟ ବାୟୁସେନା (ଆଇଏଏଫ୍)ର ୱିଙ୍ଗ କମାଣ୍ଡରଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଉକ୍ତ ଅଧିକାରୀ ଜଣକ ପ୍ରତିରକ୍ଷାର ସମ୍ବେଦନଶୀଳ ସୂଚନା ଶତ୍ରୁ ରାଷ୍ଟ୍ରକୁ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କ ହନିଟ୍ରାପ୍‌ରେ ଭାରତୀୟ ବାୟୁସେନା ଅଧିକାରୀ ଫସିଥିବା ନେଇ କୁହାଯାଉଛି।

ପୋଲିସ ସୂତ୍ରରୁ କୁହାଯାଇଛି ଯେ ଉକ୍ତ ଅଧିକାରୀଙ୍କୁ ୨ ମାସ ପୂର୍ବରୁ ଗିରଫ କରାଯାଇଥିଲା। ମାତ୍ର ଏହାକୁ ଗୁପ୍ତ ରଖାଯାଇଥିଲା। ଦିଲ୍ଲୀ ପୋଲିସ ସନ୍ଦେହ କରୁଛି ଯେ ଏହା କେବଳ ଗୋଟିଏ ଅଫିସରଙ୍କ ପାଖରେ ସୀମିତ ନଥିଲା। ଭାରତୀୟ ସେନା ଓ ଜାତୀୟ ସୁରକ୍ଷାର କିଛି ତଥ୍ୟ ଲିକ୍ ହୋଇଥିବା କୁହାଯାଉଛି। ସୋସିଆଲ ମିଡିଆରେ ସମ୍ପୃକ୍ତ ୱିଙ୍ଗ କମାଣ୍ଡର ଚାଟିଂ କରିଥିଲେ। ଏଥିରେ ସେ ବ୍ୟକ୍ତିଗତ କଥା ହୋଇଥିଲେ। ଧୀରେ ଧୀରେ ଏହା ନିୟମିତ ଭିଡିଓ କଲ୍‌କୁ ରୂପାନ୍ତରିତ ହୋଇଥିଲା। ପ୍ରଥମେ ମହିଳା ଜଣକ ତାଙ୍କ ବିଶ୍ୱାସ ଜିତିଥିଲେ ଓ ପରେ ସାମରିକ କାର୍ଯ୍ୟକଳାପ ନେଇ କିଛି ସୂଚନା ମାଗିଥିଲେ। ଉକ୍ତ ଅଧିକାରୀଜଣକ ମଧ୍ୟ କିଛି ସାମରିକ ୟୁନିଟ୍ ମୁତୟନ ନେଇ ତଥ୍ୟ ଦେଇଥିବା କୁହାଯାଉଛି। ସେହିଭଳି କିଛି ସମ୍ବେଦନଶୀଳ ସୂଚନା ମଧ୍ୟ ସମ୍ପୃକ୍ତ ମହିଳାଙ୍କୁ ଦିଆଯାଇଛି। ପୋଲିସ ସନ୍ଦେହ କରୁଛି ଯେ ସମ୍ପୃକ୍ତ ମହିଳାଜଣକ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାରେ କାର୍ଯ୍ୟ କରୁଛନ୍ତି ଓ ଉକ୍ତ ଅଧିକାରୀଙ୍କୁ ହନିଟ୍ରାପ୍ ମାଧ୍ୟମରେ ଫଶାଇଛନ୍ତି। ଏବେ ଏହାର ତଦନ୍ତ ଚାଲିଛି। ମହିଳା ଜଣକ ମଧ୍ୟ ସାମରିକ ୟୁନିଟ୍‌ର ମୁତୟନ ଓ ଗତିବିଧି ନେଇ ଫଟୋ ଓ ଭିଡ଼ିଓ ତାଙ୍କୁ ପଠାଇବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିବା ସୂଚନା ମିଳିଛି। ଉକ୍ତ ଅଧିକାରୀ ଜଣକ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସମ୍ପୃକ୍ତ ମହିଳାଙ୍କୁ ଡିଜିଟାଲ ଚ୍ୟାନେଲ ମାଧ୍ୟମରେ ପଠାଇଛନ୍ତି। ଆଉ ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ସମ୍ପୃକ୍ତ ୱିଙ୍ଗ କମାଣ୍ଡରଙ୍କୁ ମହିଳା ଜଣକ ତାଙ୍କ ସହଯୋଗୀମାନଙ୍କର ମୋବାଇଲ ନମ୍ବର ଦେବାକୁ କହିଥିଲେ। ସ୍ପାଏୱେୟାର ଆପ୍ ମଧ୍ୟ ମୋବାଇଲରେ ତଥ୍ୟ ଲିକ୍ ପାଇଁ ଲଗାଯାଇଥିବା ଶୁଣିବାକୁ ମିଳିଛି। ଦିଲ୍ଲୀ ପୋଲିସ ସନ୍ଦେହ କରୁଛି ଯେ ସୋସିଆଲ ମିଡିଆରେ ଉକ୍ତ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା।

# ଛାତ୍ରୋ କି ଗୁଞ୍ଜ କାର୍ଯ୍ୟକ୍ରମରେ ରାହୁଲ

**ନୂଆଦିଲ୍ଲୀ :** ଶିକ୍ଷା ଓ ନିଯୁକ୍ତି ପ୍ରସଙ୍ଗରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଆରମ୍ଭ କରିଥିବା ଛାତ୍ରୋଂ କି ଗୁଞ୍ଜ କାର୍ଯ୍ୟକ୍ରମ ଆଜି ପ୍ରୟାଗରାଜରେ ଅନୁଷ୍ଠିତ



ହୋଇଛି। ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କର ବିଭିନ୍ନ ପ୍ରସଙ୍ଗ, ଶିକ୍ଷା ଓ ନିଯୁକ୍ତି ନେଇ ରାହୁଲ ଛାତ୍ରମାନଙ୍କ ସହ ଆଲୋଚନା କରୁଛନ୍ତି। ରାହୁଲ କହିଛନ୍ତି ଯେ ଇଞ୍ଜିନିୟରିଂ, ମେଡିକାଲ, ସ୍ନାତକ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ ପାଠ ପଢ଼ିବା ଲାଗି ଛାତ୍ରଙ୍କ ପରିବାର ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ପାଠ ପଢ଼ିସାରିବା ପରେ ଏକ ସାର୍ଟିଫିକେଟ ଦିଆଯାଉଛି। ମାତ୍ର ବାସ୍ତବତା ହେଉଛି ଯେ ଏହି ସାର୍ଟିଫିକେଟରେ ଆପଣମାନଙ୍କୁ ନିଯୁକ୍ତି ମିଳୁନାହିଁ। କେପି ଗ୍ରାଉଣ୍ଡରେ ଆୟୋଜନ ହୋଇଥିବା ଏହି କାର୍ଯ୍ୟକ୍ରମ ଲାଗି ୟୁପି କଂଗ୍ରେସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା। ବର୍ଷାରେ ମଧ୍ୟ ଓଦା ହୋଇ ମଞ୍ଚ ପ୍ରସ୍ତୁତି ଚାଲିଥିଲା। ଆଜି ପ୍ରୟାଗରାଜରେ ରାହୁଲ ପହଞ୍ଚିବା ପରେ ତାଙ୍କୁ ବ୍ୟାପକ ସ୍ୱାଗତ କରାଯାଇଥିଲା। ରାହୁଲଙ୍କ ବିରୋଧରେ ସେଠାରେ କେତେକ ପୋଷ୍ଟର ମଧ୍ୟ ମରାଯାଇଥିଲା। ତେବେ ତାଙ୍କ ସପକ୍ଷରେ ଆଜି ଛାତ୍ରମାନେ ଜନନାୟକର ସ୍ଲୋଗାନ ଦେଇଥିଲେ। ଛାତ୍ରମାନେ ଆମେ ଚାକିରି ଚାହୁଁ, ପେଲେଟ୍ ଗନ୍ ନୁହେଁ। ଏହି ସ୍ଲୋଗାନ ଦେଇ ସଭାସ୍ଥଳକୁ ଯାଉଥିବା ଲକ୍ଷ୍ୟ କରିଥିଲେ। ଚାକିରି ମିଳିବ ନାହିଁ ତ ସିଂହାସନ ହଲିବ ବୋଲି ନାରା ଦିଆଯାଇଥିଲା। ତେବେ ତାଙ୍କ ସମାଲୋଚକମାନେ କହିଛନ୍ତି ଯେ ରାହୁଲ ପ୍ରୟାଗରାଜ ଆସୁଛନ୍ତି ମାତ୍ର ଝାଡଖଣ୍ଡ ଯାଉନାହାନ୍ତି। ଝାଡଖଣ୍ଡରେ କଂଗ୍ରେସ ଓ ଜେଏମ୍‌ଏମ୍‌ର ସରକାର ଚାଲିଛି। ଏଠାରେ ୧୫ ଦିନ ହେବ ଛାତ୍ରମାନେ ପ୍ରତିବାଦ କରୁଛନ୍ତି। ୬ ଜଣ ଆମରଣ ଅନଶନରେ ବସିଛନ୍ତି। ତେବେ ଆଉ ଏକ ପୋଷ୍ଟରରେ ରୋଚକ ତଥ୍ୟ ଥିଲା। କେନ୍ଦ୍ର ସରକାର ଦେଶସାରା କେବଳ ଅନ୍ଧଭକ୍ତ ସୃଷ୍ଟି କରୁଛନ୍ତି ବୋଲି ଉଲ୍ଲେଖ କରାଯିବା ସହ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉନି ବୋଲି ଲେଖାଥିଲା। ରାହୁଲ ସୋସିଆଲ ମିଡିଆରେ ଉଲ୍ଲେଖ କରିଥିଲେ ଯେ ମୁଁ ପ୍ରୟାଗରାଜ ଆସୁଛି। ଏହି ସହରରେ ହଜାର ହଜାର ଯୁବକ ସେମାନଙ୍କ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ପ୍ରତ୍ୟେକ ଛାତ୍ର ଜାଣିଛନ୍ତି ଯେ ବ୍ୟବସ୍ଥା ଏବେ ବିଶ୍ୱାସ ହରାଇଛି। କଠିନ ପରିଶ୍ରମ ମଧ୍ୟ କରୁଛନ୍ତି, ମାତ୍ର ସେମାନଙ୍କୁ ପୁରସ୍କାର ମିଳୁନାହିଁ। ପେପର ଲିକ୍, ନିଯୁକ୍ତି କ୍ଷେତ୍ରରେ ଧୀରତା ଓ ବର୍ଷ ବର୍ଷ ଧରି ଅପେକ୍ଷା ସତ୍ତ୍ୱେ ବି କେହି ଉତ୍ତରଦାୟିତ୍ୱ ନେଉନାହାନ୍ତି।

# ୟୁପିଆଇକୁ ନେଇ ସରକାରଙ୍କ ବଡ଼ ନିଷ୍ପତ୍ତି: ବ୍ୟବସାୟୀଙ୍କ ପାଇଁ ବଦଳିବ ନିୟମ




**ନୂଆଦିଲ୍ଲୀ:** ୟୁପିଆଇ ଟ୍ରାଞ୍ଜାକ୍ସନରେ ଶୁଳ୍କ ଲାଗୁ ହେବା ନେଇ ଗ୍ରାହକଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ଏହାରି ଭିତରେ ସରକାରଙ୍କ ସ୍ପଷ୍ଟୀକରଣ ସାମନାକୁ ଆସିଛି ।ସରକାର କହିଛନ୍ତି ଯେ ୟୁପିଆଇ ୟୁଜର୍ସଙ୍କ ପାଇଁ ମାଗଣା ରହିବ । P2P ଟ୍ରାଞ୍ଜାକ୍ସନ୍ ଏବଂ ଅଧିକାଂଶ ମର୍ଚାଣ୍ଟ ପେମେଣ୍ଟ ଉପରେ କୌଣସି ଶୁଳ୍କ ଲାଗିବ ନାହିଁ । ୟୁପିଆଇର ଦୀର୍ଘକାଳୀନ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ସୀମିତ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ଏକ ନିର୍ଦ୍ଦିଷ୍ଟ ସୀମା ଉପରେ ସାମାନ୍ୟ ଏମଡିଆର ଲାଗୁ କରାଯାଇପାରେ । ଭାରତ ସରକାର ଶନିବାର ସ୍ପଷ୍ଟ କରିଛନ୍ତି ଯେ ୟୁପିଆଇ ଜରିଆରେ ପେମେଣ୍ଟ କରୁଥିବା ୟୁଜର୍ସଙ୍କଠାରୁ କୌଣସି ଟ୍ରାଞ୍ଜାକ୍ସନ୍ ଚାର୍ଜ ନିଆଯିବ ନାହିଁ । ତେବେ ଭବିଷ୍ୟତରେ ସୀମିତ ସଂଖ୍ୟକ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ସାମାନ୍ୟ ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍ ଲାଗୁ କରାଯାଇପାରେ । ଅର୍ଥ ମନ୍ତ୍ରଣାଳୟ କହିଛି ଯେ ପର୍ସନ୍-ଟୁ-ପର୍ସନ୍ ୟୁପିଆଇ ଟ୍ରାଞ୍ଜାକ୍ସନ୍ ସମ୍ପୂର୍ଣ୍ଣ ମାଗଣା ରହିବ । ଏହା ବ୍ୟତୀତ, ୟୁପିଆଇ ଜରିଆରେ ହେଉଥିବା ଅଧିକାଂଶ ମର୍ଚାଣ୍ଟ ପେମେଣ୍ଟ ଉପରେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ । ସୀମିତ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁ ହୋଇପାରେ ଏମଡିଆର !

ସରକାରଙ୍କ ଅନୁଯାୟୀ, ଯଦି ଭବିଷ୍ୟତରେ ଏମଡିଆର ଲାଗୁ କରାଯାଏ, ତେବେ ଏହା କେବଳ କେତେକ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ଲଗାଯିବ, ଯାହା ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ ହୋଇଥିବ । ଏହାର ହାର ଅତି ସାମାନ୍ୟ ହେବ ଏବଂ ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ଟ୍ରାଞ୍ଜାକ୍ସନ୍ ଉପରେ ଲାଗୁଥିବା ଏମଡିଆର ତୁଳନାରେ ବହୁତ କମ୍ ହେବ । ସରକାର ସ୍ପଷ୍ଟ କରିଛନ୍ତି ଯେ ଏମଡିଆର ସମସ୍ତ ୟୁପିଆଇ ଟ୍ରାଞ୍ଜାକ୍ସନ୍ ଉପରେ ସମାନ ଭାବେ କିମ୍ବା ବ୍ୟାପକ ଭାବେ ଲାଗୁ ହେବ ନାହିଁ । ଏହା କେବଳ ଏକ ନିର୍ଦ୍ଦିଷ୍ଟ ସୀମା ଆଧାରରେ ସୀମିତ କାରବାର ଉପରେ ଲାଗୁ ହେବ ।

ପେମେଣ୍ଟ ଆଣ୍ଡ ସେଟେଲମେଣ୍ଟ ସିଷ୍ଟମ ଆକ୍ଟ ରେ ପ୍ରସ୍ତାବିତ ସଂଶୋଧନକୁ ନେଇ ଚାଲିଥିବା ଆଲୋଚନା ମଧ୍ୟରେ ଏହି ସ୍ପଷ୍ଟୀକରଣ ଆସିଛି । ସରକାର କହିଛନ୍ତି ଯେ କେତେକ ରିପୋର୍ଟରେ ଏହି ସଂଶୋଧନକୁ ସାଧାରଣ ୟୁପିଆଇ ୟୁଜର୍ସଙ୍କ ଉପରେ ଚାର୍ଜ ଲଗାଇବା ପଦକ୍ଷେପ ଭାବେ ଭୁଲ୍ ଭାବରେ ଉପସ୍ଥାପନ କରାଯାଇଥିଲା । ସରକାରଙ୍କ ଅନୁଯାୟୀ, ପିଏସଏସ୍ ଆକ୍ଟରେ ସଂଶୋଧନର ଉଦ୍ଦେଶ୍ୟ ହେଉଛି ୟୁପିଆଇର ଦୀର୍ଘକାଳୀନ ସ୍ଥାୟୀତ୍ୱ, ପ୍ରଯୁକ୍ତିବିଦ୍ୟାର ବିକାଶ ଏବଂ ବିପଦର ମୁକାବିଲା କରିବାର କ୍ଷମତାକୁ ମଜବୁତ୍ କରିବା ।

ବାହ୍ୟ ଚାପ ଦାବିକୁ ଭୁଲ୍ କହିଲେ ସରକାର ଅର୍ଥ ମନ୍ତ୍ରଣାଳୟ ସେହି ରିପୋର୍ଟଗୁଡ଼ିକୁ ମଧ୍ୟ ଖଣ୍ଡନ କରିଛି, ଯେଉଁଥିରେ ଦାବି କରାଯାଇଥିଲା ଯେ ୟୁପିଆଇ ସହ ଜଡ଼ିତ ନୀତିଗୁଡ଼ିକରେ ପରିବର୍ତ୍ତନ କୌଣସି ବାହ୍ୟ ଚାପ ଯୋଗୁଁ କରାଯାଉଛି । ସରକାର ଏହି ଦାବିଗୁଡ଼ିକୁ 'ଭିତ୍ତିହୀନ, ସମ୍ପୂର୍ଣ୍ଣ ଭୁଲ୍ ଏବଂ ବିଭ୍ରାନ୍ତିକର' ବୋଲି କହିଛନ୍ତି । ସରକାର କହିଛନ୍ତି ଯେ ଯଦି ବାହ୍ୟ ଚାପ କୌଣସି କାରଣ ହୋଇଥାନ୍ତା, ତେବେ ଭାରତ ୨୦୧୬ରେ ୟୁପିଆଇର ଶୁଭାରମ୍ଭ ହୋଇନଥାନ୍ତା ଏବଂ ଜାନୁଆରୀ ୨୦୨୦ରୁ ଏହାକୁ ନାଗରିକ ଓ ବ୍ୟବସାୟୀଙ୍କ ପାଇଁ ମାଗଣା ରଖାଯାଇ ନଥାନ୍ତା ।

ସରକାର ଆଉଥରେ ସ୍ପଷ୍ଟ କରିଛନ୍ତି ଯେ:

- ୟୁପିଆଇ ସାଧାରଣ ନାଗରିକଙ୍କ ପାଇଁ ମାଗଣା ରହିବ
- ଦୈନନ୍ଦିନ ୟୁପିଆଇ ପେମେଣ୍ଟ ଉପରେ ନାଗରିକଙ୍କଠାରୁ କୌଣସି ଚାର୍ଜ ନିଆଯିବ ନାହିଁ
- P2P ଟ୍ରାଞ୍ଜାକ୍ସନ୍ ସମ୍ପୂର୍ଣ୍ଣ ମାଗଣା ରହିବ
- ୟୁପିଆଇର ଅଧିକାଂଶ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ମଧ୍ୟ କୌଣସି ଶୁଳ୍କ ଲାଗିବ ନାହିଁ
- ଭବିଷ୍ୟତରେ ଏମଡିଆର ଲାଗୁ ହେଲେ ଏହା କେବଳ ସୀମିତ ମର୍ଚାଣ୍ଟ ଟ୍ରାଞ୍ଜାକ୍ସନ୍ ଉପରେ ହିଁ ଲାଗୁ ହେବ
- ଏମଡିଆରକର ହାର ସାମାନ୍ୟ ହେବ ଏବଂ ଏହା ନିର୍ଦ୍ଦିଷ୍ଟ ସୀମା ଆଧାରରେ ଲାଗୁ କରାଯିବ

# ପଡ଼ିକାଲଙ୍କ ଶତକ, ଭାରତ ୩୫୭/୬



କଲମ୍ବୋ,୮।୮(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚରେ ଦେବଦୂତ ପଡିକାଲ ଶତକୀୟ ଇନିଂସ ଖେଳିଛନ୍ତି। ୧୬୪ ବଲରୁ ୧୪୨ ରନର ଅପରାଜିତ ଇନିଂସ ତଥା ରବିନ୍ଦ୍ର ଜାଡେଜାଙ୍କ ୬୩ ରନର ଇନିଂସ ପାଇଁ ଭାରତ ଦ୍ୱିତୀୟ ଦିବସ ଷ୍ଟମ୍ପଅପସାରଣ ସୁଧା ୬ ୱିକେଟ ହରାଇ ୩୫୭ ରନ କରିଛି। ଗୁରନୁର ବ୍ରାର ୩୬ ରନ୍ କରି ଅପରାଜିତ ଅଛନ୍ତି। ପ୍ରଥମ ଇନିଂସରେ ଶ୍ରୀଲଙ୍କା କ୍ରିକେଟ ଏକାଦଶ ୯୦ ଓଭରରେ ୩୬୩/୮ ରନ କରି ପାଳି ଘୋଷଣା କରିଥିଲା। ଶ୍ରୀଲଙ୍କା ଇନିଂସରେ ନିଶାନ ଫର୍ଣ୍ଣାଣ୍ଡୋ ୬୬, ରବିନ୍ଦୁ ରସନ୍ତା ୭୧ ଓ ଅଧିନାୟକ ସୋନାଲ ଦିନୁଶ ୫୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଏହା ପୂର୍ବରୁ ଭାରତୀୟ ଦଳ ଅଭ୍ୟାସ ମ୍ୟାଚ ଖେଳି ୱାର୍ମ ଅପ୍ ହୋଇଛି।

ମ୍ୟାଚର ଦ୍ୱିତୀୟ ଦିନ ଭାରତୀୟ ବ୍ୟାଟର ପଡ଼ିଆକୁ ଓହ୍ଲାଇଥିଲେ। ବାମହାତି ଯଶସ୍ୱୀ ଜୟସ୍ୱାଲ ଓ ଅଧିନାୟକ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ। ଯଶସ୍ୱୀ ମାତ୍ର ଦୁଇଟି ବଲର ସମ୍ମୁଖ ହୋଇ ଖାତା ଖୋଲିବା ପୂର୍ବରୁ ଫର୍ଣ୍ଣାଣ୍ଡୋଙ୍କ ଶିକାର ହୋଇଥିଲେ। ଲୋକେଶ ରାହୁଲ ୭୬ ବଲ ଖେଳି ୫ ଚୌକା ଓ ଗୋଟିଏ ସହାୟତାରେ ୪୦ ରନ କରି ନୁଆନ୍ତାଙ୍କ ଶିକାର ହୋଇଥିଲେ। କିନ୍ତୁ ଦେବଦୂତ ପଡିକାଲ ଓ ରବିନ୍ଦ୍ର ଜାଡେଜା ଭାରତ ପାଇଁ ଦେବଦୂତ ସାଜିଥିଲେ। ପଡ଼ିକାଲ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୧୬୪ ବଲର ସମ୍ମୁଖୀନ ହୋଇଥିଲେ। ସେ ୧୮ଟି ଚୌକା ସହାୟତାରେ ଅପରାଜିତ ୧୪୨ ରନ କରିଛନ୍ତି। ଜାଡେଜା ୧୧୭ ବଲରୁ ୬୩ ରନ୍ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ପୁଣିଥରେ ଫେଲ ମାରିଛନ୍ତି ୱିକେଟରକ୍ଷକ ବ୍ୟାଟର ରିଷଭ ପନ୍ତ। ଆଇପିଏଲର ସବୁଠୁ ଦାମୀ ଖେଳାଳି ହେବା ସତ୍ତ୍ୱେ ପନ୍ତ ଗୋଟିଏ ବି ଭଲ ଇନିଂସ ଖେଳିପାରିନଥିଲେ। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ୱାର୍ମ ଅପ୍ ମ୍ୟାଚରେ ମଧ୍ୟ ପନ୍ତ ବିଫଳ ହୋଇଛନ୍ତି। ସେ ମାତ୍ର ଦୁଇ ରନ କରି ମେଣ୍ଡିସଙ୍କ ଶିକାର ହୋଇଥିଲେ। ଧ୍ରୁବ ଜୁରେଲ ମଧ୍ୟ ୯ ବଲରୁ କେବଳ ୧ ରନ କରିଥିଲେ। ମାନବ ସୂତାର ୪୧, କୁଲଦୀପ ଯାଦବ ୧, ମହମ୍ମଦ ସିରାଜ ୧ ଓ ସଚଂଶ ଜେନ ୨୨ ରନ୍ କରି ଆଉଟ୍ ହୋଇଥିଲେ। ଦେବଦୂତ ପଡିକାଲଙ୍କ ସହ ଗୁରନୁର ବ୍ରାର ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ। ଗୁରନୁର ୧୮ ବଲରୁ ୪ଟି ଛକା ଓ ଦୁଇଟି ଚୌକା ସହାୟତାରେ ୩୬ ରନ୍ କରି ଅପରାଜିତ ଅଛନ୍ତି। ଶ୍ରୀଲଙ୍କାର ଅଶଙ୍କା ମନୋଜ ଓ ରମେଶ ମେଣ୍ଡିସ ଦୁଇଟି ଲେଖାଏଁ, ବିଶ୍ୱ ଫର୍ଣ୍ଣାଣ୍ଡୋ ଓ କେଶରା ନୁଆନ୍ତା ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଛନ୍ତି। ମ୍ୟାଚର ଆଉ ଗୋଟିଏ ଦିନ ଖେଳ ବାକିଥିବା ବେଳେ ଭାରତ ପ୍ରଥମ ପାଳିରେ ୬ ରନ ପଛରେ ରହିଛି।

## ଶ୍ରୀଲଙ୍କା ଟେଷ୍ଟ ପୂର୍ବରୁ ସୁଦର୍ଶନ ବାଦ



ନୂଆଦିଲ୍ଲୀ,୮।୮(ଏଜେନ୍ସି): ଆଗାମୀ ୧୫ ତାରିଖରୁ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବାକୁ ଯାଉଛି ଭାରତ। ଏହି ଶୃଙ୍ଖଳା ଆରମ୍ଭ ହେବାର ସପ୍ତାହକ ପୂର୍ବରୁ ଭାରତର ଷ୍ଟାର ବ୍ୟାଟର ସାଇ ସୁଦର୍ଶନ ଆହତ ସମସ୍ୟା ଯୋଗୁଁ ଏହି ଶୃଙ୍ଖଳାରୁ ବିଧିବଦ୍ଧ ଭାବେ ବାଦ ପଡିଛନ୍ତି। ପାଦରେ ଆଘାତ ସମସ୍ୟା ଥିବା ସୁଦର୍ଶନଙ୍କୁ ୧୫ ଜଣିଆ ଦଳରେ ରଖାଯାଇଥିଲା। କିନ୍ତୁ ମ୍ୟାଚ ଖେଳିବା ତାଙ୍କ ଫିଟ୍‌ନେସ୍ ଉପରେ ନିର୍ଭର ବୋଲି ବିସିସିଆଇ କହିଥିଲା। ଏବେ ସୁଧା ଫିଟ ହୋଇନଥିବା ବେଳେ ଶ୍ରୀଲଙ୍କା ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚରେ ମଧ୍ୟ ସେ ନଜର ଆସି ନାହାନ୍ତି। ଏଥିପାଇଁ ତାଙ୍କୁ ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରୁ ବାଦ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ସୁଦର୍ଶନ ଏବେ ଭାରତୀୟ ଟେଷ୍ଟ ଦଳର ନଂ.୩ ବ୍ୟାଟର ଭାବେ ଖେଳୁଛନ୍ତି। ତାଙ୍କ ଅନୁପସ୍ଥିତିରେ ଦେବଦତ୍ତ ପଡିକାଲ ଖେଳିବା ଏକପ୍ରକାର ନିଶ୍ଚିତ ହୋଇଛି। କାରଣ ପଡିକାଲ ମଧ୍ୟ ସୁଦର୍ଶନଙ୍କ ଭଳି ବାମହାତୀ ବ୍ୟାଟର। ଶ୍ରୀଲଙ୍କା ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚରେ ସେ ଶତକ ହାସଲ କରିଛନ୍ତି। ତେଣୁ ସେ ହିଁ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ସହ ନଂ.୩ରେ ବ୍ୟାଟିଂ କରିବେ।

ସାଇ ସୁଦର୍ଶନ ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ତାଲିମ ନେଉଛନ୍ତି। ସେଠାରେ ତାଙ୍କ ବ୍ୟାଟିଂ ଓ ଫିଲ୍ଡିଂ ଡ୍ରିଲ୍ସ କରାଯାଉଛି। କିନ୍ତୁ ଅଗଷ୍ଟ ୧୫ରୁ ଆରମ୍ଭ ହେଉଥିବା ପ୍ରଥମ ଟେଷ୍ଟ ସୁଧା ଫିଟ ହେବାର ସମ୍ଭାବନା କମ ରହିଛି। ଅଗଷ୍ଟ ୪ରେ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିଥିବା ବେଳେ ସାଥୀରେ ସୁଦର୍ଶନ ଯାଇନଥିଲେ। ଶନିବାର ଦଳ ସହ ଯୋଗଦେବାର ଥିଲା। କିନ୍ତୁ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ରୂପେ ମୁକୁଳି ନାହାନ୍ତି। ତେଣୁ ତାଙ୍କୁ ସମଗ୍ର ଶୃଙ୍ଖଳାରୁ ବାଦ ଦିଆଯାଉଛି। ଖୁବ ଶୀଘ୍ର ବଦଳ ଖେଳାଳିଙ୍କ ନାଁ ବିସିସିଆଇ ଘୋଷଣା କରିପାରେ।

### ରାଜ୍ୟ ଜୁନିୟର ଆଥଲେଟିକ ମିଟ୍

## ଭାଗ ନେଲେ ୬୦୦ରୁ ଊର୍ଦ୍ଧ୍ୱ କନିଷ୍ଠ ଖେଳାଳି



ଭୁବନେଶ୍ୱର,୮।୮(ସବ୍ୟୁ): ରାୟରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୩ ଦିନିଆ ରାଜ୍ୟସ୍ତରୀୟ ୭୨ତମ ଜୁନିୟର ଆଥଲେଟିକ୍ ମିଟ ଜାରି ରହିଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଉତ୍ସବରେ ରାୟରଙ୍ଗପୁର ବିଧାୟକ ଜଲେନ ନାୟକ, ନଗରପାଳ ଅଭିଶେକ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ସୁରେଶ ଚନ୍ଦ୍ର ପାତ୍ର, ରାଜ୍ୟ ଆଥଲେଟିକ ଆସୋସିଏସନ ସଭାପତି ଜିଏସ ପଟ୍ଟନାୟକ, ରାଜ୍ୟ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଳ, ଉପସଭାପତି ଅଶୋକ ସାହୁ, ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଅଲିମ୍ପିଆନ ଡକ୍ଟର ଅନୁରାଧା ବିଶ୍ୱାଳ ପ୍ରତିଯୋଗିତାରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୩ ଦିନିଆ ଏହି କ୍ରୀଡା ମହୋତ୍ସବରେ କ୍ରୀଡାବିତମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ରାଜ୍ୟର କ୍ରୀଡା କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବେ ବୋଲି ଆଶା ପୋଷଣ କରାଯାଇଛି। କ୍ରୀଡାକ୍ଷେତ୍ର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରବୋଧ କୁମାର ମହାନ୍ତି, ଲାଲ ମୋହନ ମହାନ୍ତ, ବୀରଧାନ ମାରାଣ୍ଡି, ପ୍ରସାଦ ମହାନ୍ତ, ପୂର୍ଣ୍ଣିମା ହେମ୍ବ୍ରମ, ପୁଙ୍ଗା ସୁରେନ, କୁମାର ରଞ୍ଜନ ପଣ୍ଡା ଓ ପ୍ରଦୀପ କୁମାର ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ୧୬ ବର୍ଷ ବାଳକ ବର୍ଗର ୬୦ ମିଟର ଦୌଡ଼ରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ। ପଦକ ପ୍ରଦାନ ଉତ୍ସବରେ ଅନୁରାଧାଙ୍କ ସହ ସ୍ଥାନୀୟ ମୟୂରଭଞ୍ଜ ଭିଡିଓ ନାରାୟଣୀ ପଣ୍ଡା ଉପସ୍ଥିତ ଥିଲେ।

### ଅଲିମ୍ପିଆନ ଅନୁରାଧା ଅତିଥି

## ସ୍ୱର୍ଗତ ଅଶୋକ ମହାନ୍ତିଙ୍କ କ୍ରୀଡ଼ା ଓ କ୍ରୀଡ଼ାବିତ୍' ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର,୮।୮(ସବ୍ୟୁ): କ୍ରୀଡ଼ାମନ୍ତ୍ରୀ ଭାବରେ ମୁଁ ନିୟମିତ ସଂଖ୍ୟାଧିକ କାର୍ଯ୍ୟକ୍ରମରେ ସାମିଲ ହେଉଛି। ସବୁଖେଳ ପ୍ରତିଯୋଗିତାକୁ ନେଇ କାର୍ଯ୍ୟକ୍ରମ। କିନ୍ତୁ ଆଜି ଏହି ବିଶେଷ ଉତ୍ସବରେ କ୍ରୀଡ଼ା ପୁସ୍ତକର ଲୋକାର୍ପଣରେ ମୁଁ ଅତିଥି ସାଜିବା ମୋର ଏହା ପ୍ରଥମ ଅନୁଭୂତି। ଏହାମୋର ସୌଭାଗ୍ୟର କଥା। ଲୋକାର୍ପିତ ହୋଇଥିବା 'କ୍ରୀଡ଼ା ଓ କ୍ରୀଡ଼ାବିତ୍'ଙ୍କ ପ୍ରତ୍ୟକ ପୃଷ୍ଠାରେଏପରି ତଥ୍ୟ ସବୁ ସମ୍ମିଳିତ ହୋଇରହିଛି। ଯାହାକୁ ପଢ଼ିଲେ ସମସ୍ତେ ଆମୋଦିତ ହେବେ। ରାଜ୍ୟ କ୍ରୀଡ଼ାବିଭାଗ ଏହି ପୁସ୍ତକର କିପରି ବ୍ୟାପକ ବିତରଣ ହୋଇପାରିବ ସେ ଦିଗରେ ଯତ୍ନ ପ୍ରୟାସ କରିବ ବୋଲି ମୁଖ୍ୟ ଅତିଥି ଭାବରେ ଭାଷଣର ଖିଲାବେଳେ କହିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଶନିବାର ଅପରାହ୍ଣରେ ଭୁବନେଶ୍ୱର କଳିଙ୍ଗଷ୍ଟାଡିୟମ୍ ପରିସରରେ ଥିବା ଟେନିସ ଅଡିଟୋରିୟମ୍‌ରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ପରଲୋକ ଗତ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'କ୍ରୀଡ଼ା ଓ କ୍ରୀଡ଼ାବିତ୍'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଶୋକ ମହାନ୍ତି ସ୍ମୃତି କମିଟି ଏବଂ ଭୁବନେଶ୍ୱର କ୍ରୀଡ଼ା ସଂସଦ ମିଳିତ ସହଯୋଗରେ ଆୟୋଜିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂରଜଙ୍କ ସହବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର କ୍ରୀଡ଼ା ସଂସଦ ସମ୍ପାଦକ ଡ. ସୌର୍ଯ୍ୟ ରଂଜନ ପରିଜା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ବରିଷ୍ଠ ରେଳବାଇ ଅଧିକାରୀ ଦିଲ୍ଲୀପ ସାମନ୍ତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସଂଗଠକ ଜଗନ୍ନାଥ ପ୍ରଧାନ ଏବଂ ପ୍ରଶାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ଏହି ଉତ୍ସବରେ ଭାଷଣ ଦେଲାବେଳେ ଅଶୋକ ମହାନ୍ତିଙ୍କ ସହ ସମ୍ପର୍କର ସ୍ମୃତିଚାରଣ କରି ବକ୍ତାମାନେ ଓଡ଼ିଶାକ୍ରୀଡ଼ାର ବିକାଶରେ ତାଙ୍କ ଯୋଗଦାନର କଥା ବିସ୍ତୃତ ଭାବେ କହିଥିଲେ। ଓଡ଼ିଶା ଅଲିମ୍ପିକ ସଂଘ ଏହି ପୁସ୍ତକକୁ ପ୍ରଥମ ଗ୍ରାହକ ଭାବେ କିଣି ସବୁ ଦିନ ଆଥଲେଟିକ୍ ସଂଘକୁ ପଠାଇବ ବୋଲି ଘୋଷଣା କରିଥିଲେ ସମୀର ମହାନ୍ତି। ଏହି ଅବସରରେ ପୁସ୍ତକର ପ୍ରକାଶିକାଲି ଜାଶ୍ରୀବିଶୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅଶୋକ ମହାନ୍ତିଙ୍କ ଝିଅ ଅମ୍ରିତା ମହାନ୍ତି ଓ ଜର୍ମାନୀରେ ରହୁଥିବା ଭ୍ୱାଇଁ ସଂଗ୍ରାମ ମହାନ୍ତିଙ୍କୁ ପ୍ରଥମ ପୁସ୍ତକ ଉପହାର ଆକାରରେ ଦିଆଯାଇଥିଲା। କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତଏହି ଉତ୍ସବରେ ଅର୍ଜୁନ ବିଜୟିନୀ ମିନତି ମହାପାତ୍ର, କ୍ରିକେଟ କୋଚ କିଶୋର ମାଣିଆ, ବିଶିଷ୍ଟ ସଂଗଠକ ମକବୁଲ ଅଲ୍ଲୀ, କ୍ରୀଡ଼ା ଫିଜିଓଡାକ୍ତର ମୁକ୍ତିପ୍ରସାଦ ଦାଶ, କୋଚ ଅରୁଣ ଦାସ, ଲଳିତ ମହାନ୍ତି, ରାଜେଶ ସିଂଙ୍କ ସହ ବହୁକ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ା ସାମ୍ବାଦିକମାନେ ସାମିଲ ହୋଇଥିଲେ।

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

## ଜାତୀୟ ଜୁନିୟର ପୁରୁଷ ହକି: ଓଡ଼ିଶା ଚାମ୍ପିଅନ




ଭୁବନେଶ୍ୱର,୮।୮(ସବ୍ୟୁ): ତାମିଲନାଡୁର କୋଏମ୍ବାଟୋର୍‌ରେ ଖେଳାଯାଇଥିବା ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିଅନସିପର ଫାଇନାଲରେ ଓଡ଼ିଶା ହକି ଦଳ ଚାମ୍ପିଅନ୍ ହୋଇଛି। ଶନିବାର ଖେଳାଯାଇଥିବା ହାଇ-ଭୋଲ୍ଟେଜ୍ ଫାଇନାଲ୍ ମ୍ୟାଚ୍‌ରେ ଓଡ଼ିଶା ୨–୧ ଗୋଲ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ମ୍ୟାଚ୍ ଆରମ୍ଭର ମାତ୍ର ୨ ମିନିଟ୍‌ରେ ମନଦୀପ କେରକେଟା ଏକ ଚମତ୍କାର ଗୋଲ୍ ଦେଇ ଓଡ଼ିଶାକୁ ୧–୦ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟରର ୭ମ ମିନିଟ୍‌ରେ ମଧ୍ୟପ୍ରଦେଶର ସୋହିଲ୍ ଅଲ୍ଲୀ ପେନାଲ୍ଟି କୋର୍ନରରୁ ଡ୍ରାଗ୍-ଫ୍ଲିକ୍ ମାଧ୍ୟମରେ ଗୋଲ୍ ଦେଇ ସ୍କୋର ୧–୧ ବରାବର କରିଥିଲେ। ଏହାର ୮ ମିନିଟ୍ ପରେ ଦୀପକ ପ୍ରଧାନ ପେନାଲ୍ଟି କୋର୍ନରର ସୁନ୍ଦର ଭାରିଏସନ୍‌ରୁ ଗୋଲ୍ କରି ଓଡ଼ିଶାକୁ ୨–୧ରେ ଆଗୁଆ କରିଥିଲେ। ଶେଷ କ୍ୱାର୍ଟରରେ କୌଣସି ଦଳ ଗୋଲ୍ ଦେଇପାରି ନଥିବାରୁ ଓଡ଼ିଶା ବିଜୟୀ ହୋଇଥିଲା। ଜୁନିୟର ଜାତୀୟ ଚାମ୍ପିୟନସିପରେ ଓଡ଼ିଶାର ଏହା ୫ମ ଟାଇଟଲ୍ ବିଜୟ। ସର୍ବାଧିକ ୬ ଥର ଚାମ୍ପିଅନ୍ ହୋଇଥିବା ପଞ୍ଜାବ ପଛକୁ ଓଡ଼ିଶା ଏବେ ଦ୍ୱିତୀୟ ସଫଳତମ ଦଳ ଭାବେ ରହିଛି। ଓଡ଼ିଶା ସେମିଫାଇନାଲ୍‌ରେ ଶକ୍ତିଶାଳୀ ପଞ୍ଜାବକୁ ୬–୪ ଗୋଲ୍‌ରେ ହରାଇଥିବା ବେଳେ ମଧ୍ୟପ୍ରଦେଶ ୨–୦ ଗୋଲ୍‌ରେ ଝାଡ଼ଖଣ୍ଡକୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲା। ସେହିପରି ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ପଞ୍ଜାବ ୬–୩ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି।

## ଜାତୀୟ ଓପନ ଚେସରେ ସାତ୍ତ୍ୱିକ ସ୍ୱାଇଁ ଦ୍ୱିତୀୟ




ଭୁବନେଶ୍ୱର,୮।୮(ସବ୍ୟୁ): ଦଶ ବର୍ଷୀୟ ଓଡ଼ିଶାର ବିସ୍ମୟ ଚେସ ଖେଳାଳି କ୍ୟାଣ୍ଡିଡେଟ୍ ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ ମାଙ୍ଗାଲୋରରେ ଅନୁଷ୍ଠିତ ୧୧ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ମୋଟ ୧୧ ରାଉଣ୍ଡ ରୁ ୯ ଟି ବିଜୟ, ଏବଂ ଗୋଟିଏ ଡ୍ର ସହିତ ୯.୫ ପଏଣ୍ଟ ସ୍କୋର କରିବା ସହ ଗୁରୁତ୍ୱପୂର୍ଣ୍ଣ ୬୦ ରୁ ଅଧିକ ଏଲୋ ରେଟିଂ ପଏଣ୍ଟ ବୃଦ୍ଧି କରି ବିଶ୍ୱ ଯୁବ ଚେସ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପଞ୍ଚମ ସିଡ୍ ସାତ୍ତ୍ୱିକ ପ୍ରାୟ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଶୀର୍ଷ ବୋର୍ଡରେ ଖେଳିଥିଲେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଟୁର୍ଣ୍ଣାମେଣ୍ଟର ଶୀର୍ଷ ମାନ୍ୟତାପ୍ରାପ୍ତ ଏକ ନମ୍ବର ଖେଳାଳି ମହାରାଷ୍ଟ୍ରର ଫିଡେ ମାଷ୍ଟର ଆଡଭିକ ଅଗ୍ରୱାଲ ଙ୍କୁ ୧୦ ମ ରାଉଣ୍ଡ ରେ ପରାସ୍ତ କରିବା। ମୋଟ ୪୧୨ ଜଣ ପ୍ରତିଯୋଗୀ ଓପନ୍ ସେକ୍ସନରେ ଖେଳିଥିଲେ। ତାମିଲନାଡୁର ଜୟ ରମଣଙ୍କ ଠାରୁ ସାତ୍ତ୍ୱିକ ଙ୍କ ଷଷ୍ଠ ରାଉଣ୍ଡ ହାରିବା ଚାମ୍ପିଅନ ହେବା ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପରେ ମହାନ ପ୍ରତ୍ୟାବର୍ତ୍ତନ କରି ଲଗାତାର ୫ ରାଉଣ୍ଡ ଜିତି ସମ୍ମାନଜନକ ଦ୍ୱିତୀୟ ସ୍ଥାନ ହାସଲ କରି ଆକର୍ଷଣୀୟ ଟ୍ରଫି ଓ ୬୦,୦୦୦ ଟଙ୍କାର ପୁରସ୍କାର ରାଶି ପାଇଥିଲେ। ପଶ୍ଚିମବଙ୍ଗର ଫାଇଡ ମାଷ୍ଟର ମଣି ସାଢ଼େ ଦଶ ପଏଣ୍ଟ ସହ ପ୍ରଥମ ସ୍ଥାନ, ସାତ୍ତ୍ୱିକ ସାଢ଼େ ୯ ପଏଣ୍ଟ ସହ ଦ୍ୱିତୀୟ ଏବଂ ଟପ୍ ସିଡ୍ ଅଦଭିକ ଅଗରୱାଲ ୯ ପଏଣ୍ଟ ସହ ତୃତୀୟ ସ୍ଥାନ ଜିତିଥିଲେ। ସାତ୍ତ୍ୱିକ ଭୁବନେଶ୍ୱରର ସମ୍ବିତ ଏବଂ ସୋନମ୍ ଙ୍କ ଶୁ ପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ରାଜ୍ୟ ଚେସ ସଂଘ ର ସମସ୍ତ କର୍ମକର୍ତ୍ତାଙ୍କ ସହ ସଭାପତି ସତ୍ୟ ରଂଜନ ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି।

## ଲଦାଖ ମାରାଥନ ପୁରସ୍କାର ରାଶି ୧ କୋଟି

ନୂଆଦିଲ୍ଲୀ,୮।୮(ଏଜେନ୍ସି): ଲଦାଖ ମାରାଥନ ପୁରସ୍କାର ରାଶି ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଆୟୋଜକ ପୁରସ୍କାର ରାଶି ବୃଦ୍ଧି ନେଇ ଶନିବାର ଘୋଷଣା କରିଛନ୍ତି। ଲଦାଖ ମାରାଥନ ୧୦ ସେପ୍ଟେମ୍ବରରୁ ଆରମ୍ଭ ହେବ ଓ ୧୩ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଚଳିତ ବର୍ଷ ଦେଶ ଓ ବିଦେଶର ପାଖା ପାଖି ଧାବକ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ପୂର୍ବାନୁମାନ କରିଛନ୍ତି। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଭାରତର ୨୮ ରାଜ୍ୟ ଓ ୬ କେନ୍ଦ୍ରଶାସିତ ଅଞ୍ଚଳର ଧାବକ ଅଂଶଗ୍ରହଣ କରିବେ। ଆୟୋଜକ ଅନୁସାରେ କେବଳ ଦେଶ ନୁହେଁ ବିଭିନ୍ନ ଦେଶର ଧାବକ ଅଂଶଗ୍ରହଣ କରିବ। କେନ୍ଦ୍ରଶାସିତ ଲଦାଖର ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସଚିବ ରଞ୍ଜିତ ରୋଡ୍ରିଗ୍ସ କହିଛନ୍ତି ଲଦାଖ ଉପରାଜ୍ୟପାଳ ପୁରସ୍କାର ରାଶିକୁ ବଢ଼ାଇବାକୁ ୧ କୋଟି ଟଙ୍କା କରିବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରୀଡା ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଓ ଖେଳାଳିଙ୍କ ଲାଗି ଅଧିକ ଅବସର ସୃଷ୍ଟି କରିବା ଲାଗି ଆମ ସଂକଳ୍ପକୁ ଦର୍ଶାଉଛି।

ଫୁଲ ମାରାଥନ, ହାପ ମାରାଥନ, ୧୧.୨ କିମି ଦୌଡ଼, ୫ କିମି ଦୌଡ଼ ଓ ରନ ଫର ଫନ୍ ସହିତ ବିଶ୍ୱର ଦୁଇ ଆହ୍ୱାନପୂର୍ଣ୍ଣ ଲଙ୍ଗରନ ୭୨ କିଲୋମିଟର ଖାରଦୁଙ୍ଗ ଲା ଚ୍ୟାଲେଞ୍ଜ ଓ ୧୨୨ କିମି ସିଲକ୍ ଲୁଟ ଅଲ୍ଟା ଆୟୋଜିତ ହେବ। ଲଦାଖ ମାରାଥନ ଦୀର୍ଘବର୍ଷରୁ ଚ୍ୟାଲେଞ୍ଜ ରହିଆସିଛି। ଏଥିରେ କେନ୍ଦ୍ର ଶାସିତ ପ୍ରଦେଶ ସରକାର ପୁରସ୍କାର ରାଶି ବୃଦ୍ଧି କରିବା ଧାବକଙ୍କ ମନୋବଳକୁ ବଢ଼ାଇବ ବୋଲି ବେଶ ସହାୟକ ହୋଇପାରେ ବୋଲି ପ୍ରର୍ଯ୍ୟଟନ ଓ ବିଭାଗ ସଚିବ ରୋଡ୍ରିଗ୍ସ କହିଛନ୍ତି।

## ଆଇପିଏଲରୁ ଓହରିବେ ଅଷ୍ଟ୍ରେଲିଆ ଖେଳାଳି



ନୂଆଦିଲ୍ଲୀ,୮।୮(ଏଜେନ୍ସି): ଆଇପିଏଲ-୨୦୨୭ ସଂସ୍କରଣରେ ଅଷ୍ଟ୍ରେଲିଆର ଦୁଇ ପ୍ରମୁଖ ଖେଳାଳିଙ୍କ ଅଂଶଗ୍ରହଣକୁ ନେଇ ଚିନ୍ତା ବଢ଼ିଛି। ଦଳର ମୁଖ୍ୟ କୋଚ ଆଣ୍ଡ୍ରୁ ମ୍ୟାକ ଡୋନାଲ୍ଡ ସୂଚନା ଦେଇଛନ୍ତି ଯେ, ଆଗାମୀ ୧୨ ମାସ ମଧ୍ୟରେ ଅଷ୍ଟ୍ରେଲିଆ ୨୦ଟି ଟେଷ୍ଟ ସହ ୩୪ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିବାକୁ ପଡ଼ିବ। ଏହି ବ୍ୟସ୍ତବହୁଳ ସୂଚୀ ଏବଂ ଖେଳାଳିଙ୍କ ୱାକଲୋଡକୁ ଦୃଷ୍ଟିରେ ରଖି କଠୋର ନିଷ୍ପତ୍ତି ନିଆଯାଇପାରେ। ଆଗାମୀ ବର୍ଷକ ମଧ୍ୟରେ ଅଷ୍ଟ୍ରେଲିଆ ଦଳ ବାଂଲାଦେଶ, ଦ.ଆଫ୍ରିକା, ନ୍ୟୁଜିଲାଣ୍ଡ ଏବଂ ଭାରତ ବିପକ୍ଷରେ ମୋଟ୍ ୨୦ଟି ଟେଷ୍ଟ ମ୍ୟାଚ ଖେଳିବ। ଏହା ସହ ଜିମ୍ବାୱେ, ଦ.ଆଫ୍ରିକା ଏବଂ ଇଂଲଣ୍ଡ ବିପକ୍ଷରେ ସୀମିତ ଓଭର ଶୃଙ୍ଖଳା, ଜୁନ, ଜୁଲାଇ ୨୦୨୭ରେ ଇଂଲଣ୍ଡରେ ଆସେସ ଶୃଙ୍ଖଳା ଏବଂ ବର୍ଷ ଶେଷରେ ବିଶ୍ୱକପ ଖେଳାଯିବ। ମେକଡୋନାଲ୍ଡ କହିଛନ୍ତି ଖେଳାଳିଙ୍କ ଦକ୍ଷତା ବୃଦ୍ଧିରେ ଆଇପିଏଲ ସହାୟକ ହୋଇଥାଏ। ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ଖେଳାଳିଙ୍କୁ ଆଇପିଏଲ ଖେଳିବାକୁ ଅନୁମତି ଦିଆଯାଇପାରେ। କିନ୍ତୁ ପରିସ୍ଥିତିକୁ ଦେଖି ପରବର୍ତ୍ତୀ ସମୟରେ ନିଷ୍ପତ୍ତି ବଦଳା ଯିବ। ଦ୍ରୁତ ବୋଲର ପାର୍ଟ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋସ ହାଜଲେଉଡଙ୍କ ଶାରୀରିକ ଫିଟନେସ ଓ କ୍ଳାନ୍ତି ଉପରେ ଦଳ ମ୍ୟାନେଜମେଣ୍ଟ ସବୁଠାରୁ ଅଧିକ ନଜର ରଖିଛି। ପ୍ରତିଟି ଟେଷ୍ଟ ମ୍ୟାଚ ପରେ ଖେଳାଳିଙ୍କ ଫିଟନେସ ଆକଳନ କରାଯିବ। ବିଶେଷକରି ଭାରତ ଗସ୍ତ ଶେଷ ହେବା ପରେ ହିଁ ଖେଳିବା ନେଇ ଚୂଡାନ୍ତ ନିଷ୍ପତ୍ତି ନିଆଯିବ। ୨୦୨୩ରେ କମିନ୍ସ, ଷ୍ଟାର୍କ ଓ ହେଡ ବିଶ୍ରାମ ନେଇଥିଲେ। ଯାହା ଫଳରେ ସେମାନେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ, ଆସେସ ଓ ବିଶ୍ୱକପ ଜିତିବାରେ ସଫଳ ହୋଇଥିଲେ। ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡର ଏହି ରଣନୀତି ଯୋଗୁଁ ୨୦୨୭ରେ ଅନେକ ଅଷ୍ଟ୍ରେଲିଅ ତାରକା ଆଇପିଏଲରୁ ବିଶ୍ରାମ ନେବାର ସମ୍ଭାବନା ଦେଖାଦେଇଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି